# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ମେ ୭ /୨୦୧୯ (୧୬ ପୃଷ୍ଠା) Rayagada, Tuesday, May 7 / 2019 ★

୯ମ ଭାଗ ୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଗୀତ ବିନା ଶୋଉ ନ ଥିଲେ ଟାଇଗର**

ଟାଇଗର ପିଲା ଥିଲାବେଳେ 'ମେଁ ଖିଲାଡି ତୁ ଅନାଡି'ର ଗୀତ 'ଚୁରାକେ ଦିଲ୍ ତେରା' ନ ଶୁଣିଲେ ଶୋଉ ନ ଥିଲେ ବୋଲି ତାଙ୍କ ପିତା ଜ୍ୟାକି ଶ୍ରଫ୍ ପ୍ରକାଶ କରିଛନ୍ତି।

୦୨

୧୬

**ଭାରତ ପାଇଁ ବିଶ୍ୱକପ୍ ସୁଯୋଗ**

ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଭାରତ ପାଇଁ ଟ୍ରଫି ଜିତିବାର ସୁବର୍ଣ୍ଣ ସୁଯୋଗ ରହିଛି ବୋଲି ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର କହିଛନ୍ତି।



■ ବାତ୍ୟାଞ୍ଚଳ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ

# ଓଡ଼ିଶାର ଦାବି ୧୭ ହଜାର କୋଟି

ଭୁବନେଶ୍ୱର,୬।୫(ବ୍ୟୁରୋ)

ବାତ୍ୟା ମୁକାବିଲା ପାଇଁ ଓଡ଼ିଶାକୁ କେନ୍ଦ୍ର ସରକାର ତତ୍କାଳ ୧ ହଜାର କୋଟି ଟଙ୍କା ଯୋଗାଇଦେବେ। ଏଥିସହିତ ବାତ୍ୟାରେ ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ। ବାତ୍ୟା ଅଞ୍ଚଳ ପରିଦର୍ଶନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି।

ସୋମବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପୁରୀ ସମେତ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଆକାଶମାର୍ଗରୁ ଦେଖିଥିଲେ। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଅନୁଧ୍ୟାନ କରିବା ପରେ ପ୍ରଧାନମନ୍ତ୍ରୀ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକ ଶେଷରେ ପ୍ରଧାନମନ୍ତ୍ରୀ ବାତ୍ୟା ପରବର୍ତ୍ତୀ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବାତ୍ୟା ଯୋଗୁ ରାଜ୍ୟରେ ଭୟାବହ ☞ପୃଷ୍ଠା-୪



ଆକାଶମାର୍ଗରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟାଞ୍ଚଳ ଦେଖୁଛନ୍ତି।

- ■ ପୁଣି ସ୍ୱତନ୍ତ୍ର ପାହ୍ୟା ରାଜ୍ୟ କଥା ଉଠାଇଲେ ନବୀନ
- ■ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ୧୦ ହଜାର କୋଟି
- ■ ୫ ଲକ୍ଷ ପକ୍କାଘର ପାଇଁ ୭ ହଜାର କୋଟି
- ■ ତତ୍କାଳ ସହାୟତା ୧ ହଜାର କୋଟି ଦେବାକୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା
- ■ ମୃତକଙ୍କ ପରିବାରକୁ ୨ ଲକ୍ଷ, ଆହତଙ୍କୁ ୫୦ ହଜାର
- ■ ବାତ୍ୟା ମୁକାବିଲା ନେଇ ରାଜ୍ୟ ସରକାରଙ୍କୁ ପ୍ରଶଂସା

## ବଦଳିଲେ ୩ ଜିଲାପାଳ

ଭୁବନେଶ୍ୱର,୬।୫(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ଫନୀ' ଦ୍ୱାରା ବହୁଳ ପ୍ରଭାବିତ ୩ ଜିଲାର ଜିଲାପାଳଙ୍କୁ ବଦଳି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ଏ ନେଇ ସୋମବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ଫନୀରେ ସର୍ବାଧିକ ପ୍ରଭାବିତ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ବଦଳରେ ବଲୱନ୍ତ ସିଂଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଖୋର୍ଦ୍ଧା ଜିଲାପାଳ ନିର୍ମଳ ମିଶ୍ରଙ୍କ ସ୍ଥାନରେ ଭୂପିନ୍ଦର ସିଂ ପୁନିଆଙ୍କୁ ଦାୟିତ୍ୱ ମିଳିଛି। କେନ୍ଦ୍ରାପଡା ଜିଲାପାଳ ଦାଶରଥୀ ଶତପଥୀଙ୍କ ☞ପୃଷ୍ଠା-୪

## ମାଦଳଙ୍କୁ ଦଣ୍ଡ ନାହିଁ

ଭୁବନେଶ୍ୱର, ୬।୫ (ବ୍ୟୁରୋ)

ବାତ୍ୟା 'ଫନୀ'କୁ ମୁକାବିଲା କରିବାରେ ସମ୍ପୂର୍ଣ୍ଣ ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଅଧିକାରୀଙ୍କୁ ଏବେ ବଦଳି କରାଯାଇଛି। ଏହି ବଦଳିକୁ ଦଣ୍ଡ ଭାବେ ନିଆଯାଉଛି। ପ୍ରକୃତରେ ଏହାର ଅର୍ଥ ବୁଝିବା କଷ୍ଟକର। ଛାତ୍ରୀଛାତ୍ର ମଧ୍ୟ ବର୍ଷସାରା ପରୀକ୍ଷା ଦିଅନ୍ତି ନାହିଁ। ବର୍ଷକରେ ଥରେ ପରୀକ୍ଷା ଆସିଲେ ସେଥିରେ କିଏ ଉତ୍ତୀର୍ଣ୍ଣ ହେଲା ଏବଂ କିଏ ଅକୃତକାର୍ଯ୍ୟ ହେଲା ସେଥିରୁ ଜଣାପଡ଼ିଥାଏ। ଯିଏ ଉତ୍ତୀର୍ଣ୍ଣ ହେଲା ସିଏ ଉପର କ୍ଲାସକୁ ଗଲା। ଅନ୍ୟପଟେ ଯିଏ ଅସଫଳ ହେଲା ସିଏ ଦଣ୍ଡିତ ହୋଇ ସେହି ଶ୍ରେଣୀରେ ରହିଲା। ଫଳସ୍ୱରୂପ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅସମ୍ମାନିତ ହେବାକୁ ପଡ଼ିଥାଏ ଏବଂ ଗୋଟିଏ ବର୍ଷ ପାଇଁ ସେମାନେ ସୁଯୋଗ ହରାଇଥାଆନ୍ତି। କିନ୍ତୁ ସରକାରୀ କର୍ମଚାରୀଙ୍କ ପାଇଁ ନ୍ୟାୟ ସମ୍ପୂର୍ଣ୍ଣ ଭିନ୍ନ। କଦବା କ୍ୱଚିତ ଫନୀ ଭଳି ବାତ୍ୟା ସେମାନଙ୍କ ଦକ୍ଷତାର ପରୀକ୍ଷା କରିଥାଏ। ସେଥିରେ ଉତ୍ତୀର୍ଣ୍ଣ ହୋଇଥିବା ଅଫିସରଙ୍କୁ ଓ ସମଗ୍ର ସରକାରକୁ ପ୍ରଶଂସା ମିଳିଥାଏ। ଅନ୍ୟପଟେ ଯିଏ ଜନସାଧାରଣଙ୍କୁ ହଇରାଣ ହରକତ କରି ଘରେ ବସିପଡ଼େ, ସେଭଳି ପ୍ରଶାସନିକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅସ୍ୱାଭାବିକତା ବେଳେ ଏକତା**

**ଆଜିର ମନ୍ତବ୍ୟ**

" ଆମ ଗଣତନ୍ତ୍ରକୁ ସମୃଦ୍ଧ କରିବା ଏବଂ ଭାରତର ଉନ୍ନତ ଭବିଷ୍ୟତ ଲାଗି ଭୋଟ ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ ମାର୍ଗ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮ରେ ଭାରତ ୫୮.୯ ବିଲିୟନ ଡଲାରର ଆମେରିକୀୟ ସାମଗ୍ରୀ ଓ ସେବା ଆମଦାନି କରିଛି।

-ବାଣିଜ୍ୟ ମନ୍ତ୍ରଣାଳୟ

# ରିଲିଫ ପାଇଁ ପାଣ୍ଠି ନାହିଁ



କଣାସ ବ୍ଲକ ଅଣ୍ଡାଳସିଂ ଗାଁ ମୁଣ୍ଡରେ ଭାଙ୍ଗିପଡ଼ିଥିବା ଘର। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଭୁବନେଶ୍ୱର, ୬।୫(ବ୍ୟୁରୋ)

ବାତ୍ୟା 'ଫନୀ' ପ୍ରଭାବରେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମୁଖ୍ୟତଃ ପୁରୀ ଜିଲାର ବହୁତଗୁଡ଼ିଏ ସ୍ଥାନରେ କ୍ଷୟକ୍ଷତି ଏତେ ମାତ୍ରାରେ ହୋଇଛି ଯେ, ଉକ୍ତ ଅଞ୍ଚଳଗୁଡିକ ପ୍ରାୟ ୧୦ରୁ ୧୫ବର୍ଷ ପଛକୁ ଚାଲିଯାଇଥିବା ଲୋକେ ଆଲୋଚନା କରୁଛନ୍ତି। ଏହିସବୁ ସ୍ଥାନରେ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଏବଂ ଟେଲିଫୋନ ସେବା ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ସେଗୁଡିକ କେତେଶୀଘ୍ର ଲୋକଙ୍କ ପାଖରେ ପହଞ୍ଚାଯାଇପାରିବ ତାହା ପ୍ରଶାସନିକ ଅଧିକାରୀମାନଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକମାନଙ୍କ ହେତୁ ବାହାରେ ରହିଛି। କେହି

**ଖର୍ଚ୍ଚ ପାଇଁ କେନ୍ଦ୍ରୀୟ ଅର୍ଥକୁ ଅପେକ୍ଷା**

ହେଲେ ଏହାର ଆକଳନ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ୧୯୯୯ ମହାବାତ୍ୟା ବେଳେ ସରକାରଙ୍କ ପାଖରେ ଆଜିଭଳି ସୁବିଧା ସୁଯୋଗ ନ ଥିଲା ଏବଂ ସେତେବେଳେ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ଏପରି କି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଘରେ ପହଞ୍ଚି ତାଙ୍କ ସାକ୍ଷାତ୍‌କାର ଆଣୁଥିବା ଗଣମାଧ୍ୟମକୁ ସେ କହିଥିଲେ, ଘରୁ ବାହାରିବାରେ ତାଙ୍କ ଅକ୍ଷମତା ଯୋଗୁ କୌଣସି ସରକାରୀ ସାହାଯ୍ୟ ଲୋକଙ୍କୁ ଯୋଗାଇ ପାରୁନାହିଁ। ବର୍ତ୍ତମାନ, ଦୀର୍ଘ ୨୦ବର୍ଷ ପରେ, ସବୁ ପ୍ରକାର ସାଧନର ଅତ୍ୟାଧୁନିକତା ☞ପୃଷ୍ଠା-୪

# ପାଟକୁରା ନିର୍ବାଚନ ୨ ମାସ ଘୁଞ୍ଚିଲା

ଭୁବନେଶ୍ୱର,୬।୫(ବ୍ୟୁରୋ)

ଆସନ୍ତା ୧୯ ତାରିଖରେ ହେବାକୁ ଥିବା ପାଟକୁରା ବିଧାନସଭା ନିର୍ବାଚନକୁ ପୁଣି ଥରେ ଘୁଞ୍ଚାଇ ଦିଆଯାଇଛି। ମେ ୩ ତାରିଖରେ ବାତ୍ୟା 'ଫନୀ' କେନ୍ଦ୍ରାପଡ଼ା ସମେତ ଉପକୂଳବର୍ତ୍ତୀ ଜିଲା ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଆଦି ଜିଲାରେ ବ୍ୟାପକ କ୍ଷତି ଘଟାଇଛି। ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ନିର୍ବାଚନକୁ ପୁଣି ୨ ମାସ ପାଇଁ ଘୁଞ୍ଚାଇ ଦେଇଛନ୍ତି। ତେବେ କେତେ ତାରିଖରେ ନିର୍ବାଚନ ହେବ ସେ ନେଇ ଚୂଡ଼ାନ୍ତ ସୂଚନା ଦିଆଯାଇ ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ବେଦପ୍ରକାଶଙ୍କ ଦେହାନ୍ତ ପରେ ବିଜେଡି ପାଟକୁରାର ତାଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରିଛି। ସେ ତାଙ୍କର ନାମାଙ୍କନ ଏପ୍ରିଲ ୩୦ ତାରିଖରେ ଦାଖଲ କରିଛନ୍ତି। ଦୀର୍ଘ ଗତ ଦୁଇ ଦଶନ୍ଧି ଧରି କ୍ଷମତାରୁ ଦୂରରେ ☞ପୃଷ୍ଠା-୪





NECC NATIONAL EGG CO-ORDINATION COMMITTEE 06.05.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 104 | 163 | 173 |
| BDK | 104 | 163 | 173 |
| BLS | 104 | 163 | 173 |
| ANG | 104 | 163 | 173 |

*Conditions Apply

Eggs Retail Price- 44/-Dozen

Issued in the Interest of Consumers





ସାମ୍ପ୍ରଦାୟିକ ଧ୍ରୁବୀକରଣକୁ ଶାଣିତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଥ୍ୟାର ଆଶ୍ରୟ ନେଉଛନ୍ତି ।
- ସୀତାରାମ ୟେଚୁରୀ, ସିପିଆଇ(ଏମ୍) ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ପାନାମା ରାଷ୍ଟ୍ରପତି ନିର୍ବାଚନ
### କୋର୍ଟିଜୋ ବିଜୟୀ



**ପାନାମା ସିଟି,୬।୫(ଏଏଫ୍‌ପି)**-ରବିବାର ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ପାନାମାର ପୂର୍ବତନ ମନ୍ତ୍ରୀ ଲାଉରେଣ୍ଟିନୋ କୋର୍ଟିଜୋ ବିଜୟୀ ହୋଇଛନ୍ତି। ତେବେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ସାମାନ୍ୟ ବ୍ୟବଧାନ ରହିଥିବାରୁ ଦେଶର ନିର୍ବାଚନ ଟ୍ରିବ୍ୟୁନାଲ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରିନାହାନ୍ତି। ଜନମତ କୋର୍ଟିଜୋଙ୍କ ସପକ୍ଷରେ ଥିଲା। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ରୋମୁଲୋ ରୋଉକ୍ସଙ୍କଠାରୁ ୧୦ ପଏଣ୍ଟ ଅଗ୍ରଣୀ ରହିବେ ବୋଲି ଗଣମାଧ୍ୟମଗୁଡିକ ପୂର୍ବାନୁମାନ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ରିକାର୍ଡୋ ଲୋମ୍ବାନା ତୃତୀୟ ସ୍ଥାନରେ ରହିଛନ୍ତି।

### 'ଭେଲା' ବୁଡ଼ାଜାହାଜର ଜଳାବତରଣ

**ମୁମ୍ବାଇ,୬।୫(ପି.ଟି.)**-ଅତ୍ୟାଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳରେ ସମୃଦ୍ଧ ସ୍କୋର୍ପେନ୍ ଶ୍ରେଣୀର ବୁଡ଼ାଜାହାଜ 'ଭେଲା'ସୋମବାର ଜଳାବତରଣ କରିଛି। ନୌବାହିନୀରେ ସାମିଲ ହେବା ପୂର୍ବରୁ ଏହାର ଏକାଧିକ ପରୀକ୍ଷା କରାଯିବ ବୋଲି ଜଣେ ପଦାଧିକାରୀ କହିଛନ୍ତି। ଏହା ହେଉଛି ଫ୍ରାନ୍ସର ଏମ୍‌ଏସ ନାଭାଲ ଗ୍ରୁପ୍ ସହାୟତାରେ ମାଜାଗାଓଁ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ ଦ୍ୱାରା ନିର୍ମିତ ଚତୁର୍ଥ ବୁଡ଼ାଜାହାଜ। ସ୍କୋର୍ପେନ୍ ଶ୍ରେଣୀର ପଞ୍ଚମ ବୁଡ଼ାଜାହାଜ ଖୁବ୍‌ଶୀଘ୍ର ଜଳାବତରଣ କରିବ।

### ବିବାହ ଭୋଜିରେ ଦଳିତ ଯୁବକଙ୍କୁ ପିଟି ମାରିଦେଲେ

**ଡେରାଡୁନ,୬।୫(ପି.ଟି.)**-ଦଳିତ ବର୍ଗର ଜଣେ ଯୁବକଙ୍କୁ ବିବାହ ଭୋଜିରେ ସବର୍ଣ୍ଣ ଜାତିର କେତେଜଣ ଲୋକ ନିସ୍ତୁକ ମାଡ଼ ମାରିବା ପରେ ଡାକ୍ତରଖାନାରେ ସେ ପ୍ରାଣ ହରାଇଥିବା ଜଣାପଡିଛି। ଉତ୍ତରାଖଣ୍ଡର ତେହ୍‌ରୀ ଜିଲା ଅନ୍ତର୍ଗତ ଶ୍ରୀକୋଟ୍ ଗ୍ରାମରେ ଗତ ମାସ ୨୬ ତାରିଖରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବିବାହ ଭୋଜିରେ ଉକ୍ତ ଦଳିତ ଯୁବକ ଜିତେନ୍ଦ୍ର (୨୩) ସବର୍ଣ୍ଣ ଲୋକମାନଙ୍କ ଆଗରେ ଭୋଜି ଖାଇବାରୁ ଏହା ସେମାନଙ୍କ ଦେହରେ ଯାଇନଥିଲା। ପରେ ସେମାନେ ଦଳିତ ଯୁବକଙ୍କୁ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ଜିତେନ୍ଦ୍ରଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଦୀର୍ଘ ୯ ଦିନ ସେଠାରେ ଚିକିତ୍ସିତ ହେବାପରେ ଶେଷରେ ସେ ଆଖି ବୁଜିଛନ୍ତି ବୋଲି ଡିଏସ୍‌ପି ଉତ୍ତମ ସିଂ ଜିମ୍‌ୱାଲ୍ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି।

■ ଯୌନଶୋଷଣ ଅଭିଯୋଗ

# ସିଜେଆଇଙ୍କୁ କ୍ଲିନ୍‌ଚିଟ୍

**ନୂଆଦିଲ୍ଲୀ,୬।୫(ପି.ଟି.)**

ଯୌନ ଶୋଷଣ ଅଭିଯୋଗ ଉପରେ ସୁପ୍ରିମକୋର୍ଟର ଇନ୍-ହାଉସ୍ ତଦନ୍ତ କମିଟି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ କ୍ଲିନ୍‌ଚିଟ୍ ଦେଇଛି। ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ। ଯୌନ ଶୋଷଣର କୌଣସି ପ୍ରମାଣ ମିଳି ନ ଥିବା ତଦନ୍ତ କମିଟି କହିଛି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରିବା ଯୋଗ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟର ସେକ୍ରେଟାରୀ ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।



ଉକ୍ତ କମିଟିରେ ଦୁଇଜଣ ମହିଳା ବିଚାରପତି ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା ଏବଂ ଇନ୍ଦିରା ବାନାର୍ଜୀ ସଦସ୍ୟ ଥିଲେ। କମିଟି ଆଗରେ ଅଭିଯୋଗକାରିଣୀ ୩ ଦିନ ହାଜର ହେବା ପରେ ନ୍ୟାୟ ପାଇବାର ଆଶା ନ ଥିବା ଦର୍ଶାଇ ଏପ୍ରିଲ ୩୦ରେ ତଦନ୍ତରୁ ଓହରିଯାଇଥିଲେ। ଜଷ୍ଟିସ୍ ଗୋଗୋଇ ଗତ ୧ ତାରିଖରେ କମିଟି ଆଗରେ ହାଜର ହୋଇ ନିଜର ବୟାନ ରେକର୍ଡ କରାଇଥିଲେ।

କମିଟିର ରିପୋର୍ଟରେ ଅଭିଯୋଗକାରିଣୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯୌନ ଶୋଷଣ ମାମଲାରେ ସିଜେଆଇଙ୍କୁ ଇନ୍-ହାଉସ୍ କମିଟି କ୍ଲିନ୍‌ଚିଟ୍ ପ୍ରଦାନ କରିବାରେ ସେ ଅତ୍ୟନ୍ତ ଅସନ୍ତୁଷ୍ଟ ଏବଂ ମର୍ମାହତ ବୋଲି କହିଛନ୍ତି। ଭାରତର ଜଣେ ମହିଳା ନାଗରିକ ଭାବେ ତାଙ୍କ ପ୍ରତି ସମ୍ପୂର୍ଣ୍ଣ ଅନ୍ୟାୟ ହୋଇଛି। ସେ ଯାହା ଆଶଙ୍କା କରୁଥିଲେ ତାହା ହିଁ ହେଲା ବୋଲି ମହିଳା ଜଣକ କହିଛନ୍ତି। ଅନ୍ୟପକ୍ଷରେ ଇନ୍-ହାଉସ କମିଟିର ରିପୋର୍ଟକୁ ଆଇନଜୀବୀ ସୋଲି ସୋରାବ୍‌ଜୀ ପ୍ରଶଂସା କରିଛନ୍ତି।

ଗତ ମାସ ୧୯ରେ ସୁପ୍ରିମକୋର୍ଟର ୨୨ ଜଣ ବିଚାରପତିଙ୍କ ନିକଟକୁ ସତ୍ୟପାଠ ସହ ପତ୍ର ଲେଖି ତାଙ୍କ ପ୍ରତି ଯୌନଶୋଷଣ ହୋଇଥିବା ମହିଳା ଅଭିଯୋଗ କରିଥିଲେ। ୨୦୧୪ ମେ ୧ରୁ ୨୦୧୮ ଡିସେମ୍ବର ୨୧ ପର୍ଯ୍ୟନ୍ତ ସେ ସିଜେଆଇଙ୍କ ଅଧୀନରେ ଜୁନିୟର କୋର୍ଟ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସିଜେଆଇ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ସେ କହିବା ପରେ ଏପ୍ରିଲ ୨୦ରେ ସୁପ୍ରିମକୋର୍ଟ ଖଣ୍ଡପୀଠ ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଖଣ୍ଡପୀଠରେ ନିଜେ ସିଜେଆଇ ରହିଥିଲେ। ପରେ ସେ ଖଣ୍ଡପୀଠରୁ ଓହରିଯାଇଥିଲେ। ମହିଳାଙ୍କ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଇନ୍-ହାଉସ୍ ତଦନ୍ତ କମିଟି ଗଢ଼ିଥିଲେ।



ପଶ୍ଚିମବଙ୍ଗର ବାରାକ୍‌ପୁରସ୍ଥିତ ଏକ ବୁଥ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ମତଦାନ କରାଯାଉଛି।

## ଶେଷ ହେଲା ୫ମ ପର୍ଯ୍ୟାୟ ଭୋଟ

**ନୂଆଦିଲ୍ଲୀ,୬।୫(ପି.ଟି.)**

ଜମ୍ମୁ-କଶ୍ମୀର ଏବଂ ପଶ୍ଚିମବଙ୍ଗରେ ହିଂସାକାଣ୍ଡକୁ ବାଦ୍ ଦେଲେ ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ମତଦାନ ସୋମବାର ମୋଟାମୋଟି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିସହ ୬୭୪ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ବନ୍ଦ ହୋଇଯାଇଛି। ଅଧିକାଂଶ ଭୋଟଗ୍ରହଣ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିବାବେଳେ ଅଳ୍ପ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା। ପଞ୍ଚମ ପର୍ଯ୍ୟାୟରେ ୭ ରାଜ୍ୟର ୫୧ ଆସନରେ ମତଦାନ ହୋଇଥିଲା। ସେଥିରେ ରହିଛି ବିହାରର ୫, ଜମ୍ମୁ-କଶ୍ମୀର ୨, ଝାଡ଼ଖଣ୍ଡ ୪, ମଧ୍ୟପ୍ରଦେଶ ୭, ରାଜସ୍ଥାନ ୧୨, ୟୁପି ୧୪, ପଶ୍ଚିମବଙ୍ଗର ୭ ଆସନ।

ସୋମବାର ଯେଉଁ ହେଭିଓ୍ୱେଟ୍‌ମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇଛି ସେମାନେ ହେଲେ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ମୃତି ଇରାନୀ, ଅର୍ଜୁନ ରାମ ମେଘୱାଲ, ରାଜ୍ୟବର୍ଦ୍ଧନ ସିଂ ରାଠୋର, ଜୟନ୍ତ ସିହ୍ନା, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତିନ୍ ପ୍ରସାଦ, ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ମୁଖ୍ୟ ଶିବପାଲ ଯାଦବ ଓ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ପୁନମ୍ ସିହ୍ନା। ଏହି ପର୍ଯ୍ୟାୟରେ ମୋଟ ୮.୭୫ କୋଟି ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବାକୁ ଥିବାବେଳେ ଏଥିପାଇଁ ୯୬ ହଜାରରୁ ଅଧିକ ଭୋଟଗ୍ରହଣ କେନ୍ଦ୍ର ଖୋଲାଯାଇଥିଲା। ଉତ୍ତରପ୍ରଦେଶରେ ସର୍ବାଧିକ ୨୮,୦୭୨ ଏବଂ ଜମ୍ମୁ-କଶ୍ମୀରରେ ସର୍ବନିମ୍ନ ୧୨୫୪ ବୁଥ୍ ରହିଥିଲା। ମଧ୍ୟପ୍ରଦେଶର କେତେକ ବୁଥ୍‌ରେ ଇଭିଏମ୍ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ତ୍ରୁଟି ସୁଧାରିବା ପରେ ମତଦାନ ସ୍ୱାଭାବିକ ହୋଇଥିଲା। ରାଜ୍ୟର ୭ ନିର୍ବାଚନ ମଣ୍ଡଳୀରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ରାଜସ୍ଥାନର ଅଧିକାଂଶ ବୁଥ୍‌ରେ ଭୋଟରଙ୍କ ଲମ୍ବାଲାଇନ ଲାଗିଥିଲା। ଜମ୍ମୁ-କଶ୍ମୀରର ଅନନ୍ତନାଗ ଏବଂ ଲଦାଖ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ପର୍ଯ୍ୟାୟ ନିର୍ବାଚନ ସହ ୪୨୫ ଲୋକ ସଭା ଆସନରେ ଭୋଟଗ୍ରହଣ ଶେଷ ହୋଇଛି। ଅବଶିଷ୍ଟ ଦୁଇଟି ପର୍ଯ୍ୟାୟରେ ୧୧୮ ଆସନରେ ମତଦାନ ହେବ। ମେ ୨୩ରେ ସମସ୍ତ ୭ଟି ପର୍ଯ୍ୟାୟର ଫଳ ପ୍ରକାଶ ପାଇବ।

### ବୁଥ୍‌ରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ଆକ୍ରମଣ

**ଶ୍ରୀନଗର,୬।୫(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଲୋକ ସଭା ଆସନ ଲାଗି ଭୋଟଗ୍ରହଣବେଳେ ପୁଲଓ୍ୱାମା ଜିଲାର ରୋହ୍‌ମୁ ବୁଥ୍ ଉପରେ ଆତଙ୍କବାଦୀମାନେ ସୋମବାର ଗ୍ରେନେଡ ଆକ୍ରମଣ କରିଛନ୍ତି। ବିସ୍ଫୋରଣର କ୍ଷୟକ୍ଷତି ସମ୍ପର୍କରେ କୌଣସି ରିପୋର୍ଟ ହସ୍ତଗତ ହୋଇନାହିଁ। ଗ୍ରେନେଡ ଆକ୍ରମଣ ପରେ ସୁରକ୍ଷା କର୍ମୀମାନେ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି। ଜମ୍ମୁ-କଶ୍ମୀରରେ ଚଳିତ ଲୋକ ସଭା ନିର୍ବାଚନ ବେଳେ ଏହା ପ୍ରଥମ ଆତଙ୍କବାଦୀ ଆକ୍ରମଣ। ଅନନ୍ତନାଗ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁଲଓ୍ୱାମା ଓ ସୋପିଆନ୍ ଜିଲାରେ ମତଦାନ ଶେଷ ହୋଇଛି।

## ମାତାପିତାଙ୍କ ଚାପରେ ନ ଥିଲେ ସିବିଏସ୍‌ଇ ଟପ୍ପର୍ସ

**ନୂଆଦିଲ୍ଲୀ,୬।୫(ପି.ଟି.)**

ମାତାପିତାଙ୍କ ଚାପ ପଢ଼ୁ ନ ଥିଲା କି ସୋସିଆଲ ମିଡିଆ ବ୍ୟବହାର କରି ନ ଥିଲେ ବୋଲି କହିଛନ୍ତି ସିବିଏସ୍‌ଇ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ୧୦ଜଣ ଛାତ୍ର।

ସିବିଏସ୍‌ଇ ଦଶମ ଶ୍ରେଣୀରେ ମୋଟ ମାର୍କ ୫୦୦ରୁ ୧୩ ଛାତ୍ର ୪୯୯ ଲେଖାଏ ରଖି ପ୍ରଥମ ର୍ୟାଙ୍କ ପାଇଥିବା ବେଳେ ୨୫ ଛାତ୍ର ୪୯୮ ରଖି ଦ୍ୱିତୀୟ ର୍ୟାଙ୍କ୍ ଏବଂ ୫୯ ଛାତ୍ର ୪୯୭ ଲେଖା ରଖି ତୃତୀୟ ର୍ୟାଙ୍କ ହାସଲ କରିଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ୍ (ସିବିଏସ୍‌ଇ)ର ଦଶମ ଶ୍ରେଣୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଥିବା ବେଳେ ୯୧.୧୦ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି।

ଟପ୍ ର୍ୟାଙ୍କରେ ଥିବା ଜୟପୁରର ଛାତ୍ର ତରୁ ଜୈନ କହିଛନ୍ତି, ବର୍ଷ ତମାମ ସେ ଦୈନିକ ୪ଘଣ୍ଟା ହିଁ ପଢୁଥିଲେ। ସେଥିପାଇଁ ପରୀକ୍ଷାର କିଛିଦିନ ପୂର୍ବରୁ ଆଦୌ ବ୍ୟସ୍ତ ହେଉ ନ ଥିଲେ। ତୃତୀୟ ର୍ୟାଙ୍କରେ ଥିବା ଉତ୍ତରପ୍ରଦେଶର ପୂର୍ତ୍ତି ଶ୍ରୀବାସ୍ତବ କହନ୍ତି, ବଜାରରେ ଅନେକ ରେଫରେନ୍ସ ବହି ମିଳୁଥିଲେ ମଧ୍ୟ କେବଳ ଏନ୍‌ସିଇଆରଟି ବହି ପଢ଼ିବାକୁ ଶିକ୍ଷକମାନେ ପରାମର୍ଶ ଦେଉଥିଲେ। ସେଥିପାଇଁ କମ୍ ପରିଶ୍ରମ କରିବାକୁ ପଡୁଥିଲା। ଏ ସମ୍ପର୍କରେ ପ୍ରଥମ ର୍ୟାଙ୍କ୍ ପାଇଥିବା ନଏଡାସ୍ଥିତ ମୟୂର ସ୍କୁଲ ଛାତ୍ରୀ ଶିବାନୀ ଲାଠ କହିଛନ୍ତି, ସେ ପରୀକ୍ଷାର ଦୁଇମାସ ପୂର୍ବରୁ ଆଦୌ ସୋସିଆଲ ମିଡିଆ ବ୍ୟବହାର କରି ନ ଥିଲେ। ସେଥିପାଇଁ ତାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉ ନ ଥିଲା। ୪୯୯ ମାର୍କ ରଖିଥିବା ନଏଡା ଲୋଟସ ଭ୍ୟାଲି ସ୍କୁଲ୍ ଛାତ୍ର ସିଦ୍ଧାନ୍ତ ପେନଗୋରିଆଙ୍କ କହିବାନୁଯାୟୀ, ସେ ପରୀକ୍ଷାରେ ଭଲ ଫଳ ଆଶା କରିଥିଲେ, କିନ୍ତୁ ଆଶାତୀତ ଫଳ ପାଇଛନ୍ତି। ତାଙ୍କ ମାତାପିତା ପାଠପଢ଼ା ପାଇଁ ଚାପ ସୃଷ୍ଟି କରି ନ ଥିବାରୁ ସେ ହାଲୁକା ମନରେ ପାଠ ପଢୁଥିଲେ ବୋଲି ପ୍ରକାଶ କରିଛନ୍ତି। ୪୯୯ ମାର୍କ ରଖିଥିବା କେରଳର ଛାତ୍ର ଭାବନା ଏନ୍. ଶିବଦାସ କହିଛନ୍ତି। ଏହି ଫଳାଫଳ ତାଙ୍କୁ ୟୁପିଏସ୍‌ସି ପରୀକ୍ଷା ପାଇଁ ଉତ୍ସାହିତ କରିଛି।

### ରାଫାଲ ରିଭ୍ୟୁ ପିଟିଶନ ୧୦ରେ ଶୁଣାଣି

**ନୂଆଦିଲ୍ଲୀ,୬।୫(ପି.ଟି.)**

ରାଫାଲ ଯୁଦ୍ଧବିମାନ କିଣା ମାମଲା ଉପରେ ସୁପ୍ରିମକୋର୍ଟଙ୍କ ରାୟର ସମୀକ୍ଷା ପାଇଁ ଦାଏର ପିଟିଶନ୍ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଆସିଥିବା ଅଦାଲତ ଅବମାନନା ମାମଲାର ଏକତ୍ର ଶୁଣାଣି ମେ ୧୦ ତାରିଖରେ ଅନୁଷ୍ଠିତ ହେବ। ରାହୁଲ ରାଫାଲ ସମ୍ପର୍କିତ ସର୍ବୋଚ୍ଚ ଅଦାଲତଙ୍କ ରାୟର ଭୁଲ୍ ଅବତାରଣା କରିଥିଲେ। ଗତବର୍ଷ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ରାଫାଲ ମାମଲାରେ ରାୟ ଦେଇ ଉକ୍ତ ଡିଲ୍‌ରେ କୌଣସି ଅନିୟମିତତା ହୋଇଥିବାର ପ୍ରମାଣ ନାହିଁ ବୋଲି କହିଥିଲେ। ଉକ୍ତ ରାୟ ବିରୋଧରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ, ଯଶୋବନ୍ତ ସିହ୍ନା ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ରିଭ୍ୟୁ ପିଟିଶନ ଦାଏର କରିଥିଲେ।

## ବିମାନରେ ନିଆଁ ଲାଗି ୪୧ ମୃତ

**ମସ୍କୋ,୬।୫(ପି.ଟି.)**

ରୁଷିଆର ଏକ ଯାତ୍ରୀବାହୀ ବିମାନ ରବିବାର ଜରୁରୀ ଅବତରଣ କରୁଥିଲାବେଳେ ହଠାତ୍ ନିଆଁ ଲାଗିଯିବାରୁ ଦୁଇ ଶିଶୁଙ୍କ ସମେତ ୪୧ ଜଣ ଯାତ୍ରୀଙ୍କ ପ୍ରାଣହାନି ଘଟିଥିବା ଜଣାପଡିଛି। ସୁଖୋଇ ସୁପରଜେଟ୍ ୧୦୦ ବିମାନଟି ସେରେମିଟେଭୋ ବିମାନବନ୍ଦରଠାରେ ଅବତରଣ କଲାବେଳେ ହଠାତ୍ ଧୂଆଁ ବାହାରିବା ସହ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ୧୧ ଜଣ ଯାତ୍ରୀ ଆହତ ହୋଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡିମିଟ୍ରି ମାର୍ଗ୍‌ଭେୟେଭ୍ ପ୍ରକାଶ କରିଛନ୍ତି। କ୍ରିଉ ସଦସ୍ୟଙ୍କ ସହ ବିମାନରେ ମୋଟ ୭୮



ଯାତ୍ରୀ ଥିଲେ ବୋଲି ତଦନ୍ତ କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ଶେଷ ଖବର ସୁଦ୍ଧା ବିମାନର ୩୭ ଜଣ ଯାତ୍ରୀ ଜୀବିତ ଥିବା ଜଣାପଡ଼ିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପ୍ରତି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଡିମିଟ୍ରି ମେଡ୍‌ଭେଡେଭ୍ ଏହି ବିମାନ ଦୁର୍ଘଟଣାର ତଦନ୍ତ ଲାଗି ଗଠନ କରାଯାଇଥିବା ସ୍ୱତନ୍ତ୍ର କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି।

### ମୋଦିଙ୍କ ମିଛ ଲହର ଫିକା ପଡ଼ିବ: ସିଦ୍ଧୁ

**ନୂଆଦିଲ୍ଲୀ,୬।୫**-ପଞ୍ଜାବ ସରକାରଙ୍କ ମନ୍ତ୍ରୀ ନଭଜୋତ ସିଂ ସିଦ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ୍ କରିଛନ୍ତି। ମୋଦିଙ୍କ ଲହର ଚଳିତ ନିର୍ବାଚନରେ ଫିକା ପଡ଼ିଯିବ ବୋଲି ସେ କହିଛନ୍ତି। ଗତ ୫ ବର୍ଷ ମଧ୍ୟରେ ମୋଦି ଶୁଭାରମ୍ଭ କରିଥିବା କୌଣସି ଯୋଜନା ଶେଷ ହୋଇନାହିଁ। ମୋଦି କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। କାମ କରିବା ବେଳକୁ ତାଙ୍କର ପ୍ରତିଟି କଥା ପାଣିର ଗାର ଭଳି ମନେ ହୋଇଛି। ଗଙ୍ଗା ପରିମଳ ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ବହୁମୁଖୀ ଯୋଜନାରେ ୫ବର୍ଷ ମଧ୍ୟରେ ମୋଦି ଥରେ ମଧ୍ୟ ବୈଠକ କରିନାହାନ୍ତି।

### ଗୀତ ବିନା ଶୋଉ ନ ଥିଲେ ଟାଇଗର

**ମୁମ୍ବାଇ:** ଟାଇଗର ଯେତେବେଳେ ପିଲା ଥିଲେ ସେତେବେଳେ ସେ ଶିଳ୍ପା ସେଟ୍ଟି ଓ ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ମେଁ ଖିଲାଡି ତୁ ଅନାଡି'ର ଗୀତ 'ଚୁରାକେ ଦିଲ୍ ତେରା' ନ ଶୁଣିଲେ ଶୋଉ ନ ଥିଲେ। ନିକଟରେ ଟାଇଗରଙ୍କ ପିତା ଜ୍ୟାକି ଶ୍ରଫ୍ କପିଲ ଶର୍ମା ଶୋ'କୁ ଆସିଥିବା ବେଳେ ଟାଇଗରଙ୍କ ପିଲାଦିନର ସ୍ମୃତି ଦର୍ଶକଙ୍କ ସହ ଶେୟାର କରିଛନ୍ତି। ଜ୍ୟାକି କହିଛନ୍ତି ଶିଳ୍ପା-ଅକ୍ଷୟ ବୋଧହୁଏ ଟାଇଗରଙ୍କ ଭାରି ପସନ୍ଦ ଥିଲେ। ଏବେ ବଡ ହେବା ପରେ ସେ କେଉଁ ଗୀତ ଶୁଣନ୍ତି ବୋଲି କପିଲ ଜ୍ୟାକିଙ୍କୁ ପ୍ରଶ୍ନ କରିଥିଲେ। ଜ୍ୟାକି କହିଥିଲେ, ଏବେ ଟାଇଗର ଜିମ୍‌ରୁ ଫେରିବା ପରେ ଥକି ପଡୁଥିବାରୁ ଗୀତ ଶୁଣିବାକୁ ସମୟ ମିଳୁନି। ନିକଟରେ ଟାଇଗରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨' ଆସନ୍ତା ୧୦ ତାରିଖରେ ରିଲିଜ୍ ହେବାକୁ ଥିବାବେଳେ ଏବେ ସେ ଏହାର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏଥିରେ ତାରା ସୂତାରିଆ ଓ ଅନନ୍ୟା ପାଣ୍ଡେ ଡେବ୍ୟୁ କରୁଥିବା ବେଳେ ଫିଲ୍ମକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

## Business

## ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇନି ଟ୍ରେନ ସେବା

**ଭୁବନେଶ୍ୱର,୬-୫**

ସାମୁଦ୍ରିକ ବାତ୍ୟା ଫନୀ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଟ୍ରେନ ସେବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ସ୍ଥିତିକୁ ଫେରିନାହିଁ। ପୂର୍ବତଟ ରେଳପଥ ପରିସରରେ ଭୁବନେଶ୍ୱରଠାରୁ ବାହାରୁ ଥିବା କିଛି ଟ୍ରେନ ଚଳାଚଳ ରବିବାରଠାରୁ ଆରମ୍ଭ ହୋଇଛି। ଅପରପକ୍ଷରେ ସ୍ଥିତିରେ ସୁଧାର ଆସି ନ ଥିବାରୁ ସବୁ ଟ୍ରେନ ଏବେସୁଦ୍ଧା ଚଳାଚଳ କରୁ ନ ଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। କିଛି ଟ୍ରେନ ଏବେ ମଧ୍ୟ ବାତିଲ ରହିଥିବା ବେଳେ ଆଉ କିଛି ଆଂଶିକ ବାତିଲ ରହିଛି। ଟ୍ରେନ ରେକ୍ ଅଭାବ ସମେତ ଅନ୍ୟ କେତେକ ସମସ୍ୟା



ଯୋଗୁ ମଙ୍ଗଳବାରର ହବିବଗଞ୍ଜ-ପୁରୀ ସ୍ୱତନ୍ତ୍ର, ବୁଧବାରର ପୁରୀ-ହବିବଗଞ୍ଜ, ଗତ ରବିବାରର ସାଇନଗର ସିରିଡି-ପୁରୀ ଟ୍ରେନ ବାତିଲ ରହିଛି। ସେହିଭଳି ଚଳିତ ସପ୍ତାହ ମଙ୍ଗଳବାରର ନୂଆଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ, ଏର୍ଣ୍ଣାକୁଲମ-ହାଓଡା ଅନ୍ତ୍ୟୋଦୟ ଏକ୍ସପ୍ରେସ, ଏର୍ଣ୍ଣାକୁଲମ-ପାଟଣା, ହାଓଡା-ଯଶବନ୍ତପୁର ଟ୍ରେନକୁ ବାତିଲ କରାଯାଇଛି।

କିଛି ଟ୍ରେନକୁ ଖୋର୍ଦ୍ଧା ରୋଡଠାରେ ରହଣି ବ୍ୟବସ୍ଥା କରାଯାଇଛି। ଆଉ କିଛିକୁ ଖୋର୍ଦ୍ଧାରୋଡ ଷ୍ଟେଶନଠାରୁ ଏବଂ ଅନ୍ୟ କିଛିକୁ ଭୁବନେଶ୍ୱର ଷ୍ଟେଶନଠାରୁ ଚଳାଇବାକୁ ବ୍ୟବସ୍ଥା ରହିଛି। ପୂର୍ବତଟ ରେଳପଥ ପରିସରରୁ ଯାତ୍ରା ଆରମ୍ଭ କରୁଥିବା, ଗନ୍ତବ୍ୟସ୍ଥଳ ଥିବା ଏବଂ ପୂର୍ବତଟ ରେଳପଥ ଦେଇ ଯାଉଥିବା ମୋଟ ୩୦୩ ମେଲ୍ ଓ ଏକ୍ସପ୍ରେସ ଟ୍ରେନ ବାତିଲ ରହିଛି। ସେହିଭଳି ୯ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ୨୮ଟି ଟ୍ରେନକୁ ଆଂଶିକ ବାତିଲ କରାଯାଇଛି। ଏହା ବାଦ ୧୮୭ ଲୋକାଲ ପାସେଞ୍ଜର, ମେମୁ ଏବଂ ଇଏମ୍‌ୟୁ ଟ୍ରେନ ବାତିଲ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

### ଫନୀ ପ୍ରଭାବିତ ଶାଖା କାର୍ଯ୍ୟକ୍ଷମ କଲା ଏସ୍‌ବିଆଇ

**ଭୁବନେଶ୍ୱର,୬-୫**

ଗତ ସପ୍ତାହରେ ସାମୁଦ୍ରିକ ଝଡ ଫନୀ ପରେ ବ୍ୟାଙ୍କିଙ୍ଗ ସେବା ପ୍ରଭାବିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ବ୍ୟାଙ୍କ ଶାଖାରେ କାର୍ଯ୍ୟ ସ୍ୱାଭାବିକ ହୋଇଥିବା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ସୋମବାର ସୂଚନା ଦେଇଛି। ଆଗାମୀ ଦୁଇ ଦିନରେ ଭୁବନେଶ୍ୱର ଏବଂ ପୁରୀ ଅଞ୍ଚଳରେ ଫନୀ ପ୍ରଭାବିତ ଶାଖା ଗୁଡିକରେ କାର୍ଯ୍ୟ ସ୍ୱାଭାବିକ ହୋଇଯିବ ବୋଲି ଏସ୍‌ବିଆଇ ପକ୍ଷରୁ ଆଶା କରାଯାଉଛି। ଗ୍ରାହକମାନେ ଶାଖାଗୁଡିକରେ ଜମା, ଉଠାଣ ସହ ଅନ୍ୟାନ୍ୟ ବ୍ୟାଙ୍କ ସେବା ଲାଭ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ଏକ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠି ଆକାଉଣ୍ଟ




ଗ୍ରାହକଙ୍କ ଲାଗି ଖୋଲାଯାଇଛି। ଏହି ଆକାଉଣ୍ଟରେ ଲୋକମାନେ ସିଧାସଳଖ ଫନୀ ପ୍ରଭାବିତ ଲୋକଙ୍କ ଉଦ୍ଦେଶ୍ୟରେ ପାଣ୍ଠି ସହାୟତା ଜମା କରିପାରିବେ।

### ସମୟାନୁବର୍ତ୍ତିତାରେ ବନ୍ଦେ ଭାରତ ଏକ୍ସପ୍ରେସର ରେକର୍ଡ

**ନୂଆଦିଲ୍ଲୀ,୬-୫:** ସର୍ବଦା ଟ୍ରେନ୍ ବିଳମ୍ବ ପାଇଁ ସମାଲୋଚନାର ଶିକାର ହେଉଥିବା ଭାରତୀୟ ରେଲଓ୍ୱେ ପାଇଁ ବନ୍ଦେ ଭାରତ ଏକ୍ସପ୍ରେସ ଆଣି ଦେଇଛି ଖୁସି ଖବର। ଭାରତୀୟ ରେଲଓ୍ୱେ ଦ୍ୱାରା ନିର୍ମିତ ଇଞ୍ଜିନବିହୀନ ଏହି ସେମି ହାଇସ୍ପିଡ ଟ୍ରେନ ସମୟାନୁବର୍ତ୍ତିତାରେ ଏକ ସ୍ୱତନ୍ତ୍ର ରେକର୍ଡ ଗଢ଼ିଛି। ଦିଲ୍ଲୀ-ବାରାଣସୀ ମଧ୍ୟରେ ଏହି ଟ୍ରେନ ନିର୍ଦ୍ଧାରିତ ୮ ଘଣ୍ଟାରେ ଦୈନିକ ଯାତ୍ରା କରୁଥିବା ଜଣାଯାଇଛି। ଏହା ଯାତ୍ରାରମ୍ଭରୁ ଆଜିଯାଏ ଗୋଟିଏ ସେକେଣ୍ଡ ମଧ୍ୟ ବିଳମ୍ବ କରିନାହିଁ।

### ୮ରେ ଆରବିଆଇ ଗଭର୍ନରଙ୍କୁ ଭେଟିବେ ଅର୍ଥ କମିଶନ

**ନୂଆଦିଲ୍ଲୀ,୬-୫:** ପଞ୍ଚଦଶ ଅର୍ଥକମିଶନ ଆସନ୍ତା ୮ରେ ଦୁଇଦିନିଆ ମୁମ୍ବାଇ ଗସ୍ତରେ ଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଭେଟିବେ। ଏହାଛଡ଼ା ଏନ୍.କେ.ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନ ଏସ୍‌ବିଆଇ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ ଭଳି ଅନ୍ୟକିଛି ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିବେ।

■ ତେଲ ଆମଦାନୀ ନେଇ ୟୁଏସ୍‌ର ପ୍ରତିକ୍ରିୟା

## ରିହାତି ଦର ନିଶ୍ଚିତ କରିହେବନି

**ନୂଆଦିଲ୍ଲୀ,୬-୫**

ଭାରତକୁ ଅଶୋଧିତ ତୈଳ ବିକ୍ରୟ ବେଳେ ରିହାତି ଦର ପ୍ରଦାନ ନେଇ ନିଶ୍ଚିତ କରି ହେବ ନାହିଁ ବୋଲି ଆମେରିକାର ବାଣିଜ୍ୟ ସଚିବ ଓ୍ୱିଲବର ରସ ସୋମବାର କହିଛନ୍ତି। ବର୍ତ୍ତମାନ ଇରାନ ଉପରେ କଟକଣା ଯୋଗୁ ଏହାର ଶସ୍ତା ତେଲର ବଜାର ଉପଲବ୍ଧତା ହ୍ରାସ ଘଟିଛି। ଏପରି ସ୍ଥିତିରେ ଭାରତର ତେଲ ଆମଦାନି ନେଇ ରସ୍ ଏଭଳି ପ୍ରତିକ୍ରିୟା ରଖିଛନ୍ତି। ଏଠାରେ ଅନୁଷ୍ଠିତ ଏକ ଟ୍ରେଡ ଫୋରମରେ ସେ କହିଛନ୍ତି ଯେ, ତୈଳ କମ୍ପାନୀଗୁଡିକ ବ୍ୟକ୍ତିଗତ ମାଲିକାନାରେ ରହିଛି। ଏଭଳି ସ୍ଥିତିରେ ରିହାତି ଦରରେ ତୈଳ ଯୋଗାଣ ନେଇ ନିଶ୍ଚିତ କରାଇ ହେବ ନାହିଁ। ସରକାର କମ୍ପାନୀଗୁଡିକୁ ଏଥି ଲାଗି ବାଧ୍ୟ କରିପାରିବେ ନାହିଁ।

ଭାରତ ଚଳିତ ମାସରେ ଇରାନଠାରୁ ତେଲ ଆମଦାନୀ ବନ୍ଦ କରିଛି। ଆମେରିକାର ତେଲ କଟକଣାକୁ ନେଇ ଭାରତ ଏଭଳି ନୀତି ଆପଣାଇଛି। ଇରାନ ତେଲ ଭାରତୀୟ ରିଫାଇନେରୀଗୁଡିକ



ଲାଗି ପୂର୍ବରୁ ବିଶେଷ ଫାଇଦା ପ୍ରଦାନ କରିଛି। ସେହିଭଳି ଇରାନ ତେଲ ଜାହାଜଗୁଡିକ ଲାଗି ବୀମା ସୁବିଧା ଦେଇଥାଏ। ଏଭଳି ସ୍ଥିତିକୁ ଦେଖିଲେ ଭାରତ କିଭଳି ଭାବେ ଅନ୍ୟ ଦେଶରୁ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତେଲ ଲାଭ କରିପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ କେନେଥ ଜଷ୍ଟର ସୂଚନା ଦେଇଛନ୍ତି। ସୌଦି ଆରବ, କୁଏଟ୍, ୟୁନାଇଟେଡ ଆରବ ଏମିରେଟ୍ସ ଏବଂ ମେକ୍ସିକୋ ଭଳି ଦେଶରୁ ତୈଳ ଆମଦାନୀ ନେଇ ଭାରତ ଯୋଜନା ରଖିଛି। ଚାଇନା ପରେ ଭାରତ ଇରାନଠାରୁ ସର୍ବାଧିକ ତୈଳ ଆମଦାନୀ କରିଥାଏ। ମାର୍ଚ୍ଚ ୩୧ ସୁଦ୍ଧା ଭାରତ ଇରାନଠାରୁ ୨୪ ନିୟୁତ ଟନ ଅଶୋଧିତ ତୈଳ ଆମଦାନୀ କରିଛି। ଭାରତ ବିଶ୍ୱର ତୃତୀୟ ବୃହତ୍ ଇନ୍ଧନ ବ୍ୟବହାରକାରୀ ଦେଶ ହୋଇଥିବା ବେଳେ ଏହାର ୮୪% ଇନ୍ଧନ ଆବଶ୍ୟକତା ଆମଦାନୀରୁ ପୂରଣ ହେଉଛି। ୨୦୧୮-୧୯ରେ ଇରାକ ଏବଂ ସୌଦିଆରବ ପରେ ଇରାନ ଭାରତକୁ ତୃତୀୟ ବୃହତ୍ ଇନ୍ଧନ ଯୋଗାଣକାରୀ ଦେଶ ଭାବେ ପରିଗଣିତ ହୋଇଛି। ଭାରତ ଏହାର ମୋଟ ତୈଳ ଆବଶ୍ୟକତା ମଧ୍ୟରୁ ଏକ ଦଶମାଂଶ ତେଲ ଇରାନରୁ ଆମଦାନୀ କରିଥାଏ।

### ଭାରତ ଗସ୍ତରେ ୧୦୦ କମ୍ପାନୀ ପ୍ରତିନିଧି

ଭାରତରେ ବାଣିଜ୍ୟ ସୁଯୋଗ ଅନ୍ୱେଷଣ ଲକ୍ଷ୍ୟରେ ଏବେ ଆମେରିକାର କମ୍ପାନୀଗୁଡିକ ମନୋନିବେଶ କରିଛନ୍ତି। ୧୦୦ରୁ ଊର୍ଦ୍ଧ୍ୱ ୟୁଏସ୍ କମ୍ପାନୀର ପ୍ରତିନିଧି ଭାରତରେ ବାଣିଜ୍ୟ ଲାଗି ସ୍ଥିତି ପରଖିବାକୁ ଭାରତ ଗସ୍ତରେ ଆସିଛନ୍ତି।

## ସଂକ୍ଷେପରେ

### ବାତ୍ୟା ଦୁର୍ଗତଙ୍କୁ ଅନୁକମ୍ପା ମୁଖ୍ୟମନ୍ତ୍ରୀ ଦେଲେ ବର୍ଷକର ଦରମା

ଭୁବନେଶ୍ୱର,୬।୫(ବ୍ୟୁରୋ): ବାତ୍ୟା 'ଫନୀ' ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବର୍ଷକର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଏହି ଅର୍ଥ ବାତ୍ୟା ଦୁର୍ଗତଙ୍କ କଲ୍ୟାଣ ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି।

### ମାସକର ଦରମା ପ୍ରଦାନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୫(ବ୍ୟୁରୋ): ଓଡ଼ିଶାର ଫନୀ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ରିଲିଫ ଓ ପୁନଃ ନିର୍ମାଣ କାର୍ଯ୍ୟରେ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହାୟତା ରାଶି ପ୍ରଦାନ କରିଛନ୍ତି। ଧର୍ମେନ୍ଦ୍ର ନିଜ ମାସକର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେଇଛନ୍ତି। ଏନେଇ ସେ ଟୁଇଟର ଯୋଗେ ସୂଚନା ଦେଇଛନ୍ତି। ଏହାସହ ଏଭଳି ସମୟରେ ସମସ୍ତଙ୍କୁ ଏକାଠି ହୋଇ ଓଡିଶାର ପୁନର୍ନିର୍ମାଣ କାର୍ଯ୍ୟରେ ସହଯୋଗ କରିବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

### ଆଜିଠୁ ରଥ ନିର୍ମାଣ ଆରମ୍ଭ

ପୁରୀ ଅଫିସ, ୬।୫: ପବିତ୍ର ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ ଅନୁକୂଳ ହେବାର ପରମ୍ପରା ରହିଛି। ତେଣୁ ମଙ୍ଗଳବାରଠାରୁ ରଥଖଳାରେ ତିନିରଥ ନିର୍ମାଣ ଆରମ୍ଭ ହେବା ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ତିନିରଥର ମୁଖ୍ୟ ବିଶ୍ୱକର୍ମା ଏବଂ ମହାରଣା ସେବକମାନେ ମହାପ୍ରଭୁଙ୍କ ରଥ ନିର୍ମାଣ କରିବେ। ଏଥିଲାଗି ଆବଶ୍ୟକ କାଠ ରଥଖଳାରେ ପହଞ୍ଚିଛି। ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ରଥ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଏବଂ ଶୃଙ୍ଖଳିତ ଭାବେ ଶେଷ କରିବା ଲାଗି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ତିନିରଥର ମୁଖ୍ୟ ମହାରଣା ସେବକଙ୍କ ସହ ପୂର୍ବରୁ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ପ୍ରଭାବରେ ରଥଖଳା ଭାଙ୍ଗି ପଡ଼ିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ସୋମବାର ତିଆରି କରାଯାଇଛି।




## ଆଜି ଅକ୍ଷୟତୃତୀୟା ଆରମ୍ଭ ହେବ ଚନ୍ଦନ ଯାତ୍ରା

### ୨୧ଦିନ ପର୍ଯ୍ୟନ୍ତ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ

ପୁରୀ ଅଫିସ, ୬।୫

ମଙ୍ଗଳବାର ଅକ୍ଷୟତୃତୀୟା। ଏହି ପବିତ୍ର ତିଥିରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ୨୧ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ଠାକୁର। ଏଥିସହ ତିନିରଥ ନିର୍ମାଣ ଅନୁକୂଳ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅକ୍ଷୟତୃତୀୟା ନୀତି ନିର୍ଘଣ୍ଟ କରାଯାଇଛି। ଭୋର ୩ଟାରେ ଦ୍ୱାର ଫିଟିବ। ୪ଟାରେ ମଙ୍ଗଳ ଆଳତି, ୬ଟା ୧୫ରେ ସୂର୍ଯ୍ୟପୂଜା, ୬ଟା ୩୦ରେ ବେଶ ଶେଷ, ସାଢେ ୭ଟାରୁ ୯ଟା ମଧ୍ୟରେ ସକାଳ ଧୂପ(କେବଳ କୋଠଭୋଗ) ସରିବ। ଅପରାହ୍ନ ୧ଟାରୁ ୨ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ଅପରାହ୍ନ ୩ଟାରେ ଦ୍ୱାଦଶ ବନ୍ଦାପନା, ଅପରାହ୍ନ ୩ଟା ୩୦ରେ ବିମାନକୁ ଦିଅଁ ବିଜେ କରିବେ। ୪ଟାରେ ରଥ ଆଜ୍ଞାମାଳ ବିଜେ ଏବଂ ବିମାନ ଉଠିବ। ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀ ଯାଇ ଜଳକ୍ରୀଡ଼ା କରିବେ। ଏପଟେ ଆଜ୍ଞାମାଳ ରଥଖଳାରେ ପହଞ୍ଚିବା ପରେ ରଥ ନିର୍ମାଣ ଅନୁକୂଳ କରାଯିବ। ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ସେବକଙ୍କ ସଂଖ୍ୟାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି, ତାହାକୁ ସେବକମାନେ ବିରୋଧ କରିଛନ୍ତି। ଫଳରେ ଗତ ୩୦ତାରିଖରେ ଅନୁଷ୍ଠିତ ହେବାକୁଥିବା ଛତିଶା ନିଯୋଗ ବୈଠକକୁ ସେବକମାନେ ବର୍ଜନ କରିଥିଲେ। ତେଣୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନୀତିକାନ୍ତି କେତେଦୂର ଶୃଙ୍ଖଳିତ ହୋଇପାରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ■ ବାତ୍ୟାର ୪ ଦିନ ବିତିଲା
# ସବୁଠି ହା' ହତାଶ

- ■ ଖାଦ୍ୟ, ପାନୀୟଜଳ ମିଳୁନି
- ■ ରିଲିଫ୍ ପାଇ ନ ଥିବାରୁ ବଢ଼ୁଛି ଅସନ୍ତୋଷ
- ■ ଜନ ଆକ୍ରୋଶର ଶିକାର ହେଲେ ବ୍ରହ୍ମଗିରି ବିଡିଓ
- ■ ବିଗୁଡ଼ୁଛି ପରିମଳ ବ୍ୟବସ୍ଥା

ପୁରୀ ଅଫିସ, ୬।୫: (ହେମନ୍ତ ନାୟକ)

ବାତ୍ୟା 'ଫନୀ'ର ୪ଦିନ ପରେ ବି ପୁରୀରେ ହା' ହତାଶର ଚିତ୍ର। ସବୁଠି ପାଣି ଓ ଖାଦ୍ୟ ପାଇଁ ହାହାକାର। ବାତ୍ୟାରେ ସବୁକିଛି ଉଜୁଡ଼ି ଯାଇଛି। ପୁରୀ ସହରରେ ବିଦ୍ୟୁତ ନାହିଁ କି ମୋବାଇଲ ନେଟ୍‌ୱର୍କ କାମ କରୁନି। ତେଣୁ କାହା ସହିତ କେହି ଯୋଗାଯୋଗ କରିବା ସମ୍ଭବ ହୋଇପାରୁ ନାହିଁ। ସମସ୍ତ ବିପନ୍ନଙ୍କୁ ରିଲିଫ ମିଳି ନ ଥିବାବେଳେ ସବୁ ଜାଗାକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହୋଇପାରିନାହିଁ। ଫନୀର ତାଣ୍ଡବଲୀଳାରୁ କୌଣସି ପ୍ରକାରେ ଜୀବନ ବଞ୍ଚାଇଥିବା ଲୋକେ ଭୋକ ଉପାସରେ ଧୈର୍ଯ୍ୟହରା ହେଲେଣି। ତେଣୁ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ସାଙ୍ଗକୁ ରିଲିଫ୍ ସାମଗ୍ରୀ ଛଡ଼ାଇ ନେବା ଘଟଣା ଦେଖିବାକୁ ମିଳିଲାଣି। ଏପରି କି କେତେକ ସ୍ଥାନରେ ସରକାରୀ କର୍ମଚାରୀଙ୍କୁ ଜନ ଆକ୍ରୋଶର ଶିକାର ହେବାକୁ ପଡ଼ିଛି। ସେହିପରି ଗତ ଦୁଇଦିନ ଭଳି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ନିୟନ୍ତ୍ରଣ କକ୍ଷରେ ବିପନ୍ନଙ୍କ ଭିଡ଼ ଲାଗିଥିଲା। ସେମାନେ ନିଜ ନିଜ ଅଞ୍ଚଳର ବାତ୍ୟା ପରର ଦୁଃଖ ତଥା ସମସ୍ୟା ବଖାଣୁଥିଲେ। ସୋମବାର ରିଲିଫ୍ ସାମଗ୍ରୀ ଯୋଗାଣ ସ୍ୱାଭାବିକ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମୃତକଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହି ସଂଖ୍ୟା ୩୦ ଟପିଥିବା କୁହାଯାଉଛି।

ପୁରୀ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ମୁଖ୍ୟରାସ୍ତାକୁ ବାଦ୍ ଦେଲେ ସହରର ଗଳିକନ୍ଦିରେ ଗଛ, ବିଦ୍ୟୁତ୍ ଖୁଣ୍ଟ, ତାର ଏବଂ କୁଢ କୁଢ ଅଳିଆ ଆବର୍ଜନା ପଡ଼ିରହିଛି। କେତେଜଣ ଲୋକ ନିଜ ନିଜ ଘର ସମ୍ମୁଖରୁ ଅଳିଆ ସଫା କରି ଗୋଟିଏ ସ୍ଥାନରେ ଜମା କରିଥିଲେ ମଧ୍ୟ ପୌରସଂସ୍ଥା ତାହାକୁ ହଟାଇ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପାଇପ ଯୋଗେ ପାନୀୟଜଳ ଯୋଗାଣ ସବୁ ୱାର୍ଡ ଓ ବସ୍ତିକୁ ସ୍ୱାଭାବିକ ହୋଇପାରି ନାହିଁ। ଯଦି କୌଣସି ୱାର୍ଡକୁ ୱାଟର ଟ୍ୟାଙ୍କର ପଶୁଛି ତେବେ ପାଣି ନେବା ପାଇଁ ଲୋକେ ଠେଲାପେଲା ହେଉଛନ୍ତି। ଏପରି କି ପାଟିତୁଣ୍ଡ କରୁଛନ୍ତି। ସେହିପରି ରିଲିଫ୍ ଓ ପାନୀୟଜଳ ନ ପାଇ ବିପନ୍ନମାନେ ଧୈର୍ଯ୍ୟହରା ହୋଇପଡ଼ିଲେଣି। କେତେକ ସ୍ଥାନରେ ସେମାନଙ୍କ ଆକ୍ରୋଶ ସାମ୍ନାକୁ ଆସିଛି। ସୋମବାର ବ୍ରହ୍ମଗିରି ବିଡିଓଙ୍କୁ ଏଭଳି ବିରୋଧାଭାସର ସମ୍ମୁଖୀନ ହେବାକୁ ପଡ଼ିଛି।

ରିଲିଫ ଓ ପୁନରୁଦ୍ଧାର ସମ୍ପର୍କରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି ଯେ, ଜିଲାର ବିଭିନ୍ନ ସ୍ଥାନରେ ବିପନ୍ନମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ପୁରୀ ସହରରେ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ୬୦ପ୍ରତିଶତ ଅଞ୍ଚଳକୁ ଜଳ ଯୋଗାଣ ହେଉଥିଲା। ଅନ୍ୟାନ୍ୟ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଥିଲା। ତେବେ ସୋମବାର ଉଚ୍ଚ ଶକ୍ତିସମ୍ପନ୍ନ ଜେନେରେଟର ପୁରୀରେ ପହଞ୍ଚିଛି। ମଙ୍ଗଳବାର ସବୁ ଅଞ୍ଚଳକୁ ପାଇପ ଜଳ ଯୋଗାଣ ସ୍ୱାଭାବିକ କରାଯିବ। ଖାଦ୍ୟ ନିରାପତ୍ତା ଆଇନ ଅଧୀନରେ ଥିବା ପରିବାରକୁ ୨ହଜାର ଟଙ୍କା, ୫୦କିଲୋ ଚାଉଳ ଏବଂ ପଲିଥିନ ଯୋଗାଇଦେବାକୁ ସରକାର ଘୋଷଣା କରିଛନ୍ତି। ଏ ନେଇ ଆକଳନ କରାଯାଉଛି। ୫/୬ ଦିନ ମଧ୍ୟରେ ଟଙ୍କା, ଚାଉଳ ଓ ପଲିଥିନ ଯୋଗାଇବା କାମ ଆରମ୍ଭ ହେବ। ସେହିପରି ଖୁବ୍‌ଶୀଘ୍ର ଘରଭଙ୍ଗା ଆକଳନ କରାଯିବ।

### ବିଭିନ୍ନ ବ୍ଲକକୁ ପଠାଗଲା ରିଲିଫ୍ ସାମଗ୍ରୀ

ରାସ୍ତା ଯୋଗାଯୋଗ ସ୍ୱାଭାବିକ ହେବା ପରେ ରିଲିଫ୍ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଜିଲାର ବିଭିନ୍ନ ବ୍ଲକକୁ ରବିବାରଠାରୁ ରିଲିଫ୍ ସାମଗ୍ରୀ ପଠାଯାଉଛି। ପୁରୀ ସହରସ୍ଥ ଆଇଟିଆଇ ପରିସରରେ ରିଲିଫ୍ ଗାଡ଼ି ପହଞ୍ଚିବା ପରେ ସେଠାରୁ କେଉଁ ବ୍ଲକକୁ କ'ଣ କ'ଣ ପଠାଯିବ ତାହାର ତଦାରଖ କରାଯାଉଛି। ପଲିଥିନ, ଗୁଡ଼, ଚୁଡ଼ା ଏବଂ ଗୋ ଖାଦ୍ୟ ଆଦି ପଠାଯାଉଛି। ପଠାଯାଉଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହୃଷୀକେଶ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ରବିବାର

## ■ ସିବିଏସ୍‌ଇ ଦଶମ ପରୀକ୍ଷାଫଳ
# ଭୁବନେଶ୍ୱର ଜୋନ୍ ପାସ୍‌ହାର ୯୧.୨୯%

ଭୁବନେଶ୍ୱର,୬।୫(ବ୍ୟୁରୋ)



ଫଳ ପ୍ରକାଶ ପରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

- ■ ସାଇଉଦିତି, ସୁମୈତା ଓଡ଼ିଶା ଟପ୍ପର
- ■ ଛାତ୍ରଙ୍କଠାରୁ ଛାତ୍ରୀ ଆଗରେ

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଡୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଚଳିତବର୍ଷ ସାରା ଦେଶରେ ମୋଟ ୧୬ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବା ବେଳେ ଏଥର ପାସ୍‌ହାର ୯୧.୧% ରହିଛି। ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଭଳି ଏଥିରେ ମଧ୍ୟ ଛାତ୍ରୀମାନେ ଛାତ୍ରଙ୍କୁ ପଛରେ ପକାଇଛନ୍ତି। ତେବେ ଚଳିତବର୍ଷ ଭୁବନେଶ୍ୱର ଜୋନ୍‌ର ପାସ୍‌ହାର ୯୧.୨୯% ରହିଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼କୁ ନେଇ ଗଠିତ ଭୁବନେଶ୍ୱର ଜୋନ୍‌ର ୩ଜଣ ଛାତ୍ରୀଛାତ୍ର ଶ୍ରେଷ୍ଠ ୧୦୦ ର୍‌ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ଭୁବନେଶ୍ୱର ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲର ଛାତ୍ରୀ ସାଇଉଦିତି ରାଉତ ଓ ଅନ୍ୟ ଏକ ସ୍କୁଲର ସୁମୈତା ଲାଇସା ୫୦୦ରୁ ୪୯୭ ନମ୍ବର ରଖିଯୁଗ୍ମଭାବେ ଓଡ଼ିଶା ଟପ୍ପର ହୋଇଛନ୍ତି।

ଚଳିତବର୍ଷ ଭୁବନେଶ୍ୱର ଜୋନ୍‌ରେ ୯୧,୧୩୭ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୩,୨୦୧ଜଣ ପାସ୍ କରିଛନ୍ତି। ୪୦,୫୯୮ଜଣ ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ୨୩,୫୧୭ଜଣ ୬୦ରୁ ୭୫ ମଧ୍ୟରେ ଏବଂ ୧୨,୧୧୭ଜଣ ୫୦ରୁ ୬୦ ପ୍ରତିଶତ ମଧ୍ୟରେ ନମ୍ବର ରଖିଛନ୍ତି। ଭୁବନେଶ୍ୱର ଜୋନ୍‌ରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମୋଟ ୩୯,୦୩୪ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୬,୨୧୬ଜଣ ପାସ୍ କରିଛନ୍ତି। ପାସ୍‌ହାର ରହିଛି ୯୨.୭୮ ପ୍ରତିଶତ। ସେହିଭଳି ୫୨,୧୦୩ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୪୬,୯୮୫ଜଣ ପାସ୍ କରିଛନ୍ତି ଓ ପାସ୍‌ହାର ୯୦.୧୭ ପ୍ରତିଶତ ରହିଛି। ଦ୍ୱାଦଶ ଶ୍ରେଣୀ ଭଳି ଦଶମରେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱର ଜୋନ୍‌ରେ ୧୩୦ରୁ ଅଧିକ କେନ୍ଦ୍ରୀୟ ବିଦ୍ୟାଳୟର ୯,୫୧୯ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯,୪୭୫ଜଣ ପାସ୍ କରିଛନ୍ତି। ପାସ୍‌ହାର ୯୯.୫୩% ରହିଛି। ସେହିଭଳି ଜବାହର ନବୋଦୟ ବିଦ୍ୟାଳୟର ୪,୨୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪୧୭୯ଜଣ ପାସ୍ କରିଛନ୍ତି ଓ ପାସ୍‌ହାର ୯୯.୨୬% ରହିଛି। ଏଥର ଘରୋଇ ବିଦ୍ୟାଳୟର ପାସ୍‌ହାର ରହିଛି ୯୨.୨%।

ଏ ବର୍ଷ ଛାତ୍ରୀଙ୍କ ପାସ୍‌ହାର ୯୨.୪୫% ଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୦.୧୪% ରହିଛି। ସର୍ବଭାରତୀୟ ସ୍ତରରେ ଦେଖିବାକୁ ଗଲେ ମୋଟ ୧୩ଜଣ ଛାତ୍ରୀଛାତ୍ର ୫୦୦ରୁ ୪୯୯ ନମ୍ବର ରଖି ଶ୍ରେଷ୍ଠ ସ୍ଥାନରେ ରହିଛନ୍ତି। ୨୫ଜଣ ଛାତ୍ରୀଛାତ୍ର ୫୦୦ରୁ ୪୯୮ ନମ୍ବର ରଖିଥିବା ବେଳେ ୫୯ଜଣ ୪୯୭ ନମ୍ବର ରଖିଛନ୍ତି। ସର୍ବଭାରତୀୟ ସ୍ତରରେ ତ୍ରିଭେନ୍ଦ୍ରମ୍ ଜୋନ୍ ସବୁଠାରୁ ଭଲ ପ୍ରଦର୍ଶନ କରିଛି। ଏହି ଜୋନ୍‌ରେ ପାସ୍‌ହାର ୯୯.୮୫ ପ୍ରତିଶତ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ଚେନ୍ନାଇ ଜୋନ୍‌ର ପାସ୍‌ହାର ୯୯ ପ୍ରତିଶତ ରହିଛି।

# ଚାନ୍ଦା କରି ଭୋକ ମେଣ୍ଟାଉଛନ୍ତି ଲୋକେ

**ବାତ୍ୟା ଆଶ୍ରୟସ୍ଥଳୀ**

ଜ୍ୟୋତିରଞ୍ଜନ ମହାପାତ୍ର
ଭୁବନେଶ୍ୱର, ୬।୫

ଫନୀ ପ୍ରଭାବରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି ଖୋର୍ଦ୍ଧା ଜିଲା। ସହର ଓ ଗାଁର ରାସ୍ତା କଡରେ ବିଦ୍ୟୁତ୍ ଖୁଣ୍ଟ, ବିରାଟ ବିରାଟ ଗଛ ଉପୁଡି ପଡିଛି। ଘରର ଚାଳ, ଟିଣ, ଆଜବେଷ୍ଟସ ଛପର ଉଡ଼ିଯାଇ ଭାଙ୍ଗିରୁଜି ଯାଇଛି। ଅନେକ ଲୋକଙ୍କ ପକ୍କାଘର ମଧ୍ୟ କେତେକାଂଶରେ କ୍ଷତିଗ୍ରସ୍ତ ହୋଇଛି। ସହର ଉପରେ ଜନସାଧାରଣ ପାଣି ଏବଂ ବିଦ୍ୟୁତକୁ ନେଇ ହନ୍ତସନ୍ତ ହେଉଥିବାବେଳେ ପଞ୍ଚାୟତର ସ୍ଥିତି ଆହୁରି ସଙ୍ଗିନ ରହିଛି। ବହୁ ଲୋକଙ୍କ ଘର ଭାଙ୍ଗି ଯାଇଥିବାରୁ ବେସାହାରା ପରିବାର ଖାଦ୍ୟ ପାନୀୟ ପାଇଁ ଡହଳ ବିକଳ ହେଉଛନ୍ତି। ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ସ୍ଥିତିକୁ ସୁଧାରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ମାତ୍ର କେତେଜଣ ଅଧିକାରୀଙ୍କ ଅବହେଳା ପାଇଁ ବାତ୍ୟା ବିପନ୍ନ ଓ ସାଧାରଣ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ବାହାସ୍ଫୋଟ ମାରୁଥିବା ବେଳେ ପ୍ରକୃତ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି। ଲୋକଙ୍କ ପାଖରେ ମୌଳିକ ଆବଶ୍ୟକତା ପହଞ୍ଚି ପାରିନାହିଁ। ବାତ୍ୟା ଆଶ୍ରୟସ୍ଥଳୀରେ ଲୋକ ଜୀବନ ବଞ୍ଚାଇବାକୁ ଯାଇ ଚାନ୍ଦା କରି ରୋଷେଇ କରି ଖାଉଥିବା ଦେଖିବାକୁ ମିଳିଛି। କିନ୍ତୁ ପ୍ରଶାସନ ଅଧିକାରୀମାନେ କହୁଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଉଛୁ। ଏହି ପରିସ୍ଥିତିରେ ଖୋର୍ଦ୍ଧା ବ୍ଲକର ପାନବରଜ, ପଲାତୋଟାପଡା, ଜରିପୁଟ, କଲ୍ୟାଣପୁର ଅଞ୍ଚଳର ଲୋକେ ୪ଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଏସ୍‌ପି, ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ସବୁଠାରୁ ଅଧିକ ସମସ୍ୟାରେ ପଡୁଛନ୍ତି ଛୋଟ ପିଲା ଏବଂ ବରିଷ୍ଠ ନାଗରିକମାନେ। ୪ଦିନ ବିତିଯାଇଥିଲେ ମଧ୍ୟ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ଖାଦ୍ୟ ମିଳୁନାହିଁ। ନିଜ ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିବାକୁ ଜରିପାଲ ଖଣ୍ଡେ ମିଳୁନି। ମାତ୍ର ବିଡିଓ କହୁଛନ୍ତି, ଆମେ ୪୮ଟି ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରତିଦିନ ୫ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଉଛୁ। ବିପନ୍ନଙ୍କ ପାଇଁ ସବୁକିଛି ବ୍ୟବସ୍ଥା କରାଯାଉଛି। କିନ୍ତୁ ବିପନ୍ନଙ୍କ ଅସନ୍ତୋଷ ଭିନ୍ନ କଥା କହୁଛି।

### ଅଭିଯୋଗକୁ ନେଇ କ'ଣ କୁହନ୍ତି ବିଡିଓ

ବାତ୍ୟା ପୂର୍ବଦିନଠାରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଛି। ସରକାରୀ ନିୟମ ଅନୁଯାୟୀ ଯେତିକି ମାତ୍ରାର ଖାଦ୍ୟ ଦେବାର ବନ୍ଦୋବସ୍ତ ରହିଛି, ସେହି ମାତ୍ରାର ଖାଦ୍ୟ ଲୋକମାନଙ୍କୁ ଦିଆଯାଇଛି। କିଛି ଲୋକ ଥାନ୍ତି ଏପରି ମିଥ୍ୟା ଅଭିଯୋଗ ଆଣିଥାନ୍ତି। କିନ୍ତୁ ଯେଉଁସ୍ଥାନରେ ଉଚିତ ପରିମାଣର ଖାଦ୍ୟ ନ ପହଞ୍ଚିଛି ସେ ନେଇ ଅଭିଯୋଗ ହେଉଛି ତାହାର ତଦନ୍ତ ହେବ। ଏଥିସହ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଉଛି। ଆକଳନ ଅନୁସାରେ ଯାହାର ନାମ ଆସିବ ସେମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ଉଚିତ ସମୟରେ ଲୋକ ପଲିଥିନ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଖୁବ୍‌ଶୀଘ୍ର ଲୋକମାନଙ୍କୁ ପଲିଥିନ ଯୋଗାଇଦେବାକୁ ଚେଷ୍ଟା ଚଳାଇଛୁ ବୋଲି ବିଡିଓ ପ୍ରଶାନ୍ତ କୁମାର ନାୟକ କହିଛନ୍ତି।

### ଆଶ୍ରୟସ୍ଥଳୀରେ ମିଳୁନି ଖାଦ୍ୟ

ବେରୁହାଁ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଘର ଫନୀରେ ନଷ୍ଟ ହୋଇଯାଇଛି। ସ୍କୁଲ ବାତ୍ୟା ଆଶ୍ରୟସ୍ଥଳୀ ବିପନ୍ନଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାର ଏକମାତ୍ର ସାହା ଭରସା ପାଲଟିଛି। ବିପନ୍ନଙ୍କ ପାଇଁ ସେଠାରେ ରନ୍ଧା ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିଥିଲେ ମଧ୍ୟ ତାହା ସମୁଦ୍ରକୁ ସଙ୍ଖେ ଭଳି ହୋଇଛି। ୱାର୍ଡ ମେମ୍ବର ଶରତ ନାୟକ ଓ ଗ୍ରାମବାସୀ କହିଛନ୍ତି, ୪ ଦିନ ହେଲା ଆମେ ଏଠାରେ ୧୦୦ରୁ ଅଧିକ ଲୋକ ଅସୁବିଧାରେ ରହୁଛୁ। ବତ୍ୟା ପୂର୍ବଦିନ କୁହାଗଲା ଯେ, ଗ୍ରାମ ଛାଡି ଚାଲିଆସ ବାତ୍ୟା ଆଶ୍ରୟସ୍ଥଳରେ ସମସ୍ତ ସୁବିଧା ରହିଛି। ପ୍ରଥମ ଦିନ ୨୫ କେଜି ଚାଉଳ, ଦୁଇ କିଲୋ ଡାଲି ଏବଂ ଆଳୁ ବାଇଗଣ ୪ କିଲୋ ଦେଇ ଚାଲିଗଲେ। ତାହା ବାତ୍ୟା ରାତିରେ ସରିଗଲା। ଛୋଟ ପିଲାମାନଙ୍କୁ ଖାଇବାକୁ ଦେଇ ମହିଳାପୁରୁଷ ଉପାସ ରହିଲେ। ପରଦିନଠାରୁ ଆମେ ଚାନ୍ଦା କରି ରୋଷେଇ କରି ଖାଉଛୁ। ତା'ପରଠାରୁ ସରପଞ୍ଚ କିମ୍ବା ଅଧିକାରୀମାନଙ୍କ ଦେଖା ମିଳୁନି। ଏ ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କଲୁ, ମାତ୍ର କିଛି ସୁଫଳ ମିଳିଲାନି। ଘର ଦ୍ୱାର ଭାଙ୍ଗି ଯାଇଥିଲେ ମଧ୍ୟ ପାଲ ଖଣ୍ଡେ ମିଳିନାହିଁ। ଫଳରେ ଘରକୁ ଫେରି ନ ପାରି ବହୁ ସମସ୍ୟାରେ ଘାଣ୍ଟି ହେଉଛୁ।


ବେରୁହାଁ ବାତ୍ୟା ଆଶ୍ରୟସ୍ଥଳୀ।

### ୩ଦିନ ବିତିଲା, ମିଳିଲାନି ପଲିଥିନ

ଖୋର୍ଦ୍ଧା ବ୍ଲକର ବହୁ ଗାଁର ଘର ଦ୍ୱାର ଭାଙ୍ଗି ଛାର୍‌ଖାର ହୋଇଯାଇଛି। ହେଲେ ମୁଣ୍ଡ ଗୁଞ୍ଜିବାକୁ ସେମାନଙ୍କୁ ପଲିଥିନ ଖଣ୍ଡେ ପ୍ରଶାସନ ପକ୍ଷରୁ ଏଯାବତ୍ ଦିଆଯାଇନାହିଁ। ବ୍ଲକର ପାନବରଜ ଗ୍ରାମର ଶତାଧିକ ଘର ଭାଙ୍ଗି ଛାର୍‌ଖାର ହୋଇଛି। ମାତ୍ର ପାଲ ଖଣ୍ଡେ ଘରେ ପକାଇବାକୁ ୩ ଦିନ ଧରି ଗ୍ରାମର ଉଲ୍ଲାସ ସେଠୀ ବ୍ଲକ ଅଫିସକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ତହସିଲଦାର ଏବଂ ଆରଆଇଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଯେଉଁମାନଙ୍କ ଘର କ୍ଷତିଗ୍ରସ୍ତ ତାଲିକାରେ ଆସିବ ସେମାନଙ୍କୁ ଜରି ପାଲ ଦିଆଯିବ। ଏହା ସରକାରଙ୍କ ନିର୍ଦ୍ଦେଶ ଆମେ କିଛି କରିପାରିବୁ ନାହିଁ ବୋଲି ବିଡିଓ ଦୁଃଖ ଏବଂ କ୍ଷୋଭର ସହ ଗଣମାଧ୍ୟମକୁ ଜଣାଇଥିଲେ। ବର୍ଷା ପରେ ଟାଣ ଖରା ଆରମ୍ଭ ହୋଇଛି। ଘରେ ମୁଣ୍ଡ ଗୁଞ୍ଜିବାକୁ ଉପରେ ଚାଳ କି ଟିଣ ଛପର ନାହିଁ। କେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ଏହାକୁ କ'ଣ ଅଧିକାରୀମାନେ ଦେଖି କି ଜାଣିପାରୁନାହାନ୍ତି।





## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଜିନା
ପରିବାରବର୍ଗ


ରାଜୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାତ୍ୟା ପୁନରୁଦ୍ଧାର ସମୀକ୍ଷା କଲେ କେନ୍ଦ୍ରୀୟ ସଚିବ

- ୧୨ ସୁଦ୍ଧା ପୁରୀ ରେଳଲାଇନ ପୁନରୁଦ୍ଧାର ସରିବ
- ୧୪ ସୁଦ୍ଧା ୧୫ ହଜାର ଷ୍ଟିଲ ବିଦ୍ୟୁତ୍ ଖୁଣ୍ଟ ପଠାଇବ କେନ୍ଦ୍ର
- ରିଲିଫ କାର୍ଯ୍ୟରେ ୪ ହେଲିକପ୍ଟର ନିୟୋଜିତ

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି କେନ୍ଦ୍ର କ୍ୟାବିନେଟ ସଚିବ ପି.କେ. ସିହ୍ନା। ସୋମବାର ଭିଡିଓ କନ୍‌ଫରେନ୍ସି ଜରିଆରେ ସେ ମୁଖ୍ୟ ଶାସନ ସଚିବ ଏବଂ କେନ୍ଦ୍ର ଓ ରାଜ୍ୟର ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ସମୀକ୍ଷା ବୈଠକରେ ବିଦ୍ୟୁତ ଶକ୍ତି, ପାନୀୟ ଜଳ, ଟେଲି ଯୋଗାଯୋଗ, ବ୍ୟାଙ୍କ ସୁବିଧାର ପୁନରୁଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଟେଲି ଯୋଗାଯୋଗ ପାଇଁ ମୋବାଇଲ ଟାୱାର ଯୋଗାଇ ଦେବାକୁ ଓଡ଼ିଶା ସରକାର ଅନୁରୋଧ କରିଛନ୍ତି। ୨୫୦୦ ଗାଙ୍ଗମ୍ୟାନ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟକୁ ୫,୫୦୦ ଷ୍ଟିଲ ବିଦ୍ୟୁତ ଖୁଣ୍ଟ ପଠାଯାଇଛି। ଆସନ୍ତା ୧୪ ତାରିଖ ସୁଦ୍ଧା ଆହୁରି ୧୫ ହଜାର ପଠାଯିବ ବୋଲି କ୍ୟାବିନେଟ ସଚିବ ବୈଠକରେ ସୂଚନା ଦେଇଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଯେପରି ପେଟ୍ରୋଲ ଓ ଡିଜେଲ ସମସ୍ୟା ଦେଖା ନ ଦେବ ସେଥିପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୨ ତାରିଖ ସୁଦ୍ଧା ପୁରୀର ସମସ୍ତ କ୍ଷତିଗ୍ରସ୍ତ ରେଳଲାଇନର ପୁନରୁଦ୍ଧାର କରିବାକୁ ରେଳମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ବୀମା ରାଶି ଯୋଗାଇ ଦେବାକୁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ଅର୍ଥ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଡିଜେଲ ଜେନେରେଟର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବାକୁ ୪ଟି ହେଲିକପ୍ଟର ଯୋଗାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ସହ ମିଶି ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିବା କ୍ୟାବିନେଟ ସଚିବ ସୂଚନା ଦେଇଛନ୍ତି।

# ନାବାଳିକା ଗର୍ଭବତୀ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ/ପାଟପୁର,୬।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ପାଟପୁର ପୋଲିସ ଟି. ଗୋବିନ୍ଦପୁର ପଞ୍ଚାୟତ ଦୈତ୍ୟଗୁଣ୍ଡୁରିବାଡ଼ି ଗ୍ରାମର ସେମିୟା ମଣ୍ଡଳଙ୍କୁ ସୋମବାର ଗିରଫ କରିଛି। ନଂ.୯୩/୧୯ରେ ମାମଲା ରୁଜୁ କରାଯାଇଥିବା ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ସେମିୟା ବିବାହିତ ହୋଇଥିବା ବେଳେ ଗତ କିଛିମାସ ତଳେ ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରେ ନାବାଳିକା ଗର୍ଭବତୀ ହୋଇଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଘଟଣା ସମ୍ପର୍କରେ ନାବାଳିକାଙ୍କ ମା' ଜାଣିପାରି ଝିଅକୁ ପଚରାଉଚରା କରିଥିଲେ। ସେ ଘଟଣା ସମ୍ପର୍କରେ ମା'ଙ୍କୁ କହିଥିଲେ। ଏନେଇ ଗାଁରେ ଏକ ବୈଠକ ବସିଥିଲା। ସେଠାକୁ ଅଭିଯୁକ୍ତ ସେମିୟାଙ୍କୁ ଡକା ଯାଇଥିଲା। କିନ୍ତୁ ସେ ଆସି ନ ଥିଲେ। ପରେ ପୀଡିତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ସେମିୟା ଧମକ ଦେଇଥିଲେ। ଶେଷରେ ସୋମବାର ସନ୍ଧ୍ୟାରେ ପୀଡିତାଙ୍କ ମା' ପାଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ମଙ୍ଗଳବାର ଉଭୟଙ୍କୁ ଡ଼ାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଡିପିଓ ପ୍ରଧାନ କହିଛନ୍ତି। ପୀଡିତାଙ୍କ ବୟାନ ମଙ୍ଗଳବାର କୋର୍ଟରେ ରେକର୍ଡ କରାଯିବ ବୋଲି ପୋଲିସ କହିଛି।

**ପ୍ରଥମ ପୃଷ୍ଠାରୁ...**

## ରିଲିଫ ପାଇଁ...

ହାସଲ ହେବାପରେ ସରକାର ସେହିଭଳି ପଙ୍ଗୁ ହୋଇ ବସିପଡିଛି। ମୁଖ୍ୟତଃ ଏଭଳି ଦୁର୍ଦ୍ଦିନ ସମୟରେ କୌଣସି ପ୍ରଶାସନିକ ଅଧିକାରୀ ଏ ପର୍ଯ୍ୟନ୍ତ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ନ କରିବା ନେଇ ଲୋକଙ୍କ ମଧ୍ୟରେ ଆକ୍ରୋଶ ବଢିବାରେ ଲାଗିଛି। ସରକାରଙ୍କ ପାଖରେ ଏବେ ଅର୍ଥ ନ ଥିବାରୁ ବାତ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ସମ୍ଭବପର ହେଉନାହିଁ ବୋଲି ସୂତ୍ରରୁ ଜଣାପଡିଛି।

ବାତ୍ୟା ଫନୀ ଗତ ୩ତାରିଖ ଦିନ ପୁରୀରେ ସ୍ଥଳଭାଗ ଛୁଇଁଲା। କିଛି ସମୟର ଫନୀ ପ୍ରଭାବ ପୁରୀର ଦୃଶ୍ୟ ସମ୍ପୂର୍ଣ୍ଣ ବିଗାଡି ଦେଇ ଚାଲିଗଲା। ଏହାପରେ ଖାଇବା, ପିଇବା ଓ ରହିବା ପାଇଁ ଉପୁଜିଥିବା ସମସ୍ୟା ନେଇ ଲୋକେ ମୁଣ୍ଡ ପିଟିବାରେ ଲାଗିଛନ୍ତି। ହେଲେ ୩ଦିନ ପରେ ମଧ୍ୟ ବିଶେଷ କ୍ଷତି ହୋଇଥିବା ଗ୍ରାମାଞ୍ଚଳଗୁଡିକରେ ପ୍ରଶାସନ ରିଲିଫ ପହଞ୍ଚାଇ ପାରିନାହିଁ। ଅନ୍ୟପଟେ ବାତ୍ୟା ପ୍ରଭାବରେ ବ୍ୟାପକ କ୍ଷତି ହୋଇଥିବା ସବୁ ଗାଁରେ ସରକାର ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିପାରି ନାହାନ୍ତି। ବହୁତ ଲୋକ ବାତ୍ୟା ଭୟରେ ନିଜର ଚାଳ ଘର ଛାଡି ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ଘରେ ଆଶ୍ରୟ ନେଇଥିଲେ। ହେଲେ ସେସବୁ କାର୍ଯ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ଆଜ୍‌ବେଷ୍ଟସ ଘର ଥିବାରୁ ସେଠାରେ ମଧ୍ୟ ଲୋକେ ଭୟଙ୍କର ପରିସ୍ଥିତିର ଶିକାର ହୋଇଛନ୍ତି। କେତେଗୁଡିଏ ଗାଁ ସମ୍ପୂର୍ଣ୍ଣ ମାଟିରେ ମଧ୍ୟ ମିଶିଯାଇଛି। କଣାସ ବ୍ଲକର ଅଣ୍ଡାଳ ସିଂ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗାଁ ମୁଣ୍ଡରେ ରହୁଥିବା ପ୍ରାୟ ୧୦୦ଲୋକଙ୍କ ଘର ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। କିନ୍ତୁ ସେଠାରେ ବସବାସ କରୁଥିବା ଲୋକେ କେମିତି ଅଛନ୍ତି ସେତିକି ବୁଝିବା ପାଇଁ ମଧ୍ୟ କୌଣସି ଅଧିକାରୀ କି ନେତାଙ୍କର ଦେଖାଦର୍ଶନ ନାହିଁ। ଲୋକଙ୍କ କହିବା କଥା ଠିକ୍ ୨୦ଦିନ ତଳେ ବିଭିନ୍ନ ଦଳର ନେତା ଘନଘନ ଗସ୍ତ କରି ସବୁ ପ୍ରକାର ପ୍ରତିଶ୍ରୁତିର ପାହାଡ ଠିଆ କରିଥିଲେ। ସିଏ ଥିଲା ନିର୍ବାଚନ ସମୟ। ହେଲେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ଏଯାଏ ପହଞ୍ଚିନାହାନ୍ତି।

ସେହିପରି ପୁରୀ ଜିଲା ସଦର ବ୍ଲକର ବୀରନରସିଂହପୁର ଓ ପ୍ରତାପ ରାମଚନ୍ଦ୍ରପୁରରେ ମଧ୍ୟ ସମାନ ସ୍ଥିତି। ଏହିସବୁ ଗାଁଗୁଡିକରେ ଗଛ ପଡି ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗିଯାଇଛି। ଏହିସବୁ ଗ୍ରାମରେ ଲୋକେ ରାସ୍ତାକୁ ଓହ୍ଲାଇବାର ଧମକ ଦେବାରୁ ବାତ୍ୟାର ଦୁଇଦିନ ପରେ ଜେନେରେଟର ଯୋଗେ ଅଳ୍ପକିଛି ସମୟ ପାଇଁ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଏହି ଗ୍ରାମଗୁଡିକ ଦେଇ ନୂଆ ଜଗନ୍ନାଥ ସଡକ ଯାଇଛି ଏବଂ ଜାତୀୟ ରାଜପଥ ୧୬ରେ ମିଶିଛି। ରାଜ୍ୟ ସରକାର ଏହି ରାସ୍ତାରୁ ଲଗାତର ୮ବର୍ଷରୁ ଅଧିକ ସମୟ ଧରି ଟୋଲ୍ ଫି ଆଦାୟ କରି ଆସିଛନ୍ତି। ହେଲେ ବର୍ତ୍ତମାନ ବାତ୍ୟାରେ ସମ୍ପୂର୍ଣ୍ଣ କ୍ଷୟକ୍ଷତି ହୋଇଥିବା ଏହି ଗ୍ରାମର ରାସ୍ତା ସଫା କରିବାକୁ ପ୍ରଶାସନ ନ ପହଞ୍ଚିବା ନେଇ ଲୋକଙ୍କ ଭିତରେ ଆକ୍ରୋଶ ବଢିବାରେ ଲାଗିଛି। କଷ୍ଟେମଷ୍ଟେ ଲୋକେ ଗାଁଗୁଡିକର ମୁଖ୍ୟ ରାସ୍ତା ସଫା କରିଦେଇଛନ୍ତି। ହେଲେ ପୂରାପୂରି ସଫା କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। ଅନ୍ୟପଟେ ପ୍ରଶାସନିକ ଅଧିକାରୀ ନ ପହଞ୍ଚିବା ନେଇ ଏଠାରେ ମଧ୍ୟ ଲୋକେ ପୂରା ରାଗି ଗଲେଣି। ପ୍ରତାପ ରାମଚନ୍ଦ୍ରପୁରର ଅଇଁଠା ବେହେରା କହିଛନ୍ତି, ଏ ଗାଁରେ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ। ଏହି ପଞ୍ଚାୟତରେ ପ୍ରାୟ ୫ହଜାର ଲୋକ ବାସ କରନ୍ତି। ବାତ୍ୟା ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ଛୋଟ ଥିବାରୁ ଅନ୍ୟମାନଙ୍କ ଘରେ ଲୋକେ ଆଶ୍ରୟ ନେବାକୁ ବାଧ୍ୟ ହେଲେ। ହେଲେ ଆମର ଏତେ ଦୁଃଖ ବେଳେ ପ୍ରଶାସନ କାହିଁକି ପହଞ୍ଚୁ ନାହାନ୍ତି, ସେମାନେ ଆସିଲେ ତା'ର ଉତ୍ତର ମାଗିବୁ ବୋଲି ସେ କହିଛନ୍ତି।

ଏହିସବୁ ପରିସ୍ଥିତି ଦେଖିବାପରେ ସଚିବାଳୟର କିଛି ସରକାରୀ ଅଧିକାରୀଙ୍କୁ ପ୍ରଶାସନ ବାତ୍ୟା ପ୍ରଭାବିତ ଅଞ୍ଚଳରେ କାହିଁକି ଏ ପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି ବୋଲି ଧରିତ୍ରୀ ତରଫରୁ ପଚରାଯାଇଥିଲା। ଏନେଇ ଜଣେ ସରକାରୀ ଅଧିକାରୀ ନିଜ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି, ସରକାରଙ୍କ ପାଖରେ ବାତ୍ୟା ମୁକାବିଲା ପାଇଁ ଏବେ ଅର୍ଥ ନାହିଁ। ପ୍ରଚାର ଓ ଭୋଟ ପାଇଁ ଜରୁରିକାଳୀନ ପାଣ୍ଠି(କଣ୍ଟିନଜେନ୍ସି ଫଣ୍ଡ)ରୁ ସବୁ ଅର୍ଥ କାଳିଆ ଯୋଜନା ନାଁରେ ଖର୍ଚ୍ଚ କରାଯାଇଛି। ଯେଉଁଥିଲାଗି ଏବେ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ସହଯୋଗ ଯୋଗାଇ ଦେବାରେ ସରକାର ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡିଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତା ରାଶି ଉପରେ ରାଜ୍ୟ ସରକାର ନିର୍ଭରଶୀଳ ହୋଇ ରହିଛନ୍ତି। ସେହି ଅର୍ଥ ମିଳିବାପରେ ରାଜ୍ୟ ସରକାର ବାତ୍ୟା ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ଏବେ କେବଳ ସବୁ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ସେଥିପାଇଁ ରାଜ୍ୟ ସରକାର ବାତ୍ୟାର ୩ଦିନ ପରେ ମଧ୍ୟ ଘର ଭାଙ୍ଗି ଯାଇଥିବା ଲୋକଙ୍କୁ ସାମାନ୍ୟ ପଲିଥିନ୍ ଓ ପାଣି ଦେବାରେ ଅକ୍ଷମ ହୋଇଛନ୍ତି ବୋଲି ସେ କହିଛନ୍ତି। ସେହିପରି ଜରୁରିକାଳୀନ ଅର୍ଥକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିଦିଆଯିବା କାରଣରୁ ପୂର୍ବତନ ଅର୍ଥ ସଚିବ ତୁହୀନକାନ୍ତ ପାଣ୍ଡେ ସେତେବେଳେ ଡେପୁଟେଶନରେ ଚାଲିଯାଇଥିବା ମଧ୍ୟ ସଚିବାଳୟରେ ଚର୍ଚ୍ଚା ଜୋର୍ ଧରିଛି। ବର୍ତ୍ତମାନ ସ୍ଥିତିର ମୁକାବିଲା କରାଯାଇ ନ ପାରିବା ପାଇଁ ଏହି ସରକାର ଦାୟୀ ବୋଲି ତଳିଆ କର୍ମଚାରୀ ମଧ୍ୟ ଖୋଲାଖୋଲି କହିବା ଆରମ୍ଭ କଲେଣି। ଗୃହ ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ କହିଛନ୍ତି ଯେ, ଦାୟିତ୍ୱରେ ଥିବା ସଚିବମାନେ କୌଣସି ସମୟରେ ଜିଲାର ଜରୁରିକାଳୀନ ଅର୍ଥ ଖର୍ଚ୍ଚ କରା ନ ଯାଉ ବୋଲି ରାଜନୈତିକ ଶାସକମାନଙ୍କୁ ଜଣାଇବାକୁ ଉଚିତ ମନେକରି ନ ଥିଲେ। ଏହିଭଳି ଦାସ ମାନସିକତା ଯୋଗୁ ଆଜି ଓଡିଶାର ଅମଲାତନ୍ତ୍ରୀମାନେ ରାଜ୍ୟର କ୍ଷତି କରିଛନ୍ତି।

**(ରିପୋର୍ଟ: ସୁନୀତ୍ ମିଶ୍ର)**

## ଓଡ଼ିଶାର...

କ୍ଷତି ହୋଇଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ସାରା ବିଶ୍ୱ ପାଇଁ ଏକ ଉଦାହରଣ। କେନ୍ଦ୍ର ଓ ରାଜ୍ୟ ମିଶି ଏହି ବିପତ୍ତି ମୁକାବିଲା କରିବେ । କେନ୍ଦ୍ର ସରକାର ତୁରନ୍ତ ଜାତୀୟ ବିପର୍ଯ୍ୟୟ ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ୧ ହଜାର କୋଟି ଟଙ୍କା ଯୋଗାଇଦେବେ। ବାତ୍ୟା ପୂର୍ବରୁ ଓଡ଼ିଶାକୁ ଏସ୍‌ଡିଆର୍‌ଏଫ୍‌କୁ କେନ୍ଦ୍ର ଅଂଶ ବାବଦରେ ୩୪୧ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ପରିସ୍ଥିତିର ମୁକାବିଲା ନେଇ କେନ୍ଦ୍ର କ୍ୟାବିନେଟ ସଚିବ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ନିୟମିତ ସମ୍ପର୍କରେ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ବାତ୍ୟା 'ଫନୀ' କ୍ଷତିକୁ ଭରଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ୧୭ ହଜାର କୋଟି ଟଙ୍କାର ଦୀର୍ଘମିଆଦୀ ସହାୟତା ଦେବାକୁ ଦାବି କରିଛନ୍ତି। ସେଥିରୁ ଉପକୂଳ ଓଡ଼ିଶାରେ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କରିବା କ୍ଷେତ୍ରରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ବାତ୍ୟାପ୍ରବଣ ଉପକୂଳ ଓଡ଼ିଶାରେ ୫ ଲକ୍ଷ କଚ୍ଚା ଘରକୁ ବିପର୍ଯ୍ୟୟ ପ୍ରତିରୋଧ ପକ୍କାଘରରେ ପରିଣତ କରିବାକୁ ୭ ହଜାର କୋଟି ଟଙ୍କା ଦାବି କରାଯାଇଛି। ଏଥିରେ କେନ୍ଦ୍ର ସରକାର ୯୦ ପ୍ରତିଶତ ଓ ରାଜ୍ୟ ସରକାର ୧୦ ପ୍ରତିଶତ ଅର୍ଥ ବହନ କରିବେ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୋଗାଯୋଗ ବ୍ୟବସ୍ଥାକୁ ଉପଲବ୍ଧି କରି ରାଜ୍ୟର ସମସ୍ତ ଉପକୂଳରେ ବିପର୍ଯ୍ୟୟ ପ୍ରତିରୋଧ ଟେଲି ଯୋଗାଯୋଗ ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ବର୍ତ୍ତମାନ ଅମେ ଏକ ବିପର୍ଯ୍ୟୟ ପ୍ରତିରୋଧ ଓଡ଼ିଶା ଗଠନ କରିବା ଦିଗରେ ମଧ୍ୟ ବିଶ୍ୱସ୍ତରୀୟ ମାନ ସୃଷ୍ଟି କରିବା ଆବଶ୍ୟକ। ୨୦୧୩ରେ ଓଡ଼ିଶାରେ ଫାଇଲିନ୍, ୨୦୧୪ରେ ହୁଡ୍‌ହୁଡ୍, ୨୦୧୫ରେ ମରୁଡ଼ି, ୨୦୧୮ରେ ତିତ୍‌ଲି ଏବଂ ୨୦୧୯ରେ ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଅର୍ଥନୀତିକୁ ପ୍ରଭାବିତ କରିଆସୁଛି। ଏସବୁର ମୁକାବିଲା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି, ଯଦ୍ୱାରା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ହ୍ରାସ ଘଟୁଛି। ଏ ସବୁକୁ ବିଚାରକରି କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଦାବିକୁ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ବାତ୍ୟା କ୍ଷୟକ୍ଷତି ନେଇ ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତତ୍କାଳ ୧ ହଜାର କୋଟି ଟଙ୍କା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅର୍ଥ ଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହିତ ସବୁ ସମୟରେ ରାଜ୍ୟକୁ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ବିଦ୍ୟୁତ ଭିତ୍ତିଭୂମି ବହୁମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ଏଥିପାଇଁ ବାତ୍ୟା ନିରୋଧୀ ବିଦ୍ୟୁତ ଭିତ୍ତିଭୂମି ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟ ପାଇଁ ବିଦ୍ୟୁତ୍ ଭିତ୍ତିଭୂମି ଆକ୍ସନ ପ୍ଲାନ କରାଯାଉଛି। ଓଡ଼ିଶା ମଧ୍ୟ ଏଭଳି ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରି ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ପାଇଁ ଅତି ଉଚ୍ଚ ବାତ୍ୟା ନିରୋଧୀ ୫ ଲକ୍ଷ ଗୃହ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ମାଦଳଙ୍କୁ...

ଅଧିକାରୀଙ୍କୁ କେବଳ ମାତ୍ର ବଦଳି କରାଯାଇଥାଏ। ସେମାନଙ୍କ ପଦାବନତି କରାଯାଏ ନାହିଁ କିମ୍ବା ରୋଜଗାର ପନ୍ଥାରେ ବାଧା ସୃଷ୍ଟି କରାଯାଏ ନାହିଁ। ଅର୍ଥାତ୍ ମାଦଳଙ୍କ ପାଇଁ କୌଣସି ଦଣ୍ଡବିଧାନର ବ୍ୟବସ୍ଥା ନାହିଁ। ଫନୀ ପ୍ରଭାବିତ ୩ଟି ଜିଲା ପୁରୀ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ାର ଜନସାଧାରଣ କଷ୍ଟ ପାଉଥିବା ବେଳେ ଅଫିସରଙ୍କ ମୁଣ୍ଡ ନୁଆଁଇବାର ପରିସ୍ଥିତି ସୃଷ୍ଟି କରାଗଲା ନାହିଁ। ଏହିଭଳି ଅଫିସରରାଜ୍ ଓଡ଼ିଶାକୁ ଯଥେଷ୍ଟ କ୍ଷତି ପହଞ୍ଚାଉଛି।

## ବଦଳିଲେ ୩...

ସ୍ଥାନରେ ପ୍ରେମଚନ୍ଦ ଚୌଧୁରୀଙ୍କୁ ଦାୟିତ୍ୱ ମିଳିଛି। ପୁରୀ, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡ଼ାରେ ରିଲିଫ୍ କାର୍ଯ୍ୟ ସୁରୁଖୁରରେ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା ଆଲୋଚନା ହୋଇଛି। ନିର୍ବାଚନ ଆଚରଣବିଧି ସାମୟିକ ଭାବେ ଉଠିଥିବାରୁ ରାଜ୍ୟ ସରକାର ବ୍ୟାପକ ଅଦଳବଦଳ କରି ନ ଥିବା ଜଣାପଡିଛି। ସେହିପରି ଘଟଣାକ୍ରମରେ କେନ୍ଦ୍ରାପଡା ଜିଲା ପାଟକୁରା ବିଧାନସଭା ନିର୍ବାଚନ ଘୁଞ୍ଚିଯାଇଛି। ଚଳିତ ମାସ ୧୯ରେ ନିର୍ବାଚନ ହେବାକୁ ଥିଲା। ତେଣୁ କେନ୍ଦ୍ରାପଡା ଜିଲାପାଳ ପରିବର୍ତ୍ତନକୁ ରାଜନୈତିକ ମହଲ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

## ପାଟକୁରା ନିର୍ବାଚନ...

ରହିଥିବା ବରିଷ୍ଠ ଭାଜପା ନେତା ତଥା ପାଟକୁରା ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ରାଜନୈତିକ ଭବିଷ୍ୟତ ପୁଣି ଥରେ ସଂଘର୍ଷପୂର୍ଣ୍ଣ ସ୍ଥିତିକୁ ଚାଲିଯାଇଛି। ବିଜେଡି ପ୍ରାର୍ଥୀ ବେଦପ୍ରକାଶଙ୍କ ବିୟୋଗ ପରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଏପ୍ରିଲ ୨୯ ତାରିଖରେ ହେବାକୁ ଥିବା ନିର୍ବାଚନ ସ୍ଥଗିତ ହୋଇଥିଲା। ପୁଣି ଥରେ ବାତ୍ୟା ପାଇଁ ନିର୍ବାଚନ ଘୁଞ୍ଚିଯାଇଛି। ଏହି ନିର୍ବାଚନ ବିଜୟଙ୍କ ପାଇଁ ଅଗ୍ନିପରୀକ୍ଷା ହେବ ବୋଲି ଚର୍ଚ୍ଚା ହେଉଛି। ବାରମ୍ବାର ନିର୍ବାଚନ ଘୁଞ୍ଚିବା ବିଜୟଙ୍କ ରାଜନୈତିକ ସମସ୍ୟା ସୃଷ୍ଟି କରିଛି ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି । ବିଜୟ ୨୦୧୪ ନିର୍ବାଚନରେ ମହାକାଳପଡାରୁ ନିର୍ବାଚନ ଲଢ଼ିଥିଲେ ମଧ୍ୟ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କଠାରୁ ପରାଜିତ ହୋଇଥିଲେ। ଚଳିତ ନିର୍ବାଚନରେ ମହାକାଳପଡା ବଦଳରେ ପାଟକୁରାରୁ ନାମାଙ୍କନ ପତ୍ର ଦାଖଲ ପରେ ବିଜୟ ନିଜର ପ୍ରଚାର ଅଭିଯାନକୁ ଜୋରଦାର କରିଥିଲେ। ଅସୁସ୍ଥ ସତ୍ତ୍ୱେ ବେଦପ୍ରକାଶଙ୍କୁ ବିଜେଡି ପୁଣି ଥରେ ପାଟକୁରା ଆସନରୁ ପ୍ରାର୍ଥୀ କରିଥିଲା । ଟିକେଟ ବଣ୍ଟନ ବେଳକୁ ସେ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପ୍ରାର୍ଥିପତ୍ର ଦାଖଲ ପରେ ସେ ପୁଣି ଅସୁସ୍ଥ ହୋଇ ପଡିଥିଲେ। କିନ୍ତୁ ସେ ଆଉ ସୁସ୍ଥ ହୋଇ ନିର୍ବାଚନ ମଇଦାନକୁ ଫେରି ପାରି ନ ଥିଲେ। ବେଦପ୍ରକାଶଙ୍କ ଅସୁସ୍ଥତା ବିଜୟଙ୍କୁ ପରୋକ୍ଷରେ ରାଜନୈତିକ ଫାଇଦା ଦେବ ବୋଲି ଚର୍ଚ୍ଚା ହେଉଥିଲା। ବିଜୟ ନିଜର ପ୍ରଚାର ଅଭିଯାନକୁ ଜୋରଦାର କରିବା ସହ ତାଙ୍କର ପୁରୁଣା ସାଥୀ ଦିଲ୍ଲୀପ ରାୟ ମଧ୍ୟ ତାଙ୍କୁ ପ୍ରଚାରରେ ସହାୟତା କରିବାକୁ ଆଗେଇ ଆସିଥିଲେ। ନିର୍ବାଚନ ପ୍ରଚାର ଓ ଅନ୍ୟାନ୍ୟ ଦୃଷ୍ଟି କୋଣରୁ ବିଜୟ ବେଦପ୍ରକାଶଙ୍କଠାରୁ ଆଗରେ ରହିଥିଲେ। ତେବେ ହଠାତ ତାଙ୍କ ବିୟୋଗ ବିଜୟଙ୍କ ରାଜନୈତିକ ଆକାଶରେ କଳା ବାଦଲ ଭଳି ମାଡି ଆସିଛି। ବାରମ୍ବାର ନିର୍ବାଚନ ସ୍ଥଗିତ ବିଜୟଙ୍କ ପାଇଁ ଶୁଭଙ୍କର ନୁହେଁ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ନିର୍ବାଚନ ଶେଷ ହୋଇ ଯାଇଥିବାରୁ କେବଳ ଗୋଟିଏ ଆସନ ଉପରେ ଉଭୟ ବିଜେଡି ଓ ଭାଜପାର ଫୋକସ ରହିବ। ଦୁଇ ଦଳର ନେତା ଗୋଟିଏ ସିଟ୍‌କୁ ହାତେଇବାକୁ ଜୋରଦାର ପ୍ରୟାସ କରିବେ। ଅନ୍ୟପକ୍ଷରେ ମୃତ ବେଦଙ୍କ ସ୍ତ୍ରୀଙ୍କୁ ବିଜେଡି ନିର୍ବାଚନ ମଇଦାନକୁ ଓହ୍ଲାଇଥିବାରୁ ଜନସାଧାରଣଙ୍କ ଅନୁକମ୍ପା ହାସଲ କରିବା ପାଇଁ ଉଦ୍ୟମ କରିବ। ଏଭଳି ପରିସ୍ଥିତିରେ ବିଜୟଙ୍କର ରାଜନୈତିକ ଭାଗ୍ୟ କ'ଣ ହେବ ତାହା ଉପରେ ଏବେ ସଭିଙ୍କ ନଜର ରହିଛି। ବିଧାନସଭାକୁ ନିର୍ବାଚିତ ହେବା ପାଇଁ ୪ ଥର ଫେଲ୍ ମାରିଥିବା ବିଜୟ ନିଜର ସ୍ୱପ୍ନକୁ ସାକାର କରିପାରିବେ ନା ତାହା ସ୍ୱପ୍ନରେ ରହିଯିବ ଆଗାମୀ ଦିନରେ ହିଁ ଜଣାପଡ଼ିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଆପଣଙ୍କ ଯାତ୍ରା, ବ୍ୟବସାୟ, ବାଣିଜ୍ୟ, ପରିବହନ, ସଙ୍ଗଠନ, ରାଜନୀତି ପାଇଁ ବହୁତ ଭଲ । ମାତ୍ର କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିବା କାରଣରୁ ଟେନ୍‌ସନ ପିଛା ଛାଡିବ ନାହିଁ। ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ, କିନ୍ତୁ ପାରିବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ।

**ବୃଷ**

ସାମୂହିକ କାମରେ ବନ୍ଧୁମାନଙ୍କ ପ୍ରଶଂସାସୂଚକ ବାକ୍ୟ ଆପଣଙ୍କୁ ଭାବ ବିଭୋର କରାଇବ। ପରିବାରରେ ପିଲା ମାନଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ। ଅବୁଝା ବ୍ୟକ୍ତିଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ।

**ମିଥୁନ**

ଅନ୍ୟକୁ ଆପଣାର କରିବାକୁ ଯାଇ ଖର୍ଚ୍ଚକୁ ନ ଡରି କାମ କରିବେ। ପରିବାରରେ ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରୟନ୍ କଲେ ସଫଳତା ମିଳିବାର ଆଶା କରାଯାଇପାରେ। ଅକସ୍ମାତ ମଧ୍ୟାହ୍ନରେ ବନ୍ଧୁମାନଙ୍କଠାରୁ ଖୁସୀ ଖବର ମିଳିବ। ଦୀର୍ଘଦିନର ଶତ୍ରୁତା ବିବାଦର କାରଣ ହୋଇପାରେ।

**କର୍କଟ**

କର୍ମକ୍ଷେତ୍ରରେ ସ୍ୱଇଚ୍ଛାରେ ନିଜ ମୁଣ୍ଡକୁ ଦାୟିତ୍ୱ ନେଇ ପଶ୍ଚାତାପ କରିବାକୁ ପଡ଼ିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ।

**ସିଂହ**

ସ୍ୱାସ୍ଥ୍ୟହାନିଜନିତ ସାମୟିକ ମନ ମାନ୍ଦା ରହିଲେ ମଧ୍ୟ ବନ୍ଧୁମାନଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ଅପରାହ୍ନରେ ବନ୍ଧୁଙ୍କ ନିକଟରୁ ଅଯାଚିତ ଭାବରେ ଆବଶ୍ୟକଠାରୁ ଅଧିକ ଟଙ୍କା ପାଇ ଖୁସି ହେବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡିପାରେ।

**କନ୍ୟା**

ଆଜି ଆପଣ ବନ୍ଧୁମାନଙ୍କ ଗହଣରେ ଖୁସିରେ ସମୟ କଟାଇବେ ଓ ଖାଇବାକୁ ମଧ୍ୟ ଭଲ ମିଳିବ। କର୍ମକ୍ଷେତ୍ରରେ ଚାଲାକ୍ କାମ କରି ଆକସ୍ମିକ ଭାବେ ନୂତନ ସମସ୍ୟାକୁ ମଧ୍ୟ ସୁଧାରିନେବେ। ପୁରାତନ ଗାଡିଟି ବିକ୍ରି ହୋଇଯିବା ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ଅପେକ୍ଷା କରିବାକୁ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ।

**ତୁଳା**

ଆଜି ଘର କାମରେ ମନ ଲାଗିବ ନାହିଁ। ତେଣେ ଖେଳିବୁଲି ସମୟ ନଷ୍ଟ କରିବେ। ପାରିବାରିକ ଜୀବନ, ରାଜନୈତିକ ସ୍ଥିତି ଓ ଆନୁଷ୍ଠାନିକ କାମରେ ପ୍ରଗତି ହେତୁ ସାମୟିକ ଖୁସି ରହିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ିଯିବ କିନ୍ତୁ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ମହିଳାମାନେ ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ବିଛା**

ନିକଟ ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେ ହିଁ କ୍ଷତିରେ ପଡିବେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ସାଲିସ୍ କରି ଚଳିବା ଠିକ୍ ହେବ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବହୁମୁଖୀ ହେବ କିନ୍ତୁ ଖର୍ଚ୍ଚ କିଛି କମିବାର ନାହିଁ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀମାନଙ୍କ ପ୍ରଶଂସାଭାଜନ ହେବେ।

**ଧନୁ**

ମାନସିକ ଅସ୍ଥିରତା ଓ ଅସଂଯମ ଜୀବନଚର୍ଯ୍ୟାରୁ ଅସାବଧାନତା କାରଣରୁ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ସତର୍କରେ କାମ କରିବା ଭଲ। ହଜି ଯାଇଥିବା ବନ୍ଧୁଙ୍କ ଖୋଜଖବର ପାଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣାରୁ ସମସ୍ୟାଗ୍ରସ୍ତ ହେବେ।

**ମକର**

କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରି ଆଶା ପୂରଣରେ ସଫଳ ହେବେ। ସଭାସମିତିରେ ପ୍ରବଚନ, ଆନୁଷ୍ଠାନିକ କାମ ତଥା ପ୍ରତିଯୋଗିତାରେ ସଫଳ ହେବେ। ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ କିନ୍ତୁ ନିର୍ବିଘ୍ନରେ କାମ କରିଚାଲନ୍ତୁ । କିଛି ଅସୁବିଧା ହେବନାହିଁ । ଆଜିର ଯାତ୍ରାରେ ନିକଟ ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ**

ଆଜି ଦିନଟି ସତର୍କ ରହିବା ଭଲ ହେବ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସତର୍କରେ ନ ଚଳିଲେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡିପାରେ। ସାୟାହ୍ନେ ହଠାତ୍ ଜନଗହଳିପୂର୍ଣ୍ଣ ପରିବେଶରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇ ପାରନ୍ତି। ପଡ଼ୋଶୀଙ୍କଠାରୁ ଶୁଭ ଖବର ପାଇ ଖୁସି ହେବେ।

**ମୀନ**

ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଆଲୋଚନା ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଙ୍ଗଠନ କ୍ଷେତ୍ରରୁ ସୁଫଳ ମିଳିବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇପାରେ। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ପବିତ୍ର ଅକ୍ଷୟ ତୃତୀୟା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାରମ୍ଭ, ରେବତୀ ବିବାହୋତ୍ସବ, ରମ୍‌ଜାନ ମାସର ରୋଜା ଆରମ୍ଭ, ରଥ ଅନୁକୂଳ, କୃଷକଙ୍କ ଅଖିମୁଠି ଅନୁକୂଳ, ଧାନ୍ୟ କ୍ଷେତ୍ରେ ପୂଜା, ବୈଶାଖ ଶୁକ୍ଳ ତୃତୀୟା ମଙ୍ଗଳବାର, ମେ ୭ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ମକର ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮ ।୨୪ମି. ଗତେ ଘ୧୦ ।୦୦ମି. ମଧ୍ୟେ, ଘ୧୧ ।୩୫ମି. ଗତେ ଘ୧ ।୧୦ମି. ମଧ୍ୟେ ଅମୃତବେଳା ।


# classifieds Everyday
0674-2580101, 2549302


real estate

**SALE**

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-12222

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Bhubaneswar AIIMS front Govt. road କୁଳାଗି gharabari yellow zone plot ବିକ୍ରିହେବ: 8480745797. D-66332

**Bhubaneswar Infocity-II** ମଦନପୁର ନିକଟରେ **sqft. 399/-**ରେ **Boundary plot** କିଣନ୍ତୁ। **9337285332.** D-66366

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367


healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Newly opening ayurvedic body massage smart therapist, Shree herbal. 7750020754. D-66513

Full body massage with refreshment, expert therapist. 7381239385, 0674-2540855. D-66510

Herbal full body massage by smart/expert therapist. Contact: 8338067247. D-66512

Experience full body massage with us (expert). Call: 7377048581, 0674-2597822. D-66511

**ବିବାହ ବାର୍ଷିକୀ ଶୁଭେଚ୍ଛା**



**ଡ. ସନତ କୁମାର ପଟ୍ଟନାୟକ**
**ବିନୋଦିନୀ ପଟ୍ଟନାୟକ**

ଆପଣ ଦୁହିଁଙ୍କୁ ପିତା ମାତା ରୂପରେ ପାଇ ଆମେ ଗର୍ବିତ। ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ସଦା ଆମ୍ଭ ଉପରେ ବନେଇ ରହୁ, ଆପଣଙ୍କ ଚଲାପଥ କୁସୁମିତ ହେଉ ଏହାହିଁ ଶ୍ରୀଜିଉଙ୍କ ପାଖରେ କେବଳ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ପୁଅ: ଦୁର୍ଗାପ୍ରସାଦ ଓ ବିଭୁପ୍ରସାଦ, ବୋହୂ: ସ୍ୱାତୀ ଓ ପ୍ରଭାତୀ, ଝିଅ-ବିରଜା ଓ ବନଜା, ଜ୍ୱାଇଁ: ହିମାଂଶୁ ଓ ଶୁଭ୍ରାଂଶୁ, ନାତିନାତୁଣୀ। ଧ-୧୨୪୪୫

Now Matrimonial ads. only on Wednesday & Sunday Book 1 Get 1 FREE

# ‘ଫନୀ’ କୋପରୁ ବର୍ତ୍ତିଲାନି ଜଟଣୀ

**ଭୁବନେଶ୍ୱର,୬।୫(ବ୍ୟୁରୋ)/ ଜଟଣୀ.(ଡି.ଏନ୍.ଏ.)**


ଉଜୁଡ଼ି ଯାଇଥିବା ଘରେ ତିନି ଝିଅଙ୍କ ସହ ଜାହାରୁନ୍।

- କଚ୍ଚା, ଟିଣ, ଆଜବେଷ୍ଟସ ଘର ନିଶ୍ଚିହ୍ନ
- ବସ୍ତିବାସିନ୍ଦାଙ୍କ ଦୁଃଖ କହିଲେ ନ ସରେ
- ବିଦ୍ୟୁତ୍ ବ୍ୟବସ୍ଥା ବନ୍ଦ

ବାତ୍ୟା ‘ଫନୀ’ ପୁରୀ, ଖୋର୍ଦ୍ଧା ଜିଲାର ବ୍ୟାପକ କ୍ଷତି ଘଟାଇଛି। ବାତ୍ୟାକୁ ୪ ଦିନ ବିତିଥିଲେ ସୁଦ୍ଧା ପ୍ରଭାବିତଙ୍କ ନିକଟରେ ଠିକ୍ ଭାବେ ସହାୟତା ପହଞ୍ଚିପାରିନାହିଁ। ସହାୟତା କେବେ ମିଳିବ, ସେ ନେଇ ଲୋକମାନେ ମଧ୍ୟ ସନ୍ଦେହରେ ଅଛନ୍ତି। ବାତ୍ୟା ପ୍ରଭାବିତ ଲୋକଙ୍କ ବାସ୍ତବସ୍ଥିତି ପରଖିବାକୁ ଜଟଣୀ ଅଞ୍ଚଳକୁ ସୋମବାର ଗସ୍ତ କରିଥିଲା ଧରିତ୍ରୀ ଟିମ୍ । ଏଥିସହିତ ପ୍ରଭାବିତ ଜନସାଧାରଣଙ୍କୁ ଭେଟିବା ସହ ସେମାନଙ୍କ ପ୍ରତିକ୍ରିୟା ନେଇଥିଲେ।

ଜଟଣୀ ପୌରପରିଷଦର ୱାର୍ଡ ନଂ ୪ ବାସିନ୍ଦା ଜାହାରୁନ୍ ବିବି। ୩ ଝିଅଙ୍କୁ ନେଇ ତାଙ୍କ ସଂସାର। ସାମୁଦ୍ରିକ ଝଡ଼ ଫନୀ ପୂର୍ବ ରାତିରେ ସ୍ଥାନୀୟ ବିଦ୍ୟାଳୟରେ ଆଶ୍ରୟ ନେବାକୁ ଚାଲି ଯାଇଥିଲେ। ଫନୀ ଯିବା ପରେ ନିଜ ଘରର ଅବସ୍ଥା ଦେଖିବାକୁ ଆସିଥିଲେ। ହେଲେ ସେତେବେଳକୁ ସବୁ ସରିଯାଇଥିଲା। ତାଙ୍କ ଝାଟିମାଟିର ଘର ନିଶ୍ଚିହ୍ନ ହୋଇଯାଇଥିଲା। ଏ ସବୁ ଦୃଶ୍ୟ ଦେଖି ତାଙ୍କ ପାଦତଳୁ ମାଟି ଖସିବା ଭଳି ଥିଲା ବୋଲି ଜାହାରୁନ୍ କହିଛନ୍ତି। ବୋଝ ଉପରେ ନଳିତା ବିଡ଼ା ପରି ଶୁକ୍ରବାର ଫନୀ ଯିବା ପରେ ସୋମବାର ଜଟଣୀରେ ବର୍ଷା ଆହୁରି ଦୁର୍ବିଷହ ପରିସ୍ଥିତି ସୃଷ୍ଟି କରିଛି। ଏତେସବୁ ପରେ ବି ରାଜଧାନୀର ପାଦଦେଶରେ ଥିବା ଏହି ଜଟଣୀରେ କୌଣସି ସରକାରୀ ଅଧିକାରୀଙ୍କ ପାଦ ପଡ଼ିନାହିଁ। ସରକାରୀ ବାବୁ କେବେ ଆସିବେ, କ’ଣ ଆକଳନ କରିବେ, ସହାୟତା କେବେ ମିଳିବ, ସେ ସବୁର କୌଣସି ମୂଲ୍ୟ ସାମ୍ପ୍ରତିକ ପରିସ୍ଥିତିରେ ଜାହାରୁନ୍‌ଙ୍କ ପାଖରେ ନାହିଁ। କେବଳ ଜାହାରୁନ୍‌ଙ୍କ ନୁହଁନ୍ତି, ବହୁ ବସ୍ତିବାସିନ୍ଦାଙ୍କର ଏହି ଅବସ୍ଥା। ମୋଟ ଉପରେ କହିବାକୁ ଗଲେ ଜଟଣୀ ପୌରପରିଷଦର ପ୍ରାୟ ସମସ୍ତ କଚ୍ଚା, ଟିଣ, ଚାଳ ଏବଂ ଆଜବେଷ୍ଟସ ଏବଂ ଟାଇଲ ଘର ନିଶ୍ଚିହ୍ନ ହୋଇଯାଇଛି। ପୌରପରିଷଦର ୧ରୁ ୭ ନଂ ୱାର୍ଡ ବହୁଳ ଭାବେ ପ୍ରଭାବିତ ହୋଇଛି। ଫନୀର କୋପ କେବଳ ଜଟଣୀ ପୌରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ଭୟାନକ ଭାବେ ଅନୁଭୂତ ହୋଇଛି। ଜଟଣୀ ବ୍ଲକ ଅଧୀନ ୧୫ ଗ୍ରାମ ପଞ୍ଚାୟତର ପ୍ରାୟ ୭୫ରୁ ଊର୍ଦ୍ଧ୍ୱ ଗ୍ରାମ ବିଭିନ୍ନ ଭାବେ ପ୍ରଭାବିତ ହୋଇଛି। ଚିରିମଲ୍ଲ, ବେଣାପଞ୍ଜୁରୀ, ତରାବୋଇ, ହରିପୁର ଅଞ୍ଚଳରେ ବ୍ୟାପକ ବୃକ୍ଷ ନଷ୍ଟ ହୋଇଛି। ପୋଡ଼ପଡ଼ା ଆଦି ଅଞ୍ଚଳରେ ଫନୀ ପରେ ଠିକ୍ ସମୟରେ ସହାୟତା ପହଞ୍ଚି ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏପରିକି କ୍ଷୟକ୍ଷତି ସମ୍ପର୍କିତ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତାମାନଙ୍କୁ ରିଲିଫ୍ ପ୍ରଦାନକାରୀ ଭାବି କିଛି ଲୋକ ଘେରି ଯାଇଥିଲେ। ଅରଗୁଳସ୍ଥିତ ଆଇଆଇଟି ଆଭ୍ୟନ୍ତର ପାଚେରି, କିଛି ନୂତନ ନିର୍ମାଣ ଭାଙ୍ଗି ପଡ଼ିଛି। ଏଥିସହିତ କ୍ୟାମ୍ପସ ପରିସରରେ ଥିବା ଶତାଧିକ ବୃକ୍ଷ ଉପୁଡ଼ିଯାଇଛି। ସେହିପରି ନାଇଜର ସମ୍ପୂର୍ଣ୍ଣ ବନ୍ଦ ରହିଛି, ଫନୀ ପ୍ରକୋପ ଦିନ ନାଇଜର ବିଲ୍ଡିଂଗୁଡିକରେ ବ୍ୟବହୃତ କାଚ ଉଡ଼ିବାରୁ କେତେଜଣ ଆହତ ମଧ୍ୟ ହୋଇଛନ୍ତି। ଛଣଘର, କୁସୁମାଟି, କଣ୍ଟିଆ, ଜାମୁକୋଳି, ପ୍ରଧାନ ସାହି ଏବଂ ଯାଁଳାରେ ବହୁ ବୃକ୍ଷ ନଷ୍ଟ ହୋଇଛି। ଉଭୟ ଜଟଣୀ ପୌରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଛାତଘର ନଷ୍ଟ ହୋଇନାହିଁ। ହେଲେ ବୃହତ ବିଦ୍ୟୁତ ଖୁଣ୍ଟ ଏବଂ ମୋବାଇଲ ଟାୱାର ଭାଙ୍ଗି ପଡିଥିବାରୁ ବହୁ କୋଠାଘର କ୍ଷତିଗ୍ରସ୍ତ ହୋଇଛି। ମଦନପୁର, ଗଙ୍ଗପଡା, ଛତାବର, ଅଙ୍ଗାରପଡା ଏବଂ ପଞ୍ଚୁପଲ୍ଲୀରେ ସମାନ ଅବସ୍ଥା ହୋଇଛି। ଗ୍ରାମାଞ୍ଚଳରେ ପୁରୁଣା କୂଅ, ନଳକୂପ ପାଣି ପିଇବା ପାଇଁ ବ୍ୟବହାର କରାଯାଉଛି। ଜଟଣୀ ସହରାଞ୍ଚଳରେ ପାନୀୟ ଜଳ ସମସ୍ୟା ପ୍ରବଳ ମାତ୍ରାରେ ଦେଖାଦେଇଛି। କୁଦିଆରୀର ଯୁବକ ଦୀପକ ବେହେରାଙ୍କ କହିବାନୁଯାୟୀ, ବାତ୍ୟା ପରଦିନଠାରୁ ପାଣି କିଣି ପିଇବାକୁ ପଡିଛି। ପୌର ପ୍ରଶାସନ ପକ୍ଷରୁ ସୋମବାର କୌଣସି ମତେ ଅଧଘଣ୍ଟା ପାଇଁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା, ମାତ୍ର ତାହା ଯଥେଷ୍ଟ ନୁହେଁ। ଜଟଣୀରେ ଥିବା ଚିକିତ୍ସାଳୟରେ ବିଦ୍ୟୁତ ସଂଯୋଗ ନ ଥିଲା। ଏଥିପାଇଁ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇବାରୁ ସୋମବାର ସନ୍ଧ୍ୟା ସୁଦ୍ଧା ଜେନେରେଟର ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର-ଜଟଣୀ ରୋଡ ନିକଟସ୍ଥ ଜଟଣୀ ମହାବିଦ୍ୟାଳୟ, ଷ୍ଟେଶନ ନିକଟସ୍ଥ ରେଳବାଇ ଷ୍ଟାଡିୟମ୍, କଲେଜ ନିକଟସ୍ଥ ଶରତ ପାଇକରାୟ ଷ୍ଟାଡିୟମ ଭିତ୍ତିଭୂମି ନଷ୍ଟ ହୋଇଛି। ପ୍ରାୟ ୬୪ଟି ଆଶ୍ରୟସ୍ଥଳୀ କରାଯାଇ ବିପନ୍ନମାନଙ୍କୁ ସହାୟତା ପ୍ରଦାନ ଜାରି ରଖାଯାଇଛି। ଆଗକୁ ବର୍ଷା ସମ୍ଭାବନା ଥିବାରୁ ସରକାରଙ୍କ ପକ୍ଷରୁ ଘୋଷିତ ସହାୟତା ପହଞ୍ଚିବା ଜଟଣୀବାସୀଙ୍କ ପାଇଁ ପ୍ରମୁଖ ଆବଶ୍ୟକତା ହୋଇଯାଇଛି। ବିଦୁତ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇଛି। ଫନୀ ପ୍ରଭାବରେ କେତେକ ଖୁଣ୍ଟ ବଙ୍କା ହୋଇଥିବା ବେଳେ କିଛି ମାଟିରେ ପଡିଛି। ହେଲେ ଶକ୍ତି ବିଭାଗ ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭାବେ ଆରମ୍ଭ କରାଯାଇଛି। ୪ରୁ ୫ ଦିନ ମଧ୍ୟରେ ବିଦ୍ୟୁତ ବ୍ୟବସ୍ଥା ସୁଧାରିବା ପାଇଁ ଚେଷ୍ଟା କରାଯାଉଥିବା ଜଣୈକ ଅଧିକାରୀ କହିଛନ୍ତି।

**ରିପୋର୍ଟ: ଚିଦାନନ୍ଦ ଜେନା, ଶ୍ରୀକାନ୍ତ ପରିଜା**

# ବିପର୍ଯ୍ୟୟକୁ ନେଇ ଡିଜିପିଙ୍କ ବୈଠକ

**ଭୁବନେଶ୍ୱର, ୬।୫(ବ୍ୟୁରୋ)**

- ସୁରକ୍ଷିତ ରିଲିଫ ପରିବହନ, ବଣ୍ଟନ ଉପରେ ଗୁରୁତ୍ୱ
- କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ପ୍ରଶଂସା

ବାତ୍ୟା ପରବର୍ତ୍ତୀ ବିପର୍ଯ୍ୟୟର ମୁକାବିଲା କରିବା ସହ ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଡିଜିପି ଆର୍.ପି. ଶର୍ମା ସୋମବାର ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସ୍‌ରେ ଏକ ବୈଠକ ଡାକିଥିଲେ। ବାତ୍ୟାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂପୁର, କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଟୁଇନ୍‌ସିଟିର ପୋଲିସ କମିଶନର ଏହି ବୈଠକରେ ଯୋଗଦେଇଥିଲେ। ରାସ୍ତା ସଫା, ଯାତାୟାତ, ପାଣି, ଖାଦ୍ୟ ଓ ବିଦ୍ୟୁତ୍ ସମସ୍ୟାର ସମାଧାନ ସହ କିପରି ରିଲିଫ ସାମଗ୍ରୀ ସୁରୁଖୁରୁରେ ବିପନ୍ନଙ୍କ ପାଖରେ ପହଞ୍ଚିପାରିବ ସେଥିରେ ପୋଲିସ ପ୍ରଶାସନ ପକ୍ଷରୁ ହୋଇଥିବା ବ୍ୟବସ୍ଥା ଉପରେ ଡିଜିପି ସମୀକ୍ଷା କରିଥିଲେ। ଏପରିକି ଠିକ୍ ଭାବେ ରିଲିଫ୍ ବିତରଣ କ୍ଷେତ୍ରରେ ସହଯୋଗ କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବାତ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ସାମଗ୍ରୀକୁ ସୁରକ୍ଷିତ ଭାବେ ପହଞ୍ଚାଇବା ଓ ଲୋକମାନଙ୍କୁ ବାଣ୍ଟିବାବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ତାହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ଡିଜିପି ଶର୍ମା ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ଯେଉଁମାନେ ରିଲିଫ ସାମଗ୍ରୀ ବଣ୍ଟନବେଳେ ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଏପରିକି ରିଲିଫକୁ ନେଇ ମଧ୍ୟ କେତେକ ସ୍ଥାନରେ ରାସ୍ତାରୋକୋ ହେଉଛି। ଏହା ଉପରେ ମଧ୍ୟ ନଜର ଦେବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସମସ୍ୟାର ସମାଧାନ ନେଇ ଅଧିକ ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ପୋଲିସ ଏ କ୍ଷେତ୍ରରେ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇଦେବା ଉଚିତ। ଯେଉଁ ପୋଲିସ କର୍ମଚାରୀମାନେ ସେମାନଙ୍କ ପରିବାରଠାରୁ ଦୂରରେ ରହି ବାତ୍ୟା ସମୟରେ ଓ ଏହାପରଠାରୁ ପ୍ରଭାବିତ ଜିଲାରେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଡିଜିପି ପ୍ରଶଂସା କରିଥିଲେ।

# ଏନ୍‌ଜିଓଙ୍କ ଦେଖାନାହିଁ

**ପୁରୀ ଅଫିସ, ୬।୫ :** ଫନୀରେ ଅଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲା। ବିଭିନ୍ନ ବ୍ଲକରେ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡିଛି। ସେହିପରି କୁଢ କୁଢ ଅଳିଆ ଆବର୍ଜନା ଜମି ରହିବା ଯୋଗୁ ପରିମଳ ବ୍ୟବସ୍ଥା ଧୀରେ ଧୀରେ ବିଗିଡ଼ିବାକୁ ଆରମ୍ଭ କରିଛି। ଏଭଳି ସ୍ଥିତିରେ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ(ଏନ୍‌ଜିଓ)ଗୁଡ଼ିକର ସହଯୋଗ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ମାତ୍ର ପୁରୀରେ ଏ ପର୍ଯ୍ୟନ୍ତ ପ୍ରାୟତଃ କୌଣସି ଏନ୍‌ଜିଓଙ୍କ ଦେଖାନାହିଁ। ରଥଯାତ୍ରା ସମୟରେ ଶତାଧିକ ଏନ୍‌ଜିଓ ସଦସ୍ୟ ବଡ଼ଦାଣ୍ଡରେ ବୁଲୁଥିବାବେଳେ ଏଭଳି ବିପତ୍ତି ସମୟରେ ସେମାନେ ନ ପହଞ୍ଚିବା ଦୁର୍ଭାଗ୍ୟର ବିଷୟ ବୋଲି କୁହାଯାଉଛି। ରଥଯାତ୍ରାରେ ଭକ୍ତଙ୍କୁ ସେବା ଯୋଗାଇବା ଠିକ୍ ଅଛି, ହେଲେ ପ୍ରାକୃତିକ ଦୁର୍ବିପାକ ସମୟରେ ମଧ୍ୟ ଲୋକଙ୍କୁ ସହାୟତାର ହାତ ବଢାଇବା ଉଚିତ ବୋଲି କହିଛନ୍ତି ପୁରୀର ସୁଧାଂଶୁ ନାୟକ।

# ୨୦ରେ ନିଟ୍ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି) ବା ନିଟ୍ ୨୦୧୯ ପରୀକ୍ଷା ଓଡ଼ିଶାରେ ମେ ୨୦ରେ ଅନୁଷ୍ଠିତ ହେବ। ମେ ୫ରେ ସମଗ୍ର ଦେଶରେ ଏହି ମେଡିକାଲ ପ୍ରବେଶିକା ପରୀକ୍ଷା(ୟୁଜି) ଅନୁଷ୍ଠିତ ହୋଇଥିବା ବେଳେ ବାତ୍ୟା ‘ଫନୀ’ ଯୋଗୁ ଓଡ଼ିଶାରେ ବାତିଲ ହୋଇଥିଲା। ସମ୍ଭାବ୍ୟ ବାତ୍ୟା ଏବଂ ତତ୍ ପରବର୍ତ୍ତୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ମେ ୫ରେ ଓଡ଼ିଶାରେ ନିଟ୍ ପରୀକ୍ଷା ନ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ତରଫରୁ ଏହାକୁ ବିଚାରକୁ ନିଆଯାଇ କେବଳ ଓଡ଼ିଶା ସେଣ୍ଟରଗୁଡ଼ିକରେ ପରୀକ୍ଷା ଘୁଞ୍ଚାଇ ଦିଆଯାଇଥିଲା। ତେବେ ବାତ୍ୟା ପରେ ଓଡ଼ିଶାରେ ପରୀକ୍ଷା ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଆସନ୍ତା ୨୦ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ସଚିବ ଆର୍. ସୁବ୍ରମଣ୍ୟମ୍ ସୂଚନା ଦେଇଛନ୍ତି। ପୂର୍ବଭଳି ପରୀକ୍ଷା ସେଣ୍ଟର ସମାନ ରହିବ। ସଂଶୋଧିତ ଆଡ୍‌ମିଟ୍ କାର୍ଡ ଖୁବ୍‌ଶୀଘ୍ର ଓଡ଼ିଶା ପରୀକ୍ଷାର୍ଥୀମାନଙ୍କ ପାଇଁ ଉପଲବ୍ଧ ହେବ।

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏମ୍‌ବିବିଏସ୍ ଓ ବିଡିଏସ୍‌ରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷା ସମ୍ପର୍କିତ ସମସ୍ତ ତଥ୍ୟ ପରୀକ୍ଷାର୍ଥୀମାନେ NTANEET.NIC.IN ୱେବ୍‌ସାଇଟରେ ପାଇପାରିବେ। ୫ତାରିଖରେ ସମଗ୍ର ଦେଶରେ ୧୫ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ଅଧିକାଂଶ ପ୍ରଶ୍ନ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ଆସିଥିବା ବେଳେ ପ୍ରଶ୍ନଗୁଡ଼ିକ ଅପେକ୍ଷାକୃତ ସହଜ ଥିଲା। ଅନ୍ୟପକ୍ଷରେ ନିଟ୍ ପରୀକ୍ଷାର୍ଥୀମାନେ କେବଳ ସ୍ଲିପର୍, କମ୍ ହିଲ୍ ଥିବା ସାଣ୍ଡାଲ ପିନ୍ଧି ପରୀକ୍ଷା ହଲ୍‌କୁ ଯାଇପାରିବେ। ଜୋତା ବା ଶୁ ପିନ୍ଧିଥିବା କୌଣସି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ହଲ୍ ମଧ୍ୟକୁ ଛଡ଼ାଯିବ ନାହିଁ। ଏହାବ୍ୟତୀତ କୌଣସି ସ୍ମାର୍ଟ ୱାଚ୍, ୱାଚ୍, ପେନ୍, ସ୍କେଲ୍, କାଲ୍‌କୁଲେଟର, ରାଇଟିଂ ପ୍ୟାଡ୍, ଇରେଜର୍, ବ୍ରେସ୍‌ଲେଟ୍, ଚଷମା କିମ୍ବା ଅର୍ନାମେଣ୍ଟ୍‌ସ ପରୀକ୍ଷା ହଲ୍ ଭିତରକୁ ଛଡ଼ାଯିବ ନାହିଁ। କେବଳ ଡାଇବେଟିସ୍‌ରେ ଆକ୍ରାନ୍ତ ଥିବା ଛାତ୍ରୀଛାତ୍ର ଫଳ, ସ୍ନାକ୍ସ ଓ ପାଣିବୋତଲ ଆଦି ଯାଞ୍ଚ ପରେ ହଲ୍ ଭିତରକୁ ନେଇପାରିବେ।

ଏପଟେ ଓଡ଼ିଶାରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ(ଏଆଇଆଇଏମ୍‌ଏସ୍) ମଧ୍ୟ ମେ ୫ରେ ହେବାକୁ ଥିବା ଏହାର ପିଜି ପ୍ରବେଶିକା ପରୀକ୍ଷାକୁ ଓଡ଼ିଶା ସେଣ୍ଟରରେ ବାତିଲ କରିଛି। ଖୁବ୍‌ଶୀଘ୍ର ନୂଆ ପରୀକ୍ଷା ତାରିଖ ଧାର୍ଯ୍ୟ କରାଯିବ ବୋଲି କୁହାଯାଇଛି।

# ଫନୀ ବିପନ୍ନଙ୍କ ପାଇଁ ଅର୍ଥ ସଂଗ୍ରହ କଲେ ଜେଏନ୍‌ୟୁ ଓଡ଼ିଆ ଛାତ୍ର

**ନୂଆଦିଲ୍ଲୀ,୬।୫:** ଓଡ଼ିଶାର ଅତି ଭୟଙ୍କର ଝଡବାତ୍ୟା ‘ଫନୀ’ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପାଇଁ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ର ଓଡ଼ିଆ ଛାତ୍ରୀଛାତ୍ରମାନେ ଚାନ୍ଦା ସଂଗ୍ରହ କରିଛନ୍ତି। ସଂଗୃହୀତ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯିବ। ଏ ପର୍ଯ୍ୟନ୍ତ ୭୦,୦୦୦ଟଙ୍କା ସଂଗ୍ରହ କରାଗଲାଣି। ୨ଲକ୍ଷ ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ରହିଛି ବୋଲି ଉକ୍ତ ପରିଷଦର ପୂର୍ବତନ ଆବାହକ ଭାଗ୍ୟଧର ସେଠୀ ପ୍ରକାଶ କରିଛନ୍ତି। ଆସନ୍ତା ଗୁରୁବାର ଏଠାରେ ଓଡ଼ିଶାର ମୁଖ୍ୟ ଆବାସିକ କମିଶନରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ଅର୍ଥ ଦାନ କରିବେ। ରାଜ୍ୟବାସୀଙ୍କ ପାଇଁ ଆମେ ଏଭଳି ପଦକ୍ଷେପ ନେବା ଉଚିତ ବୋଲି ସେଠୀ କହିଛନ୍ତି।

# ଆଜିଠାରୁ ରିଲିଫ ବାଣ୍ଟିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ୩ ଦିନରେ କେନ୍ଦ୍ରାପଡ଼ା, ସପ୍ତାହକରେ ଜଗତ୍‌ସିଂହପୁରରେ ବିଦ୍ୟୁତ୍ ସ୍ୱାଭାବିକ ହେବ

**ଭୁବନେଶ୍ୱର,୬।୫(ବ୍ୟୁରୋ):** କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ କଟକ ଜିଲାର ବାତ୍ୟା ପ୍ରଭାବିତ ଲୋକମାନଙ୍କୁ ମଙ୍ଗଳବାରଠାରୁ ରିଲିଫ ବଣ୍ଟନ କରାଯିବ। ଉକ୍ତ ଜିଲାଗୁଡିକର ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ଜିଲାଗୁଡିକରେ ବିଦ୍ୟୁତ ଓ ଜଳଯୋଗାଣ ସ୍ଥିତି ଏବଂ ରିଲିଫ ଯୋଗାଣ ନେଇ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ରିଲିଫ ପ୍ୟାକେଜ ଅନୁଯାୟୀ ରିଲିଫ ବଣ୍ଟନ କରାଯିବ। ପ୍ରଭାବିତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏ )ଅନ୍ତର୍ଗତ ପ୍ରତ୍ୟେକ ପରିବାରକୁ ରିଲିଫ ଯୋଗାଇ ଦିଆଯିବ। ୩ ଦିନ ମଧ୍ୟରେ ରିଲିଫ ବଣ୍ଟନ କାର୍ଯ୍ୟ ଶେଷ କରାଯିବ। ରିଲିଫ ବଣ୍ଟନ ସମୟରେ ରାଜନୈତିକ ଦଳ ପ୍ରଭାବରୁ ମୁକ୍ତ ରହି ସମ୍ପୂର୍ଣ୍ଣ ସ୍ୱଚ୍ଛ ଭାବେ ପ୍ରତ୍ୟେକ ଏନ୍‌ଏଫ୍‌ଏସ୍‌ଏ କାର୍ଡଧାରୀଙ୍କୁ ରିଲିଫ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଜିଲାଗୁଡିକରେ ଜଳ ଯୋଗାଣ ପରିସ୍ଥିତିରେ ଉନ୍ନତି ଆସିଥିବା ବେଳେ କେନ୍ଦ୍ରାପଡ଼ାରେ ଆସନ୍ତା ୩ ଦିନ ମଧ୍ୟରେ ଏବଂ ଜଗତସିଂହପୁର ଜିଲାରେ ଏକ ସପ୍ତାହ ମଧ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହେବ ବୋଲି ବୈଠକରୁ ସୂଚନା ମିଳିଛି। କଟକରେ ବିଦ୍ୟୁତ ଭିତ୍ତିଭୂମିର ପୁନରୁଦ୍ଧାର କାର୍ଯ୍ୟ ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ପରିସ୍ଥିତି ସ୍ୱାଭାବିକ ହେବ ବୋଲି ଜିଲାପାଳ ବୈଠକରେ ସୂଚନା ଦେଇଥିଲେ।


नेशनल इंश्योरेन्स कंपनी लिमिटेड
NATIONAL INSURANCE COMPANY LIMITED
BHUBANESWAR REGIONAL OFFICE
6th Floor, IDCO Tower, Janpath, Bhubaneswar-751022
Phone:0674-2546583, 2546581, 2538308, 2541796, 2540022, Fax: 254658
नेशनल इन्श्योरेन्स National Insurance
Trusted since 1906 (Govt of India Undertaking

**EXTENDING OUR SUPPORT TO ALL POLICYHOLDERS AFFECTED BY CYCLONE FANI**

National Insurance, the PSGIC Giant has constituted a **‘SPECIAL TASK FORCE’** at their Bhubaneswar Regional Office to facilitate and support customer enquiries relating to claim caused by cyclone **FANI.**

The contact details are as follows:

1. **Shri Abhiram Sethy, RM**
   - Mobile: 8335080259
   - Email Id: A.Sethy@nic.co.in
2. **Shri A.K Brahma, RM**
   - Mobile: 8335080357
   - Email Id: AK.Brahma@nic.co.in
3. **Shri Pradip Sarkar, Manager**
   - Mobile: 8335080121
   - Email Id: P.Sarkar@nic.co.in
4. **Shri K.N Behera, Manager**
   - Mobile: 8599010610
   - Email Id: KN. Behera@nic.co.in
5. **Shri Biswajit Mohanty, AM**
   - Mobile: 8335080685
   - Email Id: Biswajit.Mohanty@nic.co.in

You may also contact us on our Toll Free Number : **1800-345-0330** and write us at **faniclaimsbbro@nic.co.in.**

In the event of water logging of vehicle please do not start the engine. Tow it to the nearest garage.

**Team National Insurance, Bhubaneswar Region.**

CLASSIFIED DISPLAY




**MORE SPACE • SAME PRICE**

**CLASSIFIED DISPLAY**

**(On Tuesday & Friday All Orissa Edition)**

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



ମଣିଷ ଓ ଅତିମାନବ ଭିତରେ ପାର୍ଥକ୍ୟ ହେଲା- ମନ ଓ ବହୁ ଊର୍ଦ୍ଧ୍ୱଗତ ଚେତନା ଭିତରେ ପାର୍ଥକ୍ୟ- ଯେପରି ମଣିଷର ବିଚାରଶୀଳ ବା ମନନଶୀଳ ମନବୁଦ୍ଧି ଓ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କ ଚେତନା ଭିତରେ ପାର୍ଥକ୍ୟ। ମଣିଷକୁ ତା'ର ମନନଶୀଳ ବୁଦ୍ଧି ହିଁ ଅନ୍ୟଠାରୁ ପୃଥକ୍ କରିଛି। ସେହିପରି ଅତିମାନବ ତା'ର ଅତିମାନସ କିମ୍ବା ଦିବ୍ୟଚେତନା ଯୋଗୁ ମଣିଷ ଠାରୁ ପୃଥକ୍ ହେବ।
-ଶ୍ରୀଅରବିନ୍ଦ

# ଅସ୍ୱାଭାବିକତା ବେଳେ ଏକତା

ଜାତିପ୍ରଥାକୁ ଦୂର କରିବା ଲାଗି ଅତୀତରୁ ଅନେକ ଉଦ୍ୟମ କରାଯାଇଆସୁଛି। ହେଲେ ଦେଶର ଅଧିକାଂଶ ସ୍ଥାନରେ ଏହା ଦୂର ହୋଇପାରୁ ନାହିଁ। ମଣିଷ ଯେତେ ଆଧୁନିକ ଓ ଶିକ୍ଷିତ ବୋଲାଉଥିଲେ ମଧ୍ୟ ଅସହିଷ୍ଣୁତା ଅନେକଙ୍କ ମନରେ ବସାବାନ୍ଧି ରହିଛି। ଫଳରେ ଏହାର କୁପରିଣତି ସାମାଜିକ ବ୍ୟବସ୍ଥାକୁ ବିଗାଡ଼ିଦେଉଛି। ଏହାର ସଦ୍ୟ ଦୃଷ୍ଟାନ୍ତ ଉତ୍ତରାଖଣ୍ଡ ଟେହେରି ଜିଲାର ଶ୍ରୀକୋଟ ଗାଁରେ ଦେଖିବାକୁ ମିଳିଛି। ୨୬ ଏପ୍ରିଲରେ ଏକ ବିବାହ ଭୋଜିରେ ଜଣେ ଦଳିତ ବ୍ୟକ୍ତି କିଛି ଉଚ୍ଚଜାତି ଲୋକଙ୍କ ସାମ୍ନାରେ ବସି ଭୋଜି ଖାଇଥିଲେ। ଏହା ଦେଖିବା ପରେ ସମ୍ପୃକ୍ତ ସବର୍ଣ୍ଣମାନେ ହିତାହିତ ଜ୍ଞାନ ହରାଇ ତାଙ୍କୁ ପିଟିବାରେ ଲାଗିଲେ। ଆହତ ଅବସ୍ଥାରେ ସେହି ଦଳିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୯ ଦିନ ଧରି ଯନ୍ତ୍ରଣା ଭୋଗିବା ପରେ ୫ ମେ'ରେ ତାଙ୍କର ମୃତ୍ୟୁ ଘଟିଛି।

କୁହାଯାଉଛି ଧର୍ମ ନାମରେ ଘଟିଥିବା ହିଂସାକାଣ୍ଡ ଯୋଗୁ ଏ ପୃଥିବୀରେ ଯେତେ ଲୋକଙ୍କ ମୃତ୍ୟୁ ଘଟିଲାଣି, ବିଶ୍ୱଯୁଦ୍ଧଠାରୁ ଆରମ୍ଭ କରି ଛୋଟକାଟିଆ ଯୁଦ୍ଧରେ ସେତେ ଲୋକଙ୍କ ପ୍ରାଣହାନି ଘଟିନାହିଁ। ଭାରତ ପରିପ୍ରେକ୍ଷୀରେ ଦେଖିଲେ ଧର୍ମ ଅପେକ୍ଷା ଜାତିଗତ ହିଂସା ଏ ଦେଶର ସାମାଜିକ ସ୍ଥିତିକୁ ଅଧିକ ଦୋହଲାଇ ଦେଉଛି। ଦେଶର ପ୍ରତ୍ୟେକ ଭାଗରେ ଜାତିକୁ ନେଇ ବିଭ୍ରାଟ ଦେଖିବାକୁ ମିଳୁଥିଲେ ହେଁ ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଏହାର ମାତ୍ରା ଅଧିକ ରହୁଥିବା ଶୁଣିବାକୁ ମିଳୁଛି। ଓଡ଼ିଶା ମଧ୍ୟ ଏବେ ନୂତନ ଭାବେ ସେହି ଗୋଷ୍ଠୀରେ ଯୋଗଦେଉଛି। ଏଭଳିସ୍ଥଳେ ଉତ୍ତରାଖଣ୍ଡ ଶ୍ରୀକୋଟ ଗାଁର ମୃତ ଦଳିତଙ୍କ କଥା ଦେଖିଲେ ରାଜ୍ୟ ପ୍ରଶାସନ ତାଙ୍କ ପରିବାରବର୍ଗଙ୍କୁ ସବୁ ପ୍ରକାର ସହାୟତା ଦିଆଯିବ ବୋଲି କହିପାରନ୍ତି। କିନ୍ତୁ ଏହା ଜଣାଶୁଣା ଯେ, କୌଣସି ପୋଲିସ କାର୍ଯ୍ୟାନୁଷ୍ଠାନ ହେବ ନାହିଁ କିମ୍ବା ଉଚ୍ଚଜାତିର ଲୋକଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳିବ ନାହିଁ। ସମୟକ୍ରମେ ଉକ୍ତ ଘଟଣା ପୁରୁଣା ହୋଇଯିବ ଓ ଲୋକେ ତାହାକୁ ଭୁଲିଯିବେ। ପରେ ଅନ୍ୟ କେଉଁଠାରେ ଅନୁରୂପ ଘଟଣା ଦେଖାଯାଇପାରେ। ଗତ କିଛିବର୍ଷ ହେବ ଭାରତରେ ଅସହିଷ୍ଣୁତା ପ୍ରବଳ ମାତ୍ରାରେ ବୃଦ୍ଧି ପାଇଛି। ଉତ୍ତରପ୍ରଦେଶ ଦାଦ୍ରୀର ମହମ୍ମଦ ଅଖଲାକଙ୍କୁ ମାରିଦିଆଯିବାଠାରୁ ଆରମ୍ଭ କରି ହେତୁବାଦୀ ନରେନ୍ଦ୍ର ଡାଭୋଲକର ଏବଂ ଲେଖିକା ଗୌରୀ ଲଙ୍କେଶଙ୍କୁ ହତ୍ୟା କରାଯାଇଛି। ପୁଣି ଦେଖାଯାଇଛି ଅନ୍ୟାୟ ବିରୋଧରେ ଯେଉଁମାନେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇ ଅନେକ ପ୍ରକାରର ହଇରାଣ ହରକତ କରାଯାଉଛି। ଧୀରେ ଧୀରେ ବାକ୍ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲାଗିବା ପରି ମନେହେଉଛି। ଏସବୁଥିରୁ ବୁଝିବାକୁ ହେବ ଯେ ପ୍ରତିପତ୍ତିଶାଳୀ, ପ୍ରଚୁର ସମ୍ପତ୍ତି ରଖିଥିବା ବ୍ୟକ୍ତି ଏବଂ ଉଚ୍ଚବର୍ଗର ଲୋକେ ସାମାଜିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାକୁ ସତତ ପ୍ରୟାସ ଜାରି ରଖିଛନ୍ତି। ହେଲେ ଭାରତ ଯେଉଁଭଳି ବିକଶିତ ହେଉଛି ଏହା ଖୁବ୍‌ଶୀଘ୍ର ସୁପରପାୱାର ହେବ ବୋଲି ଦେଶର ନେତାମାନେ ବାହୁସ୍ଫୋଟ ମାରିଚାଲୁଛନ୍ତି। ସରକାରୀ ଭାବେ ବିଭିନ୍ନ କ୍ଷେତ୍ରର ସକାରାତ୍ମକ ତଥ୍ୟ ଜନସାଧାରଣଙ୍କୁ ଜୋରଜବରଦସ୍ତ ଗିଳାଇ ଦିଆଯାଉଛି।

ପୃଥିବୀର ଇତିହାସ ଦେଖିଲେ ଯେଉଁସବୁ ଜାତି ନିଜ ଦୁଆରମୁହଁରେ ଯୁଦ୍ଧ ଏବଂ ବିରାଟକାୟ ପ୍ରାକୃତିକ ବିପର୍ଯ୍ୟୟ ଦେଖିଛନ୍ତି, ସେହିସବୁ ଜାତିର ଏକତା ଆଜି ସେମାନଙ୍କୁ ଉପରକୁ ନେଇଛି। ପରବର୍ତ୍ତୀ ସମୟରେ ଯେତେବେଳେ ସେହିଭଳି ଜାତି ଏକତ୍ରିତ ହୋଇ ବିଭିନ୍ନ ଦେଶ ଗଢ଼ିଛନ୍ତି, ସେହି ରାଷ୍ଟ୍ରଗୁଡ଼ିକ ଆଜି ଆଗୁଆ ଏବଂ ବିକଶିତ ହୋଇପାରିଛନ୍ତି। ଜାପାନରୁ ଆରମ୍ଭ କରି ପଶ୍ଚିମ ୟୁରୋପ, ଚାଇନା, ରୁଷିଆ, ଆମେରିକା ଭଳି ଦେଶ ଏହି ଉଦାହରଣ ତାଲିକାରେ ଆସିପାରିବେ। ଏଠାରେ ଉଲ୍ଲେଖଯୋଗ୍ୟ, ଆମେରିକାରେ ଗୃହଯୁଦ୍ଧ ଏକ ସାମାଜିକ ବିପ୍ଳବ ବର୍ଣ୍ଣ ଆଧାରିତ ଦାସତ୍ୱ ପ୍ରଥାକୁ ବିରୋଧ କରି ୟୁନିୟନ (ଉତ୍ତର) ଏବଂ କନ୍‌ଫେଡେରେଟ୍ (ଦକ୍ଷିଣ) ଆମେରିକାରେ ହୋଇଥିଲା। ଏହି ଯୁଦ୍ଧରେ ଉଭୟ ପକ୍ଷରୁ ପ୍ରାୟ ପ୍ରତ୍ୟେକ ପରିବାରରୁ ପୁରୁଷଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଯୁକ୍ତରାଷ୍ଟ୍ର ଆମେରିକା ସୃଷ୍ଟି ହୋଇଥିଲା। ଭାରତରେ ସଂଖ୍ୟାଲଘୁଙ୍କୁ ବିରୋଧ କରିବା ଏବଂ ଦଳିତଙ୍କୁ ଘୃଣା ପ୍ରଦର୍ଶନ କରିବା ଏକ ଗତାନୁଗତିକ ପ୍ରଥା ପାଲଟିଗଲାଣି।

ଆଲୋଚିତ ବିଷୟ ବାହାରକୁ ଯାଇ ଓଡ଼ିଶାରେ ଘଟିଥିବା 'ଫନୀ' କଥା ଚିନ୍ତା କରାଯାଉ। ପ୍ରକୃତି ପ୍ରଳୟ ରଚିବା ପରେ ଏଠାରେ ଅତ୍ୟାବଶ୍ୟକ ସେବା ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଲୋକେ ପାଣି ଟୋପେ ପାଇବା ପାଇଁ ଡହଳବିକଳ ହେଉଛନ୍ତି। ଯେଉଁଠି କାଁ ଭାଁ ନଳକୂପ ରହିଛି, ସେଠାରେ ଲୋକେ ଧାଡ଼ି ବାନ୍ଧୁଛନ୍ତି। ଉକ୍ତ ଧାଡ଼ିରେ କେତେ ସବର୍ଣ୍ଣ ଓ ଅସବର୍ଣ୍ଣ ରହିଛନ୍ତି କେହି ଜାଣିବାକୁ ଚାହୁଁ ନାହାନ୍ତି। କାରଣ ପ୍ରତ୍ୟେକଙ୍କ ଲକ୍ଷ୍ୟ ପାଣି ପାଇବା। କିନ୍ତୁ ଯେତେବେଳେ ସ୍ୱାଭାବିକ ଅବସ୍ଥାରେ ମଣିଷ ବାସ କରୁଛି, ସେତେବେଳେ ବାଛବିଚାର ସ୍ତରକୁ ଓହ୍ଲାଇ ଆସୁଛି। ଦେଶ ଉପରକୁ ଉଠିବାକୁ ହେଲେ ଜନସାଧାରଣ ପରିଶ୍ରମୀ ହେବା ସହିତ ପରସ୍ପରର ଭିନ୍ନତା ସହି ଏକତା ସୃଷ୍ଟି କରିବାକୁ ଆମେ ବାଧ୍ୟ।

## ଚିରନ୍ତନୀ

କମନୀୟ କମଳର
ସୁକୋମଳ ବୁକୁରେ
ଝଡ଼ିପଡ଼େ ନୀଳଜଳ-ମୁକୁରେ!
କାଶ ଫୁଲେ ହସିହାସି
ଝରାଇ ଶେଫାଳି ରାଶି
ଦୂରବନ- ସୁଚିକଣ ଚିକୁରେ
ଢଳିପଡ଼େ ନୀଳଜଳ ମୁକୁରେ!
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | C | | A | | | 5 | | 8 | | 3 | | | E | |
| | | D | 5 | | 0 | | 1 | E | | C | | | | |
| | | | | | 4 | | | 7 | | 6 | | | A | 8 |
| | | 5 | | 7 | | | A | | E | D | | | | |
| | 7 | | | | | | | | 9 | | | | | |
| | | | 9 | | | | 8 | | 6 | | | | | |
| | 0 | B | | | | 9 | | | 1 | | 5 | | 2 | D |
| C | | | | | | 2 | 5 | | | 9 | | 1 | | |
| | A | | | | 6 | | | 3 | | | | | 4 | B |
| 8 | D | | | 4 | | | 7 | | 0 | E | | A | C | |
| D | 3 | | | B | | | | 0 | | | | | | |
| 6 | | | | 0 | | | D | 1 | 7 | | 3 | | | 5 |
| | | | | 9 | 7 | E | 3 | | | | | | 8 | |
| | | | 4 | D | C | | | B | A | | | | 3 | E |
| | | | | | 8 | | | | | 1 | | B | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 1 | C | E | 7 | 6 | 4 | 5 | 0 | A | D | 9 | B | 2 | 8 |
| 7 | 2 | 5 | D | 0 | 8 | 1 | 9 | 6 | 4 | B | E | A | 3 | C |
| B | D | A | 4 | 1 | 2 | 3 | 8 | C | 5 | 6 | 7 | E | 0 | 9 |
| 0 | 9 | 4 | 3 | B | C | E | A | D | 2 | 1 | 8 | 6 | 7 | 5 |
| 6 | 8 | E | 5 | 9 | A | 2 | B | 7 | C | 0 | 3 | D | 4 | 1 |
| 8 | A | 9 | 6 | 4 | 1 | B | 2 | 3 | E | 7 | 5 | 0 | C | D |
| 4 | 7 | B | 0 | 2 | 3 | 5 | 1 | 8 | D | C | A | 9 | 6 | E |
| D | 3 | 0 | B | C | 9 | 6 | 7 | E | 8 | 2 | 4 | 5 | 1 | A |
| E | C | 1 | 7 | D | 5 | 0 | 4 | A | 6 | 9 | B | 3 | 8 | 2 |
| 5 | 6 | 2 | 8 | A | E | C | D | 9 | 0 | 3 | 1 | 7 | B | 4 |
| A | B | 3 | 2 | 5 | D | 7 | C | 4 | 1 | E | 0 | 8 | 9 | 6 |
| 2 | 4 | 7 | 9 | E | 0 | D | 6 | 5 | 3 | 8 | C | 1 | A | B |
| C | 5 | 6 | A | 8 | 7 | 9 | 0 | 1 | B | 4 | D | 2 | E | 3 |
| 9 | E | D | 1 | 6 | 4 | 8 | 3 | B | 7 | A | 2 | C | 5 | 0 |
| 1 | 0 | 8 | C | 3 | B | A | E | 2 | 9 | 5 | 6 | 4 | D | 7 |

ଗତକାଲିର ଉତ୍ତର

# ନାମ ପରିବର୍ତ୍ତନ ରାଜନୀତି



ବୈକୁଣ୍ଠନାଥ ମିଶ୍ର

ଗତ କିଛିବର୍ଷ ହେଲା ଦେଶର ବିଭିନ୍ନ ରାଜ୍ୟ, ସହର ଓ ରାଜଧାନୀର ମୂଳ ନାମ ପରିବର୍ତ୍ତନ କରାଯାଇ ଭିନ୍ନ ନାମରେ ନାମିତ କରାଯିବାର ଧାରା ଅବ୍ୟାହତ ରହିଛି। ବହୁଦିନରୁ ପ୍ରଚଳିତ ପୁରାତନ ନାମକୁ ପରିବର୍ତ୍ତନ କରିବା ଦ୍ୱାରା ହୁଏତ ସମ୍ପୃକ୍ତ ଅଞ୍ଚଳର ଅଧିବାସୀ ସାମୟିକ ଭାବେ ପୁଲକିତ ହୋଇଥାଇପାରନ୍ତି, କିନ୍ତୁ ବାସ୍ତବରେ ଏହାର ସେପରି କୌଣସି ସୁଦୂରପ୍ରସାରି ଉପଯୋଗିତା ଥିବା ପରି ମନେହେଉନାହିଁ। ଏହାଦ୍ୱାରା ଦେଶ ବା ସେହି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ମଧ୍ୟରେ ବାସ କରୁଥିବା ଜନସାଧାରଣଙ୍କର ଆର୍ଥିକ, ସାମାଜିକ ଓ ନୈତିକ ବିକାଶ ସାଧିତ ହେଉଥିବାର ଦୃଷ୍ଟାନ୍ତ ଦୁର୍ଲଭ। ଅବଶ୍ୟ ରାଜନୀତି ଦୃଷ୍ଟିକୋଣରୁ ଏହା ସମ୍ପୃକ୍ତ ଦଳ ପାଇଁ ଆଶ୍ୱାସନାର ବାର୍ତ୍ତା ବହନ କରେ ଯେ ଯାହା ପୂର୍ବ ସରକାରମାନଙ୍କ ଦ୍ୱାରା ସମ୍ଭବ ହୋଇ ନ ଥିଲା ତାହା ସେମାନେ କରି ଦେଖାଇଲେ। ଏହା କେବଳ ଏକ ଅନୁକୂଳ ରାଜନୀତିକ ପାଣିପାଗ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ମନେହୁଏ।

୨୦୧୮ ନଭେମ୍ବର ୧୩ରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କ୍ୟାବିନେଟ ଫୈଜାବାଦ ଓ ଆଲ୍ଲାହାବାଦର ନାମ ପରିବର୍ତ୍ତନ କରି ଯଥାକ୍ରମେ ଅଯୋଧ୍ୟା ଓ ପ୍ରୟାଗରାଜ ନାମରେ ନାମିତ କରିଛନ୍ତି। ଫୈଜାବାଦ ଉତ୍ତରପ୍ରଦେଶର ଏକ ଜିଲା, ଯେଉଁ ଜିଲାରେ ଅଯୋଧ୍ୟା ନଗରୀ ଅବସ୍ଥିତ। ଫୈଜାବାଦ ଏକ ମୁସଲମାନ ନାମ ହୋଇଥିବାରୁ ଯୋଗୀ ଆଦିତ୍ୟନାଥଙ୍କ ପରିଚାଳିତ ଭାଜପା ସରକାର ଏହାର ସତ୍ତା ଲୋପ କରି ହିନ୍ଦୁମାନଙ୍କର ଆରାଧ୍ୟ ପୀଠ ଅଯୋଧ୍ୟା ନାମରେ ନାମିତ କରିଛନ୍ତି। ଅପରପକ୍ଷେ ଆଲ୍ଲାହାବାଦ ମୋଗଲ ସମ୍ରାଟ୍ ଆକବରଙ୍କ ଦୁର୍ଗ ସହର। ସେ ଏହାର ନାମକରଣ କରିଥିଲେ ଇଲ୍ଲାବାଦ, ଯାହାର ଅର୍ଥ ହେଲା- ଭିନ୍ନ ଭିନ୍ନ ମତବାଦର ଲୋକଙ୍କର ବାସସ୍ଥାନ। ଇ-ଲ୍ଲାଇ ଶବ୍ଦକୁ ନେଇ ସେ ସବୁଧର୍ମର ସମନ୍ୱୟରେ ଏକ ନୂତନ ଧର୍ମ ଦିନ୍-ଇ-ଲ୍ଲାହୀ ପ୍ରଚାର କରିଥିଲେ। ଦିନ୍-ଇ-ଲ୍ଲାହୀ ହିନ୍ଦୁମାନଙ୍କର ଧର୍ମାନ୍ତରୀକରଣ ପାଇଁ ଉଦ୍ଦିଷ୍ଟ ନ ଥିଲା। ଯେକୌଣସି ମତବାଦର ବ୍ୟକ୍ତି ଏହାକୁ ଗ୍ରହଣ କରିପାରିବ। ସମୟସ୍ରୋତରେ ଇ-ଲ୍ଲାବାଦ ବା ଇଲ୍ଲାହାବାଦ କାଳକ୍ରମେ ଆଲ୍ଲାହାବାଦ ନାମ ଧାରଣ କଲା। କେତେକଙ୍କ ମତରେ ପ୍ରୟାଗର ପବିତ୍ରତାକୁ ନଷ୍ଟ କରିବା ପାଇଁ ଆକବରଙ୍କର ଏହା ଥିଲା ଏକ ଅଭିନବ କୌଶଳ। ତେଣୁ ଯୋଗୀ ଆଦିତ୍ୟନାଥଙ୍କର ଆଲ୍ଲାହାବାଦକୁ ପ୍ରୟାଗରାଜ ନାମରେ ନାମିତ କରିବାର ପ୍ରୟାସ। ପ୍ରୟାଗ କ୍ଷେତ୍ର ଗଙ୍ଗା, ଯମୁନା ଓ ଅଦୃଶ୍ୟ ନଦୀ ସରସ୍ୱତୀଙ୍କର ମିଳନ ସ୍ଥଳ। ଏହା ହିନ୍ଦୁମାନଙ୍କର ପବିତ୍ର ସ୍ଥଳ। ତିନୋଟି ନଦୀର ମିଳନ ସ୍ଥଳକୁ ସଙ୍ଗମ କୁହାଯାଏ। ବିଶ୍ୱାସ ରହିଛି ଏହି ସଙ୍ଗମ ସ୍ଥଳରେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ କଲେ ଆତ୍ମାର ମୋକ୍ଷପ୍ରାପ୍ତି ହୋଇଥାଏ। ଏଠାରେ ପ୍ରଶ୍ନ ଉଠେ ଆଲ୍ଲାହାବାଦ ନାମ ଥାଇ ଏଠାରେ କ'ଣ ପିତୃ ଅସ୍ଥି ବିସର୍ଜିତ ହେଉ ନ ଥିଲା ନା ହିନ୍ଦୁମାନେ ଏଠାକୁ ଆସୁ ନ ଥିଲେ? ଏବର୍ଷ ଏଠାରେ ଅନୁଷ୍ଠିତ ମହାକୁମ୍ଭମେଳାରେ ତିନିକୋଟିରୁ ଊର୍ଦ୍ଧ୍ୱ ହିନ୍ଦୁ ସାଧୁସନ୍ନ୍ୟାସୀ ଓ ସାଧାରଣ ଲୋକ ବୁଡ଼ ପକାଇଛନ୍ତି। ନାମ ପରିବର୍ତ୍ତନ ଦ୍ୱାରା ଆଉ ଅଧିକ କ'ଣ ହେବ? କିନ୍ତୁ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ପ୍ରୟାଗରାଜ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇନାହିଁ କିମ୍ବା ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟ ପ୍ରୟାଗରାଜ ଉଚ୍ଚ ନ୍ୟାୟାଳୟ ଭାବେ ନାମିତ ହୋଇପାରି ନାହିଁ। ଦୁଇଟିଯାକ ଅନୁଷ୍ଠାନ ତାଙ୍କ ପୂର୍ବ ନାମ ଅନୁଯାୟୀ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛନ୍ତି।

ଉତ୍ତରପ୍ରଦେଶର ଅନ୍ୟତମ ପବିତ୍ର ସହର ବାରାଣସୀକୁ ବନାରସ କୁହାଯାଉଛି। ବାରାଣସୀର ପୁରାତନ ନାମ କାଶୀ, ଯେଉଁଠାରେ ପ୍ରସିଦ୍ଧ ବିଶ୍ୱନାଥ ମନ୍ଦିର ରହିଛି। ରାଣୀ ଅହଲ୍ୟାବାଈ ଏହି ମନ୍ଦିରକୁ ସୁବର୍ଣ୍ଣ ଛାଉଣି କରିଥିଲେ। ବାରାଣସୀ ଦୁଇଟି ନଦୀ ନାମର ସମାହାର ଯଥା ବାରଣ ଓ ଅସୀ। ଏହି ଦୁଇନଦୀ କାଶୀକ୍ଷେତ୍ରରେ ଗଙ୍ଗାରେ ମିଶିଛନ୍ତି। କାଶୀ ନାମରେ ଯେତିକି ପବିତ୍ରବୋଧ ଅଛି, ବାରାଣସୀ ବା ବନାରସରେ ସେତିକି ମାଧୁର୍ଯ୍ୟ ନାହିଁ। ସମ୍ପ୍ରତି ବିହାରର ରାଜଧାନୀ ପାଟନାର ନାମ ପରିବର୍ତ୍ତନ କରି ପ୍ରାଚୀନ ନାମ ପାଟଳୀପୁତ୍ର ରଖାଯିବାକୁ ପ୍ରବଳ ଦାବି ଉଠିଲାଣି। ପାଟଳୀପୁତ୍ର ଥିଲା ସୌର୍ଯ୍ୟବନ୍ତ ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ ଓ ପ୍ରାଚୀନ ଭାରତବର୍ଷର ଏକ ବୈଭବମୟ ନଗରୀ। କିନ୍ତୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏପରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି। ଉତ୍ତରପ୍ରଦେଶର ଅନ୍ୟତମ ସ୍ଥାନ ଓ ପ୍ରସିଦ୍ଧ ରେଳ ଜଙ୍କଶନ୍ ମୋଗଲସରାଇର ନାମ ପରିବର୍ତ୍ତନ କରାଯାଇ ଦୀନଦୟାଲ ରେଳଷ୍ଟେଶନ କରାଯିବାର ତାତ୍ପର୍ଯ୍ୟ ଏବେ ମଧ୍ୟ ଅସ୍ପଷ୍ଟ। ମୋଗଲସରାଇ ଭାରତରେ ମୋଗଲ ସାମ୍ରାଜ୍ୟର ଭିତ୍ତି ସ୍ଥାପନ କରିଥିବା ବାବରଙ୍କ କୀର୍ତ୍ତି। ବାବର ସିନା ଉଜ୍‌ବେକିସ୍ତାନରୁ ଆସିଥିଲେ। କିନ୍ତୁ ତାଙ୍କ ବଂଶଧରମାନେ ତ ଭାରତୀୟ। ଭାରତୀୟଙ୍କ ଦ୍ୱାରା ପ୍ରଦତ୍ତ ନାମକୁ ପରବର୍ତ୍ତୀ କାଳରେ ଭାରତୀୟମାନେ ଉଚ୍ଛେଦ କରିବାର ରହସ୍ୟ କେବଳ ଧର୍ମବିଦ୍ୱେଷ ବ୍ୟତୀତ କ'ଣ ହୋଇପାରେ?

ସେହିପରି ଗୁଜରାଟର ପ୍ରମୁଖ ସହର ଅହମଦାବାଦ ଜଣେ ମୁସଲମାନ ସମ୍ରାଟ ଅହମଦ ଶାହାଙ୍କ ନାମାନୁଯାୟୀ ନାମିତ ହୋଇଥିବାରୁ ସମ୍ପ୍ରତି ଏହାକୁ ପରିବର୍ତ୍ତନ କରିବା ପାଇଁ ମସୁଧା ଚାଲିଛି। ଅହମଦ ଶାହାଙ୍କ ପିତାମହ ମୁଜାଫର ଶାହା ୧୪୦୭ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀର ସୁଲତାନଙ୍କଠାରୁ ଅଲଗା ହୋଇ ଏକ ସ୍ୱାଧୀନ ରାଜ୍ୟ ଗୁଜରାଟ ପ୍ରତିଷ୍ଠା କଲେ। ଐତିହାସିକ ତଥ୍ୟ ଅନୁଯାୟୀ ଅହମଦ ଶାହା ଅହମଦାବାଦ ନଗରୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅହମଦାବାଦର ସୀମା ନିର୍ଦ୍ଧାରଣ ପାଇଁ ସମ୍ରାଟ ଚାରିଜଣ ପଣ୍ଡିତ ଓ ୧୨ ଜଣ ମୁସଲମାନ ସାଧୁଙ୍କର ଆଶୀର୍ବାଦ ନେଇଥିଲେ। ସହରରେ ଜଳ ସୁଲଭତା ପାଇଁ ବିରାଟ ପୁଷ୍କରିଣୀ ଖନନ କରିଥିଲେ ଓ ଜଳ ଶୁଷ୍କତାକୁ ପ୍ରତିହତ କରିବା ପାଇଁ ପୁଷ୍କରିଣୀକୁ ସାବରମତୀ ନଦୀ ସହ ଅନ୍ତଃସଂଯୋଗ କରିଥିଲେ। ଏତଦ୍‌ବ୍ୟତୀତ ମସ୍‌ଜିଦ ସ୍ଥାପନ, ବିପଣିମାଳା ସ୍ଥାପନ ଓ ଫାଟକ ନିର୍ମାଣ ସହ ବ୍ୟବସାୟୀ, ବୁଣାକାର ଓ ଶିଳ୍ପୀମାନଙ୍କ ଆଗମନକୁ ସୁନିଶ୍ଚିତ କରିଥିଲେ; ଯାହାଫଳରେ ଏହା ପଶ୍ଚିମ ଭାରତର ଏକ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ହୋଇପାରିଛି। କିନ୍ତୁ ବିଗତ ତିନିଦଶନ୍ଧି ହେଲା ଅହମଦାବାଦର ନାମ ପରିବର୍ତ୍ତନ କରି ଏହାକୁ କର୍ଣ୍ଣାବତୀ ରଖିବା ପାଇଁ ପ୍ରୟାସ ଜାରି ରହିଛି। କୁହାଯାଏ କର୍ଣ୍ଣାବତୀ ଦଶମରୁ ତ୍ରୟୋଦଶ ଶତାବ୍ଦୀ ସୋଲାଙ୍କି ବଂଶର ରାଜପୁତ ଶାସକମାନଙ୍କର ସାମରିକ କେନ୍ଦ୍ର ଥିବା ଏକ କ୍ଷୁଦ୍ର ସହର, ଯାହାର ସେପରି କୌଣସି ଐତିହାସିକ ପ୍ରାଧାନ୍ୟ ନାହିଁ। ଅନ୍ୟ କେତେକଙ୍କ ମତରେ ଚାଲୁକ୍ୟ ବଂଶର ରାଜା କର୍ଣ୍ଣ ଦଶମ ଶତାବ୍ଦୀରେ ଏଠାରେ ରାଜତ୍ୱ କରୁଥିଲେ । ତାଙ୍କ ନାମାନୁଯାୟୀ ଏହା କର୍ଣ୍ଣାବତୀ ହୋଇଥିଲା। ଆଉ କେତେକ ଐତିହାସିକଙ୍କ ମତରେ ଯଦି ନାମ ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ, ତେବେ ଅହମଦାବାଦକୁ 'ଆଶାପାଲ୍ଲୀ' ନାମିତ କରାଯାଉ, କାରଣ ଏହା ଥିଲା 'ଆଶାଭାଲ' ନାମକ ଏକ ଆଦିମ ଜନଜାତିଙ୍କର ପ୍ରାଚୀନ ବସତି।

ସେହିପରି ବାଙ୍ଗାଲୋରର ନାମ ବେଙ୍ଗାଲୁରୁ ହେବାଦ୍ୱାରା ଯେ କି ଲାଭ ହେଲା ବୁଝି ହେଉନାହିଁ। ପ୍ରାଜ୍ଞ ସୁଲେଖକ ଅନନ୍ତ ମୂର୍ତ୍ତି କହନ୍ତି, ବାଙ୍ଗାଲୋର ବେଙ୍ଗାଲୁରୁକୁ ପରିବର୍ତ୍ତିତ ହେବା କିଛି ବ୍ୟକ୍ତିଙ୍କ ସଉକ ହୋଇପାରେ। କିନ୍ତୁ ବାସ୍ତବରେ ଏହା ସେପରି କିଛି ମୂଲ୍ୟ ବହନ କରେ ବୋଲି ମନେହୁଏ ନାହିଁ। କଲିକତା କୋଲକାତା ରୂପେ ନାମିତ ହେବା ଦ୍ୱାରା ସେପରି କିଛି ପରିବର୍ତ୍ତନ ହୋଇଥିବା ପରି ମନେହୁଏ ନାହିଁ। ନିକଟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗର ନାମ ବଦଳାଇ ବଙ୍ଗପ୍ରଦେଶ ବା ବଙ୍ଗାଳ ନାମ ରଖିବା ପାଇଁ କେନ୍ଦ୍ର ନିକଟରେ ଦାବି କରିଥିଲେ, ଯାହାକୁ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇନାହାନ୍ତି। ମମତାଙ୍କ ଯୁକ୍ତି ହେଲା ପୂର୍ବବଙ୍ଗ ବାଂଲାଦେଶ ନାମରେ ନାମିତ ହେବା ପରେ ପଶ୍ଚିମବଙ୍ଗ ନାମର କୌଣସି ପ୍ରାସଙ୍ଗିକତା ନାହିଁ। ବମ୍ବେ ସହରକୁ ଇଂରେଜମାନେ ତାଙ୍କ ରାଜତ୍ୱ ସମୟରେ ମୁମ୍ବାଇ କହୁଥିଲେ ସେହି ଅନୁସାରେ ବମ୍ବେ ମୁମ୍ବାଇ ନାମ ଧାରଣ କରିସାରିଛି। ମାଡ୍ରାସ ସହର 'ଚେନ୍ନାଇ' ନାମ ଧାରଣ କରିବା ମୂଳରେ ଏହାର ମୂଳ ଅଧିବାସୀଙ୍କ ଖୁସି ନିହିତ। କାରଣ ବହୁପୂର୍ବରୁ ସେମାନେ 'ଚେନ୍ନାଇ' ଭାବେ ଏହାକୁ କହିଆସୁଥିଲେ। ଆମ ରାଜଧାନୀ ଦିଲ୍ଲୀର ନାମ ନୂଆଦିଲ୍ଲୀ ହୋଇଛି। ଓଡ଼ିଶା ଓ ଓଡ଼ିଆ ଭୁଲ ଭାବେ ଇଂଲିଶରେ ଓରିଶା ଓ ଓରିଆ ଭାବେ ଉଚ୍ଚାରିତ ହେଉଥିଲା। ତାହା ବର୍ତ୍ତମାନ ସଂଶୋଧିତ ହୋଇଛି। ଏହି ନାମ ପରିବର୍ତ୍ତନ କୌଣସି ଧାର୍ମିକ ବା ସାମ୍ପ୍ରଦାୟିକ ଭିତ୍ତିଭୂମି ଉପରେ ପର୍ଯ୍ୟବସିତ ନୁହେଁ, କେବଳ ଏକ ଭ୍ରମ ସଂଶୋଧନ ମାତ୍ର।

ଦେଶର ବିଭିନ୍ନ ଅଞ୍ଚଳରୁ ସ୍ଥାନର ନାମ ପରିବର୍ତ୍ତନ ପାଇଁ ପ୍ରାୟ ୨୫ଟି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଅନୁମୋଦନ ଅପେକ୍ଷାରେ ଅଛି। କୌଣସି ସ୍ଥାନର ନାମ ପରିବର୍ତ୍ତନ ଦ୍ୱାରା ଯଦି ଲୋକଙ୍କର ଚାରିତ୍ରିକ ଶୁଦ୍ଧି ଓ ଆର୍ଥିକ ବିକାଶ ସାଧିତ ହୁଅନ୍ତା, ତେବେ ନାମ ପରିବର୍ତ୍ତନ ସ୍ୱାଗତଯୋଗ୍ୟ। ବର୍ତ୍ତମାନ ଆମ ଦେଶରେ ଭୟଙ୍କର ଖାଦ୍ୟାଭାବ ଓ ପୁଷ୍ଟିହୀନତାରେ ୨୦ କୋଟି ଲୋକ ଶିକାର ହୋଇଛନ୍ତି। ସନ୍ତ୍ରାସବାଦୀଙ୍କ ନରସଂହାର ପ୍ରତି ମୁହୂର୍ତ୍ତରେ ଆମକୁ ଉଦ୍‌ବିଗ୍ନ କରୁଥିବା ବେଳେ ନାମ ପରିବର୍ତ୍ତନ ରାଜନୀତି କେତେଦୂର ସ୍ପୃହଣୀୟ, ତାହା ବିଚାର୍ଯ୍ୟ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଅମୃତର ପର୍ବ ଅକ୍ଷୟତୃତୀୟା



ଡ. ପ୍ରଫୁଲ୍ଲ କୁମାର ସାହୁ

ସଭ୍ୟତାର ପ୍ରଥମ ସକାଳରୁ ପ୍ରକୃତି ସହ ମିତ୍ରତା କରି ଜୀବନ ଅତିବାହିତ କରିବା ଭାରତୀୟ ସଂସ୍କୃତିର ବିଶେଷତ୍ୱ। ଜୀବଜଗତ ପାଇଁ ପ୍ରକୃତିର ଅନ୍ୟ ଅନେକ ଅବଦାନ ମଧ୍ୟରୁ ଏକ ଅମୂଲ୍ୟ ଅବଦାନ ହେଉଛି ମାଟି। ମାଟି ଆମକୁ ଲାଳନପାଳନ କରୁଛି ଠିକ୍ ମା' ପରି। ସୂର୍ଯ୍ୟସ୍ନାତା ମାଟି ସଂସ୍ପର୍ଶରେ ଆସିଲେ ସମ୍ଭବ ହୁଏ ମଞ୍ଜିର ଅଙ୍କୁରୋଦ୍‌ଗମ। ମାଟି ବିନା କଳ୍ପନା କରାଯାଇ ପାରିବନି ମଣିଷର ଅସ୍ତିତ୍ୱ। ଏ କଥାଟି ଉପଲବ୍ଧି କରିପାରିଥିଲେ ଆମ ବିଜ୍ଞ ପୂର୍ବଜମାନେ। ସେମାନେ ଜାଣିଥିଲେ ମାଟି ମା' ସନ୍ତୁଷ୍ଟ ହେଲେ ଅଜାଡ଼ି ଦେବ ଅଜସ୍ର ଫସଲ। ତେଣୁ ସେମାନେ ମାଟି ମା'କୁ ପୂଜା କରୁଥିଲେ ଶ୍ରଦ୍ଧା ଓ ଭକ୍ତିରେ। ଏହି ଉଦ୍ଦେଶ୍ୟରେ ବର୍ଷର ବିଭିନ୍ନ ସମୟରେ ପାଳନ କରୁଥିଲେ ଅନେକ କୃଷିଭିତ୍ତିକ ପର୍ବ। ଓଡ଼ିଶାର କୃଷକମାନେ ବର୍ଷ ତମାମ ଯେତେ କୃଷିଭିତ୍ତିକ ପର୍ବ ପାଳନ କରନ୍ତି, ସେଥି ମଧ୍ୟରେ ସବୁଠୁ ଅଧିକ ଗୁରୁତ୍ୱ ବହନ କରେ ଅକ୍ଷୟତୃତୀୟା।

ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥିରେ କେଉଁ କାଳରୁ ପାଳନ ହୋଇ ଆସୁଥିବା ଏହି ପର୍ବ ଆମ ଧାର୍ମିକ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଯେତିକି ଗୁରୁତ୍ୱ ବହନ କରେ, ସେତିକି ମହତ୍ତ୍ୱ ରଖେ ତା'ର ପାରିବେଶିକ ଉପଯୋଗିତା। ଏକ କୃଷିଭିତ୍ତିକ ପର୍ବ ଭାବେ ଏହାର ମୌଳିକ ପୃଷ୍ଠଭୂମି କଥା ବିଚାର କଲେ ଆଖି ଆଗକୁ ଆସେ ଶକ୍ତି ରୂପିଣୀ ଦେବୀ ସୀତାଙ୍କ ଆବିର୍ଭାବ ପ୍ରସଙ୍ଗ। ଭୂମି ଓ ଶସ୍ୟପୂଜା ଅବସରରେ ମହର୍ଷି ଜନକ ଯେଉଁଦିନ ମାଟିରେ ଲଙ୍ଗଳ ମାରିବା ମାତ୍ରେ ଦେବୀ ସୀତାଙ୍କୁ ପାଇଲେ, ସେଦିନ ଥିଲା ବୈଶାଖ ଶୁକ୍ଳ ତୃତୀୟା। ପୁରାଣ ପୃଷ୍ଠାରେ ବର୍ଣ୍ଣିତ ଅନ୍ୟ ଏକ ପ୍ରସଙ୍ଗ ଅନୁସାରେ ଏହି ପବିତ୍ର ତିଥିରେ ଭଗବାନଙ୍କ ଷଷ୍ଠ ଅବତାର ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ। କିମ୍ବଦନ୍ତୀ କହେ ଏହି ପବିତ୍ର ତିଥିରେ ସ୍ୱର୍ଗରୁ ମର୍ତ୍ତ୍ୟକୁ ବହି ଆସିଥିଲେ ମା' ଗଙ୍ଗା। ପୁଣି ଏହି ପବିତ୍ର ତିଥିରେ ଜନ୍ମଗ୍ରହଣ କରିଥିଲେ ଏ ମାଟିର ବିଶ୍ୱବିଦିତ କବି ତଥା ଗୀତଗୋବିନ୍ଦର ରଚୟିତା ଶ୍ରୀଜୟଦେବ।

ଅକ୍ଷୟତୃତୀୟାରୁ ଆରମ୍ଭ ହୁଏ ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ। ଏହି ସମୟକୁ ଅସହ୍ୟ ହୋଇଥାଏ ଗ୍ରୀଷ୍ମ ପ୍ରବାହ। ମହାପ୍ରଭୁଙ୍କ ମାନବୀୟ ଲୀଳା ସ୍ୱରୂପ ଏହି ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ୨୧ ଦିନ ପର୍ଯ୍ୟନ୍ତ ଚନ୍ଦନ ପୋଖରୀରେ ଚାପ ଖେଳନ୍ତି ଚଳନ୍ତି ପ୍ରତିମା ମଦନମୋହନ। ସେଥିପାଇଁ ଏହା ଚନ୍ଦନ ଯାତ୍ରା ନାମରେ ପରିଚିତ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୈଶାଖ ମାସରୁ ବର୍ଷ ଆରମ୍ଭ ହେଉଥିବାରୁ ପ୍ରଥମ ମାସର ଶୁକ୍ଳ ତୃତୀୟାକୁ ମିଳିଛି ଆଦ୍ୟ ପର୍ବର ମାନ୍ୟତା। ଏହି ପବିତ୍ର ତିଥିରେ ଯେ କୌଣସି ଶୁଭକାର୍ଯ୍ୟର ଅନୁକୂଳ କରାଯାଇପାରେ। ନିର୍ବନ୍ଧ, ବିବାହ ଓ ବ୍ରତଠାରୁ ଆରମ୍ଭ କରି ଗୃହ ନିର୍ମାଣ, ଗୃହ ପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠା, ଯାନ କ୍ରୟ ଓ ଚାଳନା ଏବଂ ଯେ କୌଣସି ବାଣିଜ୍ୟ ବ୍ୟବସାୟ ଯାହା କିଛିର ଶୁଭାରମ୍ଭ କଲେ ମଙ୍ଗଳ ଓ କଲ୍ୟାଣପ୍ରଦ ହୁଏ ବୋଲି ବିଶ୍ୱାସ ରହିଛି।

ଦୁନିଆକୁ ଆହାର ଯୋଗାଉଥିବା ଚାଷୀ ସର୍ବଦା ଚାହେଁ ତା'ର ଖେତ ପୂର୍ଣ୍ଣଗର୍ଭା ହେଉ ଏବଂ ତାହା ଆଦୌ କ୍ଷୟ ନ ଯାଉ ପ୍ରକୃତିର କୋପରେ। ମାତ୍ର କଥାରେ ଅଛି ଚାଷୀ ହୁଡ଼ିଲେ ବରଷେ, ଅର୍ଥାତ୍ ସେ ଠିକ୍ ସମୟରେ ଜମି କର୍ଷଣ, ବିହନ ବିକ୍ଷେପଣ ଓ ପରବର୍ତ୍ତୀ ବେଉଷଣ ନ କଲେ ବୃଥା ଯାଏ ତା'ର ସାରା ବର୍ଷର ପରିଶ୍ରମ। ସେଥିପାଇଁ ପବିତ୍ର ଅକ୍ଷୟତୃତୀୟା ତିଥିରେ ଶୁଦ୍ଧପୂତ ଚିତ୍ତରେ ମାଟି ଓ ମା'ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରି ସେ ଅନୁକୂଳ କରେ ଅଖିମୁଠି। ଆପଣା ଅନୁଭୂତିସିଦ୍ଧ ଜ୍ଞାନ ବଳରେ ଆମ ପୂର୍ବଜମାନେ ଜାଣିଥିଲେ ବୈଶାଖ ଶୁକ୍ଳପକ୍ଷଠାରୁ ସାବିତ୍ରୀ ଅମାବାସ୍ୟା ଯାଏ ବିହନ ବିକ୍ଷେପଣର ପ୍ରକୃଷ୍ଟ ସମୟ। କାରଣ ବୀଜ ଅଙ୍କୁରିତ ହେବା ପାଇଁ ମାଟି ଯେଉଁ ନିର୍ଦ୍ଦିଷ୍ଟ ଉତ୍ତାପ ଆବଶ୍ୟକ କରେ, ତାହା ସେ ଧାରଣ କରିଥାଏ ଏହି ଅବଧିରେ। ଅର୍ଥାତ୍ ପାରିବେଶିକ ସନ୍ତୁଳନ ଦୃଷ୍ଟିରୁ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ ଆମ ପୂର୍ବଜମାନଙ୍କ ପରିକଳ୍ପନା ଓ ପରିଯୋଜନାର ଏକ ବିଜ୍ଞାନସମ୍ମତ ପ୍ରୟୋଗ।

ଶାସ୍ତ୍ରରେ ଅନ୍ନକୁ ଯେମିତି ବ୍ରହ୍ମ କୁହାଯାଏ, ସେମିତି ତା'ର ମୁଖ୍ୟ ଉପାଦାନ ଧାନକୁ କୁହାଯାଏ ଅକ୍ଷୟ ବୀଜ। ଯାହାର କ୍ଷୟ ନାହିଁ ସେ ହିଁ ଅକ୍ଷୟ। ତେଣୁ ହଜାର ହଜାର ବର୍ଷ ପୂର୍ବରୁ ଆମ କୃଷି ପରମ୍ପରାକୁ ପ୍ରଭାବିତ କରି ଆସିଥିବା ଅକ୍ଷୟ ତୃତୀୟା ହେଉଛି ଅମୃତର ପର୍ବ। ଏହି ଅମୃତ ଅବସରରେ ଚାଷୀ ପ୍ରାର୍ଥନା କରେ ଶାନ୍ତ ହେଉ ମାଟି, ଶାନ୍ତହେଉ ବାୟୁ ଓ ଶାନ୍ତ ହେଉ ଆକାଶ। ଧୂସରତାକୁ ଠେଲି ସବୁଜିମାରେ ଭରିଉଠୁ ଧରା। ଧାନକେଣ୍ଡାରେ ଶିସା ଧରୁ ଏବଂ ଘରେ ଘରେ ବିରାଜମାନ କରନ୍ତୁ ମା'ଲକ୍ଷ୍ମୀ। ଏହି ପ୍ରାର୍ଥନା ନେଇ ଅକ୍ଷୟତୃତୀୟା ପ୍ରଭାତରେ ଚାଷୀ ତା' ଜମିର ଈଶାନ୍ୟ କୋଣରେ ମା'ଲକ୍ଷ୍ମୀ ଠାକୁରାଣୀ ଓ ବସୁମାତାଙ୍କୁ ପୂଜାର୍ଚ୍ଚନା କରି ଆରମ୍ଭ କରେ ଧାନବୁଣା କାର୍ଯ୍ୟ। ଏହା କେବଳ ସାଂସ୍କୃତିକ ପରମ୍ପରା ନୁହେଁ, ଏହାର ଅନ୍ତରାଳରେ ରହିଛି ଭୂତାତ୍ତ୍ୱିକ ଜ୍ଞାନ, ଯାହାର ପ୍ରୟୋଗାତ୍ମକ ଆଭିମୁଖ୍ୟ ଓ ଅବଦାନକୁ ସାଦରେ ଗ୍ରହଣ କରେ ଆଧୁନିକ କୃଷିବିଜ୍ଞାନ। ଅର୍ଥାତ୍ ସାଂସ୍କୃତିକ ଅଭିଜ୍ଞାନ ଓ ପାରିବେଶିକ ବାସ୍ତବତା ଦୃଷ୍ଟିରୁ ଅକ୍ଷୟତୃତୀୟାକୁ ମିଳିଛି 'କୃଷକ ଦିବସ'ର ମାନ୍ୟତା।

ବିଜୁପଟ୍ଟନାୟକନଗର, ଭଦ୍ରକ, ମୋ-୯୪୩୮୪୫୫୦୮

## ଏଇ ଭାରତରେ

ତମାଖୁଜାତ ସାମଗ୍ରୀର ବିଜ୍ଞାପନ ପାଇଁ ଫିଲ୍ମ କଳାକାର ତଥା ସେଲିବ୍ରିଟିଙ୍କୁ ନିୟୋଜିତ କରାଯାଏ। ଏଥିପାଇଁ ସେମାନେ ଭଲ ପାଉଣା ମଧ୍ୟ ପାଇଥାନ୍ତି। କିନ୍ତୁ ସେବନକାରୀଙ୍କ ଶାରୀରିକ କ୍ଷତି କଥା ଏମାନେ ଚିନ୍ତା କରି ନ ଥାନ୍ତି। ରାଜସ୍ଥାନର ଜୟପୁର ଅଞ୍ଚଳର ଜଣେ ବ୍ୟକ୍ତି ତମାଖୁ ସେବନକରି କ୍ୟାନ୍‌ସରରେ ପୀଡ଼ିତ ହେବାପରେ ଏହି ସାମଗ୍ରୀର ପ୍ରଚାର ପ୍ରସାର ନ କରିବାକୁ ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କୁ ନିବେଦନ କରିଛନ୍ତି। ଉକ୍ତ ରୋଗୀଙ୍କ ପରିବାର ପକ୍ଷରୁ କୁହାଯାଇଛି, ନାନାକ୍ରମ ହେଉଛନ୍ତି ଦେବଗନଙ୍କର ଜଣେ ପ୍ରଶଂସକ। ତାଙ୍କ ଦ୍ୱାରା ବିଜ୍ଞାପିତ ତମାଖୁ ସାମଗ୍ରୀ ସେ ସେବନ କରିଥାଆନ୍ତି। କିନ୍ତୁ ଶରୀର ଉପରେ ଏହା କ୍ଷତିକାରକ ପ୍ରଭାବ ପକାଏ ବୋଲି ବର୍ତ୍ତମାନ ସେ ଅନୁଭବ କରୁଛନ୍ତି। ଦେବଗନ୍‌ଙ୍କୁ ସମ୍ବୋଧିତ କରି ପାଖାପାଖି ୧,୦୦୦ ପ୍ରଚାରପତ୍ର ଛପାଇ ସେଥିରେ ସେ ଅଜୟ ଓ ତାଙ୍କ ପରିବାର କେତେ ପରିମାଣର ତମାଖୁ ସେବନ କରନ୍ତି ବୋଲି ପ୍ରଶ୍ନ କରିଛନ୍ତି। ପ୍ରଚାରପତ୍ରଗୁଡ଼ିକୁ ସାଙ୍ଗ୍‌ନେର, ଜଗତପୁରା ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ବଣ୍ଟନ କରିବା ସହିତ କାନ୍ଥ ଓ ପ୍ରାଚୀରରେ ମଧ୍ୟ ଲଗାଇଛନ୍ତି। ଏ ସମ୍ପର୍କରେ ରୋଗୀଙ୍କ ପୁଅ ଦିନେଶ ମିନା ଅଜୟଙ୍କ ବିଜ୍ଞାପନକୁ ନାପସନ୍ଦ କରି କହିଛନ୍ତି, ତାଙ୍କ ପିତା ଦେବଗନଙ୍କ ଦ୍ୱାରା ପ୍ରଭାବିତ ହୋଇ କିଛି ବର୍ଷ ତଳେ ତମାଖୁ ସେବନ ଆରମ୍ଭ କରିଥିଲେ। କିନ୍ତୁ ତାଙ୍କଠାରେ କ୍ୟାନ୍‌ସର ଲକ୍ଷଣ ପ୍ରକାଶ ପାଇବା ପରେ ବର୍ତ୍ତମାନ ଅନୁଭବ କରୁଛନ୍ତି ଏପରି ଜଣେ ବିଶିଷ୍ଟ କଳାକାର ନିଶାଦ୍ରବ୍ୟର ପ୍ରସାର ପାଇଁ ବିଜ୍ଞାପନ କରିବା ଉଚିତ ନୁହେଁ। ଅଭିନେତାମାନେ ମଦ, ସିଗାରେଟ୍ ଏବଂ ତମାଖୁ ଭଳି କ୍ଷତିକାରକ ଦ୍ରବ୍ୟର ବିଜ୍ଞାପନଠୁ ଦୂରେଇ ରହିବାକୁ ନାନାକ୍ରମ ପ୍ରଚାରପତ୍ରରେ ଅନୁରୋଧ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ମେ ୧୯୯୪

- ସରକାରୀ ସୈନ୍ୟ ଓ ବିଦ୍ରୋହୀ ଗୁଏଟମାଲା ରିଭୋଲ୍ୟୁଶନାରୀ ନ୍ୟାଶନାଲ ୟୁନିଟ ମଧ୍ୟରେ ଯୁଦ୍ଧବିରତି ପାଳନ ପାଇଁ ଏକ ରାଜିନାମା ସ୍ୱାକ୍ଷରିତ।
- ତାମିଲନାଡୁର ଚେଙ୍ଗାଲପଟୁ ଜିଲାରେ ପୁଲିକାଟ ହ୍ରଦରେ ନୌକା ବୁଡି ୪୦ ଜଣ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଜରୁରୀ

ମହାଶୟ,

ଆମ ରାଜ୍ୟରେ ବାରମ୍ବାର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇ ଏହାର ମୂଲ୍ୟକୁ ନଷ୍ଟ କରାଯାଉଛି। ସରକାରୀ ଶିକ୍ଷକମାନେ ଉପରିସ୍ଥ ଅଧିକାରୀମାନଙ୍କ ଚାପରେ ରହି କାର୍ଯ୍ୟ କରୁଛନ୍ତି। ଶିକ୍ଷକମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ପ୍ରଦାନ କରି ନିଜର ଜ୍ଞାନକୌଶଳ, ଉପସ୍ଥିତ ସମୟୋପଯୋଗୀ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ କରିବା ପାଇଁ ଦିଆଯାଉ ନାହିଁ। ପାଠ୍ୟପୁସ୍ତକଗୁଡ଼ିକ ପ୍ରଣୟନ କଲାବେଳେ ନାନା ତ୍ରୁଟି ଦେଖାଯାଉଛି। ରାଜ୍ୟର ୪୬ ଶତାଂଶ ପିଲା ଘରୋଇ ଅନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ଶିକ୍ଷା ବ୍ୟବସ୍ଥା ଘୋର ଦୁର୍ଦ୍ଦିନ ଦେଇ ଗତି କରୁଛି। କ୍ଲାସରେ ପାସ୍ ଫେଲ୍ ବ୍ୟବସ୍ଥା ଉଠିଯିବାରୁ ପିଲାମାନେ ପାଠପଢ଼ାରେ ଅମନୋଯୋଗୀ ହେଉଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଜରୁରୀ ହୋଇପଡ଼ିଛି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଚେକ୍ ବାଉନ୍ସ

ଭୁବନେଶ୍ୱରରେ ଜାଗାଟିଏ କିଣି ଘର କରିବା ଏବଂ ରାଜଧାନୀରେ ବସବାସ କରିବା ପାଇଁ ଲୋକଙ୍କ ମନରେ ଅଦମ୍ୟ ଲାଳସା। ଏହାର ସୁଯୋଗ ନେଇ ଅନେକ ବିତ୍ତଶାଳୀ ଲୋକ ରିୟଲ ଇଷ୍ଟେଟ ସଂସ୍ଥା ଗଢି ଲୋକଙ୍କଠାରୁ ଶାଗମୁଗ ଦରରେ ଶହ ଶହ ଏକର ଜମି କିଣିଲେ। ହଜାର ହଜାର ଲୋକଙ୍କୁ ଜମି ଦେବାକୁ କିସ୍ତିରେ ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଗଲେ। ଲୋକେ କିସ୍ତି ପୈଠ କରି ସାରିବା ପରେ କେତେକଙ୍କୁ ଜାଗା ଦେଲେ ଓ ଆଉ କେତେକଙ୍କୁ ସୁଧମୂଳ ହିସାବ କରି ଆଡ୍‌ଭାନ୍ସ ଚେକ୍ ଦେଲେ। ଚେକ୍ ପୁଣି ୩/୪ ମାସ ପରେ ବ୍ୟାଙ୍କରେ ଡିପୋଜିଟ କରିବାକୁ ପଡ଼ିବ। ୩/୪ ମାସ ଚେକ୍‌କୁ ସାଇତି ରଖି ବ୍ୟାଙ୍କରେ ଡିପୋଜିଟ କଲାବେଳକୁ ତାହା ବାଉନ୍ସ ହେଉଛି। ଏମିତି ୩/୪ ବର୍ଷ ହେଲା ଲୋକେ ବାଉନ୍ସ ଚେକ୍ ନେଇ ଥାନା କୋର୍ଟ କଚେରିକୁ ଦୌଡିଲେ ବି ଫଳ ଶୂନ। ସରକାରଙ୍କୁ ଅନୁରୋଧ ଚେକ୍ ବାଉନ୍ସ କ୍ଷେତ୍ରରେ କେସ୍‌ଗୁଡ଼ିକୁ ଅଯଥା ଦୀର୍ଘସୂତ୍ରୀ ନ କରି ୨/୩ ମାସରେ ଫଇସଲା କରାଇ ନିରୀହ ଲୋକଙ୍କର ଅର୍ଥ ଫେରି ପାଇବାରେ ସହାୟକ ହୁଅନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୬ା୫(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ଅନ୍ତର୍ଗତ ଏଫସିଆଇ ଗୋଦାମରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗତ ଶୁକ୍ରବାର ସନ୍ଧ୍ୟାରେ ସେ ହଠାତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ବାଦାମପାହାଡ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକ ହେଲେ ଧନେଶ୍ୱର କାରୁଆ। ତାଙ୍କ ଘର ମଝିଗାଁ ଅଞ୍ଚଳରେ ବୋଲି ପୋଲିସ କହିଛି।

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୬ା୫(ଡି.ଏନ.ଏ.)- ଆଠମଲ୍ଲିକ ଅବକାରୀ ବିଭାଗ ଠାକୁରଗଡ଼ ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୩୨ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଠାକୁରଗଡ଼ ଥାନା ରାଣୀବନ୍ଧ ଗ୍ରାମର ଭରତ ନାହାକ, ଜରପଡ଼ା ଗ୍ରାମର ସୁମନ ବେହେରା ଓ ହୃଦାନନ୍ଦ ପ୍ରଧାନ। ଚଢ଼ାଉରେ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ଉମାକାନ୍ତ ଚାନ୍ଦ, ଏମ୍‌ବି ଜାକିର ହୁସେନ, ଅରୁଣ ଚାଉଳିଆ ପ୍ରମୁଖ ସାମିଲ ଥିଲେ।

### ମା’କୁ ମାଡ଼ ମାରି ପୁଅ ଗିରଫ

ବଇଣ୍ଡା,୬ା୫(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମର ପ୍ରମିଳା ଦଳେଇଙ୍କୁ ତାଙ୍କ ସାନପୁଅ କାଳିଆ ଦଳେଇ ଏକ ଠେଙ୍ଗାରେ ରବିବାର ଆକ୍ରମଣ କରିଥିବା ସୋମବାର ପ୍ରମିଳାଙ୍କ ବଡ଼ପୁଅ ବିଜୟ ଦଳେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏ ସଂକ୍ରାନ୍ତରେ ନଂ. ୪୦/୧୯ରେ ଏକ ମାମଲା ରୁଜୁ ସହ ଅଭିଯୁକ୍ତ କାଳିଆଙ୍କୁ ଗିରଫ କରି ଆଠମଲ୍ଲିକ କୋର୍ଟଚାଲାଣ କରିଛି। ପୋଲିସ କହିଛି, ବିଜୟ ଓ କାଳିଆଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଲାଗିଥିବାବେଳେ ପ୍ରମିଳା ଦୁହିଁଙ୍କୁ ଗଣ୍ଡଗୋଳ ନ କରିବା ପାଇଁ କହିଥିଲେ। ଏଥିରେ କାଳିଆ ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରମିଳା ଗୁରୁତର ଅବସ୍ଥାରେ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ପୋଲିସ କହିଛି।

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ବଇଣ୍ଡା,୬ା୫(ଡି.ଏନ.ଏ.)- କିଶୋରନଗର ଥାନା ସାଧୁପାଳ ଶିବ ମନ୍ଦିରଠାରେ ସୋମବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ କିଶୋରନଗର ଥାନା ପଦ୍ମପୁର ଗ୍ରାମର ବଳରାମ ସ୍ୱାଇଁଙ୍କ ମୃତ୍ୟୁ ଘଟିଛି। ବଳରାମ ନିଜ ବାଇକ ଯୋଗେ କିଶୋରନଗର ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### କୁରାଳ ସମାଜ ପକ୍ଷରୁ ଶୋକସଭା

ଅନୁଗୋଳ ଅଫିସ, ୬ା୫- ଅନୁଗୋଳ ପୋକତୁଙ୍ଗା ନିବାସୀ ଦୟାନିଧି ମୁଦୁଲି(୮୦)ଙ୍କ ମୃତ୍ୟୁକୁ ନେଇ କୁରାଳ ସମାଜରେ ଶୋକର ଛାୟା ଖେଳିଯାଇଛି। ମୁଦୁଲିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜିଲା କୁରାଳ ସମାଜ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନୀଳକଣ୍ଠ ମୁଦୁଲି, ସମ୍ପାଦକ ପ୍ରମୋଦ ଚନ୍ଦ୍ର ରାଉଳଙ୍କ ସମେତ କମିଟି ସଦସ୍ୟ ନାରାୟଣ ମୁଦୁଲି, ମହେଶ୍ୱର ବେହେରା, ବିମ୍ବାଧର ବେହେରା, ଦୁଆରି ମୁଦୁଲି, ସଦାନନ୍ଦ ମୁଦୁଲି, ରାମଚନ୍ଦ୍ର ରାଉଳ, କହ୍ନେଇ ଦାସ, ଶୁକ୍ରୁ ରାଉଳ, ଦୁଃଖବନ୍ଧୁ ରାଉଳ, ପ୍ରଫୁଲ୍ଲ ବେହେରା, ମହର୍ଗା। ମୁଦୁଲି, ଚିନ୍ତା ମୁଦୁଲି, କାଳନ୍ଦୀ ମୁଦୁଲି, ଅର୍ଜୁନ ବେହେରା, ପ୍ରାଣବନ୍ଧୁ ମୁଦୁଲି, ଉଆଲି ମୁଦୁଲି, ଶୁକଦେବ ବେହେରା, ଲୋକନାଥ ବେହେରା, ରବିନ୍ଦ୍ର ବେହେରା, ଦେବ ବେହେରା, ହେମନ୍ତ ଦାସ, ଦୁର୍ଯ୍ୟୋଧନ ମୁଦୁଲି, ରୁଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ୫ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ସିବିଏସ୍ଇ ଦଶମ ପରୀକ୍ଷା ଫଳ

# ସାକେତ କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରମିତା ନବୋଦୟ ଟପ୍ପର

ଅନୁଗୋଳ ଅଫିସ, ୬ା୫

କେନ୍ଦ୍ରୀୟ ବୋର୍ଡ ସ୍କୁଲ ସାର୍ଟିଫିକେଟ ପକ୍ଷରୁ ଅନୁଷ୍ଠିତ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଅନୁଗୋଳ ସହର ଓ ଉପକଣ୍ଠରେ ଥିବା ସିବିଏସ୍ଇ ବିଦ୍ୟାଳୟଗୁଡ଼ିକରେ ଅପରାହ୍ନ ୩ଟାରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ସହରର କେତେକ ସ୍କୁଲକୁ ଶତ ପ୍ରତିଶତ ସଫଳତା ମିଳିଥିବାବେଳେ ଆଉ କେତେକ ସ୍କୁଲରେ ସଫଳତା ହାର ୯୦ ପ୍ରତିଶତରୁ ଅଧିକ ଥିବା ଜଣାପଡିଛି।

ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟରେ ୯୭.୬୨ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟର ମୋଟ ୮୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୮୨ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ବିଦ୍ୟାଳୟରେ ସାକେତ ନନ୍ଦ ୯୬.୪ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଜୟଶ୍ରୀ ସାହୁ ୯୫.୬ ଓ ପି. ସିଲ୍‌ଭା ସିମରନ୍ ୯୪.୮ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଥିବାବେଳେ ଅନୁଗୋଳ ଜିଲା ବନ୍ତଲା ଥାନା ଚମ୍ପତିମୁଣ୍ଡା ଜବାହାର ନବୋଦୟ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସମୁଦାୟ ୭୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ୪୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରମିତା ସାହୁ ସର୍ବାଧିକ ୯୭. ୪୦ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ଶୁଭମ ସାଗର ପ୍ରଧାନ ୯୭.୨୦ ପ୍ରତିଶତ ଓ ସ୍ୱାଧୀନ ସାହୁ ୯୭ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟରେ ସୋସିଆଲ ସାଇନ୍ସରେ ୫ ଛାତ୍ରୀଛାତ୍ର ପ୍ରମିତା ସାହୁ, ସ୍ମୃତିରଞ୍ଜନ ବେହେରା, ଆର୍ଯ୍ୟଜ୍ୟୋତି ପ୍ରଧାନ, ଯାଜ୍ଞସେନୀ ମାଝୀ, ସାହାଜାଦ ମୁଶାରଫ ଶତପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଅଧକ୍ଷ ଆର ପି ସାହୁ ଓ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ପ୍ରମିତା ସାହୁ।


ସ୍ୱାଧୀନ ସାହୁ।


ଶୁଭମ ସାଗର ପ୍ରଧାନ।

### ଲିଟିଲ ହାର୍ଟ୍ସ ସ୍କୁଲର ସଫଳତା

ଅନୁଗୋଳ ଅଫିସ, ୬ା୫

ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ଲିଟିଲ ହାର୍ଟ୍ସ ସ୍କୁଲର ସଫଳତା ହାର ୯୧.୧ ପ୍ରତିଶତ ରହିଛି। ମୋଟ ୪୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଗୁପ୍ତା ସାଲିକା ବେହେରା ୯୫.୬ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର୍ ହୋଇଥିବାବେଳେ ୭ ଜଣ ୯୧ରୁ ୯୫ ପ୍ରତିଶତ ଓ ୮୧ରୁ ୯୦ ପ୍ରତିଶତ ମଧ୍ୟରେ ୧୩ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସ୍କୁଲର ସଫଳତା ନେଇ ପରିଚାଳନା କମିଟି ସନ୍ତୋଷ ବ୍ୟକ୍ତ କରିଛି।

### ନାଲ୍‌କୋ ଡିପିଏସ୍‌ରେ ଶତ ପ୍ରତିଶତ




ବଅଁରପାଳ, (ଡି.ଏନ୍.ଏ) ୬ା୫

ସୋମବାର ସିବିଏସ୍ଇର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ନାଲ୍‌କୋ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ଦଶମ ବୋର୍ଡ ପରୀକ୍ଷାରେ ନାଲ୍‌କୋ ନଗର ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ୧୬୨ ଜଣଙ୍କ ମଧ୍ୟରୁ ୫୦ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ପ୍ରଥମ ଶ୍ରେଣୀରେ ୧୪୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅମ୍ଳାନ ଦୀପ ମହାପାତ୍ର ୯୬.୮ ପ୍ରତିଶତ ନମ୍ବର ରଖି ସ୍କୁଲର ଟପ୍ପର୍ ହୋଇଛନ୍ତି। ସେହିପରି ଅନିନ୍ଦ୍ରା ପାତ୍ର ୯୬.୪ ଓ ଶ୍ରୁତ ସ୍ୱରୂପା ଧର, ଶ୍ରୁତି ସରିତା, ଅର୍ଚ୍ଚନା ଶତପଥୀ ପ୍ରମୁଖ ୯୫.୮ ପ୍ରତିଶତ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କର ଏହି ସଫଳତା ପାଇଁ ସ୍କୁଲର ଅଧକ୍ଷ ଡ. ବି.କେ. ମିଶ୍ର, ଉପାଧକ୍ଷା ସୁଚିତ୍ରା ମିଶ୍ର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍କୁଲ ଟପ୍ପର୍ ହୋଇଥିବା ଅମ୍ଳାନ ଦୀପ୍ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବେ ବୋଲି ପ୍ରକାଶ କରିଛନ୍ତି। ଅମ୍ଳାନ ନାଲ୍‌କୋ ଭିଜିଲାନ୍ସ ବିଭାଗରେ କାର୍ଯ୍ୟରତ ଏଜିଏମ୍ ଅଜୟ କୁମାର ମହାପାତ୍ରଙ୍କ ପୁତ୍ର।

# ‘ୟାର’ର ପ୍ରତିଷ୍ଠା ଦିବସ

ବଇଣ୍ଡା,୬ା୫(ଡି.ଏନ.ଏ.)




କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମରେ ଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ‘ୟାର’ର ୩୭ ତମ ପ୍ରତିଷ୍ଠା ଦିବସ ରବିବାର ୟାର ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଅନାଦି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଦିଲୀପ ସାହୁ ଯୋଗଦେଇ କିଭଳି ଏନଜିଓ ଦ୍ୱାରା ଗ୍ରାମାଞ୍ଚଳର ବିକାଶ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ବେକାର ଯୁବତୀଯୁବକମାନେ କିପରି ଏଥିରୁ ଉପକୃତ ହେବେ ସେ ନେଇ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ରଣଜିତ୍ ପଟ୍ଟନାୟକ, ଉପସଭାପତି ଜିତେନ୍ଦ୍ର ପ୍ରଧାନ, ଶିକ୍ଷକ ଉପେନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗାନ୍ଧିଜୀଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଆଖପାଖ ଅଞ୍ଚଳରୁ ଗ୍ରାମବାସୀ ଯୋଗ ଦେଇଥିଲେ। ସହ ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୬ା୫(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କୋରାବ ଗ୍ରାମର ଉମା ନାୟକ(୨୬)ଙ୍କୁ ତାଙ୍କ ସ୍ୱାମୀ ନବ ନାୟକ ଓ ଶାଶୁ କନକ ନାୟକ ଯୌତୁକ ଦାବି କରି ମାଡ଼ ମାରୁଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଉମା ଅଭିଯୋଗରେ ଦର୍ଶାଇଛନ୍ତି, ୨୦୧୭ରେ ନବଙ୍କୁ ସେ ପ୍ରେମ ବିବାହ କରିଥିଲେ। ପରେ ନବ ଏକ ଲକ୍ଷ ଟଙ୍କା ଯୌତୁକ ଦାବି କରି ପ୍ରତ୍ୟେକ ଦିନ ତାଙ୍କୁ ମାର୍‌ପିଟ କରୁଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୩୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅନୁଗୋଳରୁ ପାଣି ଯାଉଛି କଟକ, ଭୁବନେଶ୍ୱର

# ପ୍ରଶାସନ ପଠାଇଲାଣି ୨୦ ଜେନେରେଟର

ଅନୁଗୋଳ ଅଫିସ, ୬ା୫

- ମୂଲଚାଲ ନ କରି ପେଟି ପେଟି ବୋହି ନେଉଛନ୍ତି
- ବୋତଲ ପାଣି ନ ମିଳିଲେ ପାଉଚ ବସ୍ତା କିଣୁଛନ୍ତି
- ଅଧିକ ଜେନେରେଟର ଯୋଗାଡ ଚାଲିଛି

ଫନୀ ତାଣ୍ଡବରେ ଛାରଖାର ହୋଇଯାଇଛି ଉପକୂଳ ଓଡ଼ିଶା। ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି ଲୋକଙ୍କ ମଧ୍ୟରେ। ପାଣି, ଖାଦ୍ୟ, ବିଦ୍ୟୁତ୍ ପାଇଁ ସେମାନେ ଡହଳ ବିକଳ ହେଉଛନ୍ତି। ନଦୀ, ପୋଖରୀରେ ଗାଧୋଇବା କାର୍ଯ୍ୟ ସାରି ଦେଉଥିଲେ ବି ପିଇବାକୁ ପାଣି ପାଉନାହାନ୍ତି। ଏପରି କି କିଣିକରି ନେବାକୁ ଚାହିଁଲେ ବି ତାହା ମିଳୁନାହିଁ। ଏପରି ସ୍ଥିତିରେ କଟକ, ଭୁବନେଶ୍ୱର ଲୋକେ ପାଣି ନେବାକୁ ଅନୁଗୋଳ ମୁହାଁ ହୋଇଛନ୍ତି। ବସ୍ତା ବସ୍ତା ପାଣି ପାଉଚ ଓ ପେଟି ପେଟି ବଟଲ ପାଣି କିଣି ବସ୍, କାର୍ ଯୋଗେ ନେଉଛନ୍ତି। ସେହିପରି ଉପକୂଳରେ ବିଦ୍ୟୁତ୍ ଭିତ୍ତିଭୂମି ଉଜୁଡ଼ି ଯାଇଥିବାରୁ ଜେନେରେଟର ଆବଶ୍ୟକତା ବଢ଼ିଯାଇଛି। ସହାୟତା ସ୍ୱରୂପ ଅନୁଗୋଳ ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ଜିଲାରୁ ୨୦ଟି ଜେନେରେଟର ଉପକୂଳ ଅଞ୍ଚଳକୁ ପଠାଯାଇ ସାରିଛି। ଆଉ କିଛି ଯୋଗାଡ଼ ମଧ୍ୟ କରାଯାଉଛି।

ପିଇବା ପାଣି ନେବାକୁ କଟକ ଓ ଭୁବନେଶ୍ୱରରୁ ବଡ଼ ବଡ଼ିଆମାନେ କାର୍ ଯୋଗେ ସିଧା ଅନୁଗୋଳରେ ପହଞ୍ଚୁଛନ୍ତି। କୌଣସି ମୂଲଚାଲ ନ କରି ଟଙ୍କା ଦେଇ ପେଟି ପେଟି ପାଣି ବୋହି ନେଉଛନ୍ତି। ସେହିପରି ଅନ୍ୟମାନେ ବନ୍ଧୁବାନ୍ଧବଙ୍କ ଜରିଆରେ ଏଠାରୁ ପାଣି ବସ୍ ଯୋଗେ କଟକ, ଭୁବନେଶ୍ୱର ନେଉଛନ୍ତି। ଫନୀ ବିପନ୍ନ ପଡ଼ୋଶୀ ଜିଲାବାସୀଙ୍କ ଏପରି ପାଣି ଚାହିଦା ଯୋଗୁ ଅନୁଗୋଳରେ ଆଉ ଖୁଚୁରା ଦୋକାନରେ ପାଉଚ କିମ୍ବା ବୋତଲ ପାଣି ମିଳୁନାହିଁ। ଜଣେ ବ୍ୟବସାୟୀଙ୍କ କହିବା ମୁତାବକ ପାଣି ନେବା ପାଇଁ କଟକ ଓ ଭୁବନେଶ୍ୱରରୁ ବହୁ ଲୋକ ଏଠାକୁ ଆସୁଛନ୍ତି। ଗୋଟିଏ ପେଟି ପାଣିକୁ ୧୫୦ରୁ ୨୫୦ ଟଙ୍କା ପର୍ଯ୍ୟନ୍ତ ଦେଇ କିଣି ନେଉଛନ୍ତି। ଏକାଥରକେ ସେମାନେ ଗୋଟିଏ କିମ୍ବା ଦୁଇଟି ପେଟି ନେଉନାହାନ୍ତି ବରଂ ୧୦ ପେଟିରୁ ଅଧିକା ପାଣି ଗାଡ଼ିରେ ଭରି ନେଉଛନ୍ତି। ଯେଉଁମାନେ ବୋତଲ ପାଣି ପାଉ ନାହାନ୍ତି ସେମାନେ ପାଉଚ ବସ୍ତା ବୋହି ନେଉଛନ୍ତି। ଗୋଟିଏ ଦିନରେ ହଜାର ହଜାର ବୋତଲ ଓ ବସ୍ତା କଟକ ଓ ଭୁବନେଶ୍ୱର ଯାଉଥିବା ସମ୍ପୃକ୍ତ ବ୍ୟବସାୟୀ ପ୍ରକାଶ କରିଛନ୍ତି। ଅନ୍ୟପଟରେ ପ୍ରଶାସନ ପକ୍ଷରୁ ଜେନେରେଟର ମଧ୍ୟ କଟକ, ଭୁବନେଶ୍ୱର, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁରକୁ ପଠାଯାଉଥିବା ଜଣାପଡ଼ିଛି। ବିଭିନ୍ନ ଟେଣ୍ଟ ହାଉସରୁ ପ୍ରଶାସନିକ ଅଧିକାରୀମାନେ ୨୦ଟି ଜେନେରେଟର ସଂଗ୍ରହ କରି ପଠାଇଛନ୍ତି। ଆଉ ଅଧିକ କିଛି ଯୋଗାଡ଼ କରାଯାଉଥିବା ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ ସୂଚନା ଦେଇଛନ୍ତି।


୫୫ ନମ୍ବର ଜାତୀୟ ରାଜପଥରେ ଯାଇଥିବା କାଣ୍ଡସର କେନାଲ।

## କେନାଲରେ ମିଶୁଛି ପାଇଖାନା ପାଣି

# ଚାଷୀ ମହଲରେ ଅସନ୍ତୋଷ

ବଅଁରପାଳ, ୬ା୫ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ କାଣ୍ଡସର ଦେଇ ଯାଇଥିବା ଏକ କେନାଲରେ ପାଇଖାନା ପାଣି ମିଶୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି। କେନାଲ ପାର୍ଶ୍ୱରେ ଘର କରିଥିବା କେତେକ ଘରର ପାଇଖାନା ପାଣି ଓ ବ୍ୟବହୃତ ଆବର୍ଜନା ପାଣିକୁ କେନାଲରେ ଛଡ଼ାଯାଉଥିବା ଅଭିଯୋଗ ହୋଇଛି। ଫଳରେ କେନାଲ ପାଣି ଦୂଷିତ ହେବା ସହିତ ଦୁର୍ଗନ୍ଧ ସୃଷ୍ଟି ହେଉଛି।

କାଣ୍ଡସର ଅଞ୍ଚଳର ପ୍ରାୟ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଜଳସେଚନର ସୁବିଧା ପାଇଁ ଡେରଜାଙ୍ଗ ପ୍ରକଳ୍ପରୁ ନାଲ୍‌କୋ ଦେଇ ମୁଖ୍ୟ କେନାଲରୁ ଏହି ଶାଖା ଆସିଛି। ଏହା ପ୍ରାୟ ୭ ଶହ ହେକ୍ଟର ଜମିକୁ ଜଳସେଚିତ କରୁଛି। କିନ୍ତୁ ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଶାଖା କେନାଲ ଧୀରେ ଧୀରେ ଶୋଚନୀୟ ଅବସ୍ଥାକୁ ଆସିଗଲାଣି। ଉଭୟ ପାର୍ଶ୍ୱର ବହୁ ଜମି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି। କେତେଜଣ ବ୍ୟବସାୟୀ ଏହା ଉପରେ ପାନ ଦୋକାନ, ଗ୍ୟାରେଜ, ଜଳଖିଆ ଦୋକାନ, ଗୁହାଳ ଆଦି କରିବା ସହ ଆଉ କେତେଜଣ କେନାଲ ପାର୍ଶ୍ୱରେ ଘର ନିର୍ମାଣ କରିଛନ୍ତି। ଦୋକାନୀମାନେ ବିଭିନ୍ନ ଅଳିଆ ଆବର୍ଜନା କେନାଲରେ ପକାଉଥିବା ବେଳେ ଘର କରି ରହୁଥିବା ବ୍ୟକ୍ତମାନେ ଡ୍ରେନ୍ ଓ ପାଇଖାନା ପାଣି ଏହି କେନାଲରେ ଛାଡ଼ି ଦେଉଥିବା ଅଭିଯୋଗ ହୋଇଛି। ଫଳରେ କେନାଲ ପାଣି ପ୍ରଦୂଷିତ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ରିଲିଫ ସଂଗ୍ରହ



ଅନୁଗୋଳ ଅଫିସ/ଛେଣ୍ଡିପଦା, ୬ା୫

ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜରପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ସୋମବାର ପୂର୍ବାହ୍ନରେ ସାପ୍ତାହିକ ହାଟରେ ଜନସାଧାରଣଙ୍କଠାରୁ ରିଲିଫ ସଂଗ୍ରହ କରାଯାଇଛି। ସଙ୍ଗଠନ ପକ୍ଷରୁ କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ କେନ୍ଦ୍ର ଖୋଲାଯାଇ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟା ଯାଉଥିବା ସୂଚନା ଦିଆଯାଇଛି। ଜନସାଧାରଣ ମଧ୍ୟ ଅକୁଣ୍ଠଚିତ୍ତରେ ସାହାଯ୍ୟ କରୁଥିବା ପରିଲକ୍ଷିତ ହୋଇଛି। ସଙ୍ଗଠନର ଆଞ୍ଚଳିକ କମିଟି ସମ୍ପାଦକ ସୁବାସ ପ୍ରଧାନ, ଜିଲା କମିଟି ସଭ୍ୟ ମାନସ ପାଲଙ୍କ ସମେତ ସଙ୍ଗଠକ ଭରତ କୁମାର ନାଏକ, ଲମ୍ବୋଦର ପଣ୍ଡା, ବିମୋଚନ ପ୍ରଧାନ, ଦୁଃଖବନ୍ଧୁ ବେହେରା, ସାମାଜିକ କର୍ମୀ ଭୋଳେଶ୍ୱର ଗୋଚ୍ଛାୟତ ପ୍ରମୁଖ ରିଲିଫ ସଂଗ୍ରହରେ ସାମିଲ ଥିଲେ।

**ବିକ୍ରେତା ସମ୍ମିଳନୀ ସ୍ଥଗିତ**

ରେଳ ଅଡିଟୋରିୟମ୍, ଭୁବନେଶ୍ୱର ଠାରେ 7 ମଇ, 2019ରେ ନିର୍ଦ୍ଧାରିତ ବିକ୍ରେତା ସମ୍ମିଳନୀ ଅପରିହାର୍ଯ୍ୟ ପରିସ୍ଥିତି କାରଣ ବଶତଃ ପୁନଃ ଆଦେଶ ମିଳିବା ପର୍ଯ୍ୟନ୍ତ ସ୍ଥଗିତ କରି ଦିଆଯାଇଛି । ସମ୍ମିଳନୀ ପାଇଁ ନୂତନ ତାରିଖର ସୂଚନା ଯଥାଶୀଘ୍ର ଦିଆଯିବ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ
ଭୁବନେଶ୍ୱର

ପୂର୍ବ ତଟ ରେଳପଥ
PR-64/K/19-20

**ମିକ୍ସଡ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/ ଖୋର୍ଦ୍ଧା ରୋଡ଼ରେ ଚୁକ୍ତି ଭିତ୍ତିରେ ଶିକ୍ଷକମାନଙ୍କ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ନିଯୁକ୍ତି ବିଜ୍ଞାପନ ସଂଖ୍ୟା.ECoR/Pers/01/Engagement/Contract Teacher
ତା.24.04.2019ରିଖ

ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ଼ରେ ନିମ୍ନ ବର୍ଣ୍ଣିତ ଅନୁଯାୟୀ ବିଭିନ୍ନ ବିଷୟରେ ଚୁକ୍ତି ଭିତ୍ତିରେ ଶିକ୍ଷକମାନଙ୍କ ନିଯୁକ୍ତି ନିମନ୍ତେ ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟତା, ବୟସସୀମା ଏବଂ ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନେ ସମସ୍ତ ମୂଳ ପ୍ରାସଙ୍ଗିକ ପ୍ରମାଣପତ୍ର ଏବଂ ସ୍ୱ-ସତ୍ୟାପିତ ହୋଇଥିବା ପ୍ରତ୍ୟେକ ନକଲ ସହିତ ପ୍ରଦତ୍ତ ଫର୍ମାଟ୍‌ରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସାକ୍ଷାତକାର ନିମନ୍ତେ ବୋର୍ଡ ନିକଟରେ ଉପସ୍ଥିତ ହୋଇପାରିବେ ।

**ପଦବୀଗୁଡ଼ିକର ନାମ :** ସ୍ନାତକୋତ୍ତର ଶିକ୍ଷକ, କ୍ର.ସଂ. 1 - ବିଷୟ : ରାଜନୀତି ବିଜ୍ଞାନ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 2 - ବିଷୟ : ହିନ୍ଦୀ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 3 - ବିଷୟ : ତେଲୁଗୁ, ପଦବୀ ସଂଖ୍ୟା : 01-ଅନୁସୂଚିତ ଜାତି ।

**ପଦବୀଗୁଡ଼ିକର ନାମ :** ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଓଡ଼ିଆ ମାଧ୍ୟମ), କ୍ର.ସଂ. 4 - ବିଷୟ : ଗଣିତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 5 - ବିଷୟ : ଶାରୀରିକ ବିଜ୍ଞାନ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 6 - ବିଷୟ : ସଂସ୍କୃତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ ।

**ପଦବୀଗୁଡ଼ିକର ନାମ :** ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଇଂରାଜୀ ମାଧ୍ୟମ), କ୍ର.ସଂ. 7 - ବିଷୟ : ଗଣିତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 8 - ବିଷୟ : ଶାରୀରିକ ବିଜ୍ଞାନ, ପଦବୀ ସଂଖ୍ୟା : 01-ଅନୁସୂଚିତ ଜନଜାତି, କ୍ର.ସଂ. 9 - ବିଷୟ : ଇଂରାଜୀ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 10 - ବିଷୟ : ସଂସ୍କୃତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ ।

ପାରିଶ୍ରମିକ (କ୍ର.ସଂ. 1-3 ନିମନ୍ତେ) : ₹27,500/- ଏବଂ (କ୍ର.ସଂ. 4-10 ନିମନ୍ତେ) : ₹26,250/- ।

ବୟସ (କ୍ର.ସଂ. 1-10 ନିମନ୍ତେ) : ତା.24.04.2019ରିଖ ସୁଦ୍ଧା 18-65 ବର୍ଷ ।

ଚୁକ୍ତି ଅବଧି : ଚୁକ୍ତି ଭିତ୍ତିରେ ଶିକ୍ଷକମାନଙ୍କ ନିଯୁକ୍ତି ଅବଧି 07 ଦିନରୁ କମ୍ ଏବଂ 200 କାର୍ଯ୍ୟ ଦିବସରୁ ଅଧିକ ହେବ ନାହିଁ କିମ୍ବା ସିଧାସଳଖ ଭାବେ ନିଯୁକ୍ତି କିମ୍ବା ବିଭାଗୀୟ ପଦୋନ୍ନତି/ବଦଳି / RRB ଦ୍ୱାରା ଚୟନ ମାଧ୍ୟମରେ ଖାଲି ପଦବୀ ପୂରଣ ହେବା ଯାଏ, ଉଭୟ ମଧ୍ୟରୁ ଯେଉଁଟା ପ୍ରଥମେ ହେବ ।

| “ୱାକ୍-ଇନ୍ ଇଣ୍ଟରଭ୍ୟୁ” ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ ଇଣ୍ଟରଭ୍ୟୁ ସମୟ |
| --- | --- |
| ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ୍, ଜଟଣୀ | ତା.28.05.2019ରିଖ / 0930 ଘଟିକାରୁ 1100 ଘଟିକା ପର୍ଯ୍ୟନ୍ତ / 1000 ଘଟିକା ଠାରୁ ଆରମ୍ଭ |

ବିଦ୍ର : ଦରଖାସ୍ତ ଫର୍ମାଟ୍, ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ http://www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ

ପୂର୍ବ ତଟ ରେଳପଥ
PR-59/K/19-20

## ସଂକ୍ଷେପରେ

### ନିର୍ଯାତନା ଅଭିଯୋଗ: ମହିଳା ଏସପିଙ୍କ ଦ୍ୱାରସ୍ଥ

ନବରଙ୍ଗପୁର,୬।୫(ବି.ପ୍ର)-ସ୍ୱାମୀ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପରେ ପ୍ରଥମ ସ୍ତ୍ରୀ ନୀଳାମଣିଙ୍କୁ ନିର୍ଯାତନା ଦେଉଥିଲେ। ନିର୍ଯାତନା ସହି ନପାରି ନୀଳାମଣି ତାଙ୍କ ପରିବାର ଲୋକଙ୍କ ସହାୟତାରେ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡାବୁଗାଁ ଥାନା ଅଧୀନ ଘଡାଖୁଣ୍ଟା ଗାଁର ମହାଦେବ ଭତ୍ରାଙ୍କ ଝିଅ ନିଳାମଣି ୨୦୧୦ରେ କୋଡିଙ୍ଗା ଥାନା ଅଧୀନ ଆଟିଗାଁର ସୁକାନନ୍ଦ ଭତ୍ରାଙ୍କ ପୁଅ ଦୁର୍ଯ୍ୟୋଧନ ଭତ୍ରାଙ୍କୁ ବିବାହ କରିଥିଲା। ଏହା ପରେ ନୀଳାମଣିଙ୍କୁ ଦୁର୍ଯ୍ୟୋଧନ ନିର୍ଯାତନା ଦେଉଥିଲେ। ନୀଳାମଣିଙ୍କ ଝିଅ ଜନ୍ମ ହେବା ପରେ ତାଙ୍କୁ ଅଧିକ ନିର୍ଯାତନା ଦେଉଥିଲେ। ଏଥିସହ ସେହି ଗ୍ରାମର ଜଣେ ଝିଅକୁ ୨ୟ ବିବାହ କରିଥିଲେ। ଏଥିସହ ତାଙ୍କ ସ୍ୱାମୀ ଓ ଦେଢଶୁର ସୁନା ଅଳଙ୍କାର ଓ ୩୦ ହଜାର ଟଙ୍କା ନେଇ ଯାଇଛନ୍ତି ବୋଲି ନୀଳାମଣି ଏତଲାରେ ଦର୍ଶାଇଛନ୍ତି। ।

### ପଶ୍ଚିମବଙ୍ଗ ପନିପରିବା ଭରସା

**ଭୋଗରାଇ,୬।୫(ଡି.ଏନ.ଏ.):** 'ଫନୀ' ପ୍ରଭାବରେ ବାଲେଶ୍ୱର ଜିଲାର ଭୋଗରାଇ ଅଞ୍ଚଳରେ ପନିପରିବା ସମେତ ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏଥର ରବି ଋତୁରେ ୯ହଜାର ୭୩୪ ହେକ୍ଟର ଚାଷ ଜମିରେ ଅଧିକ ଅମଳକ୍ଷମ ଡାଲୁଅଧାନ ଚାଷ ହୋଇଥିଲା। ୨ହଜାର ହେକ୍ଟର ଚାଷ ଜମିରେ ପନିପରିବା, ଡାଲି ଜାତୀୟ ଓ ତୈଳବୀଜ ଚାଷ ହୋଇଥିଲା। ବର୍ତ୍ତମାନ ଚାଷ ଜମିରେ ବର୍ଷା ପାଣି ଜମି ରହିଥିବାରୁ ପନିପରିବା ଫସଲ ପଚି ନଷ୍ଟ ହୋଇଯାଇଛି। ସ୍ଥାନୀୟ ହାଟ ବଜାରରେ ପନିପରିବାର ଅଭାବ ଓ ଦରବୃଦ୍ଧି ସ୍ଥିତି ଦେଖାଦେବା ପରେ ଏବେ ପଶ୍ଚିମବଙ୍ଗରୁ ଆଳୁ ଓ ବରଗଡ଼ରୁ ପିଆଜ ଆମଦାନୀ ହେଉଛି। ପଶ୍ଚିମବଙ୍ଗ ପୂର୍ବ ଓ ପଶ୍ଚିମ ମେଦିନାପୁର ଅଞ୍ଚଳ ସମେତ ବର୍ଦ୍ଧମାନ ଜିଲାରୁ ବେପାରୀମାନେ ପନିପରିବା ଆଣି ଏଠାରେ ବିକ୍ରି କରୁଛନ୍ତି। ପଶ୍ଚିମବଙ୍ଗର କାନ୍ଥି, ଏଗ୍ରା, ଖଡ଼ଗପୁର, ବେଲଦା ଅଞ୍ଚଳର ପରିବା ବ୍ୟବସାୟୀ ବିଭିନ୍ନ ବସ୍‌ରେ ଭୁବନେଶ୍ୱର-କଟକ ମାର୍କେଟ୍‌କୁ ପନିପରିବା ଯୋଗାଉଥିବା ଜଣାପଡିଛି।

# ୪ ବର୍ଷ ହେଲା ଅନ୍ଧାରରେ କୁସୁମଗୁଡ଼ା ଗାଁ

## ପାନୀୟ ଜଳ ପାଇଁ ତହଳବିକଳ ହେଉଛନ୍ତି ଗ୍ରାମବାସୀ

ମାଲକାନଗିରି,୬।୫(ଡି.ଏନ.ଏ.)

ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତି ଗ୍ରାମରେ ବିକାଶ ହୋଇଥିବା ନେଇ କହୁଥିବା ବେଳେ ଏବେ ମଧ୍ୟ ଅନେକ ଗ୍ରାମ ରହିଛି ଯେଉଁଠି ବିଦ୍ୟୁତ ଓ ପାନୀୟ ଜଳ ଲୋକଙ୍କ ପାଇଁ ପାଲଟିଛି ସାତସପନ । ଅନ୍ଧାରରେ କାଳାତିପାତ କରୁଥିବା ଗ୍ରାମବାସୀଙ୍କ ଜଳକଟେ ମଧ୍ୟ କିଛି କମ୍ ନୁହେଁ। ଏଭଳି ଏକ ଗ୍ରାମ ରହିଛି ମାଲକାନଗିରି ଜିଲାରେ। ଗ୍ରାମର ନାଁ କୁସୁମଗୁଡ଼ା ।

ମାଲକାନଗିରି ସଦର ମହକୁମାଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଥିବା ଏହି ଗ୍ରାମରେ ୪୮ଟି ପରିବାର ବସବାସ କରୁଛନ୍ତି। ଗ୍ରାମବାସୀଙ୍କ ପାଇଁ ରହିଛି ମାତ୍ର ଗୋଟିଏ ନଳକୂପ । ଗ୍ରୀଷ୍ମ ଋତୁରେ ନଳକୂପରୁ ଆବଶ୍ୟକ ପରିମାଣର ପାଣି ମିଳୁନି। ଫଳରେ ପାନୀ ଜଳ ମୁନ୍ଦେ ପାଇଁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଗ୍ରାମଠାରୁ ୨ କିମି ଦୂରରେ ଥିବା ଚୁଆ କିମ୍ବା ନଳ ପାଣି ଉପରେ ନିର୍ଭର କରିଥାନ୍ତି। ଏ ସମ୍ପର୍କରେ ବାରମ୍ବାର ପଞ୍ଚାୟତସମିତି ଅଧ୍ୟକ୍ଷ, ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଗ୍ରାମର କୁମାରୀ ଦୁରୁଆ ଓ ଚନ୍ଦ୍ରମା ଦୁରୁଆ ଅଭିଯୋଗ କରିଛନ୍ତି। କେବଳ ପାନୀୟ ଜଳ ନୁହେଁ ଗ୍ରାମରେବିଦ୍ୟୁତ୍ ସେବା ମଧ୍ୟ ଲୋକଙ୍କ ପାଇଁ ଅପହଞ୍ଚ ହୋଇଛି। ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ ସଂଯୋଗ କରିବା ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହି ଗ୍ରାମକୁ ମଧ୍ୟ ବିଦ୍ୟୁତ ସଂଯୋଗ ହୋଇଥିଲା । ମାତ୍ର ଗତ ୪ ବର୍ଷ ପୂର୍ବେ ଗ୍ରାମର ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଏଯାଏ ଗ୍ରାମବାସୀ ସନ୍ଧ୍ୟା ହେଲେ ଅନ୍ଧାରରେ ଦିନ କାଟୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ଗ୍ରାମର ଛାତ୍ରୀଛାତ୍ର ପାଠ ପଢ଼ିବାରେ ସମସ୍ୟାରେ ପଡୁଛନ୍ତି ବୋଲି କହନ୍ତି ଗ୍ରାମର ୟାସାନ ଦୁରୁଆ କହିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେ କହିଲେ ଯେ, ଗ୍ରାମରେ ନଳକୂପ ଖନନ କରିବା ସତ୍ତ୍ୱେ ପାଣି ବାହାରି ନ ଥିଲା । ତେଣୁ ପୁନର୍ବାର ଗ୍ରାମରେ ପାନୀୟ ଜଳ ସୁବିଧା ପାଇଁ ନଳକୂପ କିମ୍ବା ପାନୀୟ ଜଳପ୍ରକଳ୍ପ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବୁ ବୋଲି କହିଥିଲେ। ଗ୍ରାମରେ ବିଦ୍ୟୁତ୍ ସମସ୍ୟା ସମକପର୍କରେ ମାଲକାନଗିରି ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକଙ୍କୁ ପଚାରିବାରୁ ସେ କହିଲେ ଏନେଇ ସାଉଥକୋ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରି ସମସ୍ୟାର ସମାଧାନ କରାଯିବ।


ମହିଳାମାନେ ପାଣି ଧରି ଗ୍ରାମକୁ ଯାଉଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯା' ବାପ ଚଢ଼ିଥାଏ ଘୋଡ଼ା**
**ତା' ପୁଅ ଚଢ଼େ ଥୋଡ଼ା ଥୋଡ଼ା ।**

ବଂଶର ଗୁଣ ଅନୁସାରେ ସନ୍ତାନର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। କୁଳ ଅନୁସାରେ ଗୁଣ ଫୁଟି ଉଠେ। କଥାରେ ଅଛି ଛାଟ ଘର ପିଲା ଛାଟ। ଭାଟ ଘର ପିଲା ଭାଟ। ପିତା ବା ପୂର୍ବପୁରୁଷ ଯେଉଁ ଗୁଣ ଓ ପ୍ରତିଭାର ଅଧିକାରୀ ହୋଇଥାନ୍ତି ତାଙ୍କ ସନ୍ତାନ ଉତ୍ତରାଧିକାର ସୂତ୍ରରେ ସେଇ ଗୁଣ ଓ ପ୍ରତିଭାର ଅଂଶୀଦାର ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାର ମନ ଯେଡ଼େ**
**ତାହାର ପ୍ରଭୁ ତେଡ଼େ ।**

ଯାଦୃଶୀ ଭାବନା ଯସ୍ୟ, ସିଦ୍ଧି ର୍ଭବତିତାଦୃଶୀ। ମନ ଘେନି ଫଳ। ମନ ଉଚ୍ଚ ହେଲେ ଉଚ୍ଚ ଫଳ ମିଳିଥାଏ। ନିଷ୍ଠା, ଆନ୍ତରିକତା ତଥା ମନୋଭାବ ଅନୁସାରେ ମଣିଷ ଫଳ ପାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

### ବାତ୍ୟା ସଜାଇଲା ନିରାଶ୍ରୟ

ବିଶୋଇ,୬।୫(ଡି.ଏନ.ଏ)

ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶୁକ୍ରବାର ଦିନତମାମ ବର୍ଷା ଲାଗି ରହି ସନ୍ଧ୍ୟାରୁ ରାତି ୧୦ଟା ମଧ୍ୟରେ ଜୋର ପବନ ବହିଥିଲା। ଫନୀ ପ୍ରକୋପରେ ବିଶୋଇ ପଞ୍ଚାୟତ ଅନ୍ତର୍ଗତ ବିଶୋଇ ଗାଁ ୪ନଂ. ୱାର୍ଡର ସୁକାନ୍ତି ନାଏକଙ୍କ ମାଟିଘର ଭାଙ୍ଗି ପଡିବା ସହ ଚାଳଛପର ଉଡିଯାଇଥିଲା। ୩ ନମ୍ବର ୱାର୍ଡର ଭାରତୀ ନାଏକଙ୍କ ଟାଇଲ ଘର ସମ୍ପୂର୍ଣ୍ଣ ଭାଙ୍ଗି ଚୂର୍‌ମାର ହୋଇଯାଇଛି। ଏହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲେ ମଧ୍ୟ ସବିଶେଷ ରିପୋର୍ଟ ମିଳିନାହିଁ।

# ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

ନବରଙ୍ଗପୁର,୬।୫(ବି.ପ୍ର)

ସିବିଏସଇର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷାର୍ଥୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ବିଦ୍ୟାଳୟରେ ମୋଟ ୩୭ ଜଣ ପରୀକ୍ଷା ଦେଇଥିଲେ। ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅର୍ପିତ ରଥ ୫୦୦ରୁ ୪୮୩ ମାର୍କ (୯୬.୬ ପ୍ରତିଶତ) ରଖିଥିବା ବେଳେ ସୌମ୍ୟ ପ୍ରକାଶ ମହାପାତ୍ର ୪୮୦ ମାର୍କ (୯୬ ପ୍ରତିଶତ), ରିଚା ଗୁପ୍ତା ୪୭୩ ମାର୍କ (୯୪.୬) ପ୍ରତିଶତ ରଖିଛନ୍ତି। ସେହିପରି ନିକଟରେ ସବିଏସଇର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟକୁ ଶତପ୍ରତିଶତ ସଫଳତା ମିଳିଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଜିଲାପାଳ ଅଜିତ କୁମାର ମିଶ୍ର, ଅଧ୍ୟକ୍ଷ ମଣ୍ଟୁ କୁମାର,ପିଟିଏର ସମ୍ପାଦକ ବାଙ୍କ ବିହାରୀ ବିଷୋୟୀ ଓ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ସହର ଉପକଣ୍ଠରେ ହାତୀପଲ

ପାରଳାଖେମୁଣ୍ଡି,୬।୫(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ତଥା ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ହାତୀ ବୁଲୁଛନ୍ତି। ସୋମବାର ସକାଳ ସୁଦ୍ଧା ହାତୀପଲ ରାଟିଣୀ, ଅମରା ଗ୍ରାମ ଦେଇ ପୁନର୍ବାର ସୀମାନ୍ତ ଆନ୍ଧ୍ରର ମିଳିଆପୁଟି ନିକଟବର୍ତ୍ତୀ ଜଙ୍ଗଲରେ ରହିଥିବା ଦେଖିବାକୁ ମିଳିଛି । ହାତୀ ବୁଲୁଥିବା ଗ୍ରାମାଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ହାତୀପଲକୁ ଟ୍ରାକିଂ ପାଇଁ ଉଭୟ ଓଡ଼ିଶା-ଆନ୍ଧ୍ର ବନ କର୍ମଚାରୀ ତୀକ୍ଷଣ ନଜର ରଖିଛନ୍ତି। ହାତୀଗୁଡ଼ିକ ଗ୍ରାମାଞ୍ଚଳରେ ପଶି ଯେପରି କୌଣସି କ୍ଷୟକ୍ଷତି ନ ଘଟାଇବେ, ସେ ବନ୍ଦୋବସ୍ତ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ କିଛି ମାସ ହେଲା ଏହି ହାତୀପଲ ଉକ୍ତ ଅଞ୍ଚଳରେ ଘୂରି ବୁଲୁଥିବାର ଦେଖିବାକୁ ମିଳିଥିବାବେଳେ ସେମାନଙ୍କ ଲାଗି ଏହି ସବୁ ଅଞ୍ଚଳର ଲୋକେ ଭୟଭୀତ ହୋଇ ରହିଛନ୍ତି। ଖବର ଲେଖାଯିବା ବେଳକୁ ହାତୀପଲ ଓଡ଼ିଶା ସୀମାନ୍ତବର୍ତ୍ତୀ ଡାଲିମ୍ବପୁର ଗ୍ରାମରେ ରହିଥିବା ବନଖଣ୍ଡ ଅଧିକାରୀ ବିବେକ କୁମାର ସୂଚନା ଦେଇଛନ୍ତି । ସେମାନେ ବର୍ତ୍ତମାନ ସୁଦ୍ଧା କୌଣସି କ୍ଷୟକ୍ଷତି କରି ନଥିବା ଜଣାପଡ଼ିଛି।

# ଉପୁଡ଼ି ପଡ଼ିଲା ୨୦୦ ବର୍ଷର ପୁରୁଣା ଗଛ

ପଦ୍ମପୁର, ୬।୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ କୁବେରପୁର ଗ୍ରାମରେ ଦୁର୍ଯ୍ୟୋଧନ ମଲ୍ଲିକଙ୍କ ଘର ଆଗରେ ଥିବା ୨୦୦ ବର୍ଷର ପୁରୁଣା ତେନ୍ତୁଳି ଗଛ ଫନୀ ପ୍ରଭାବରେ ଉପୁଡ଼ି ଯାଇଛି। ଏହି ଗଛ ତାଙ୍କ ଘର ଉପରେ ପଡ଼ି ୩ ବଖରା ଭାଙ୍ଗିଯାଇଛି। ଗାଁର ପୁରୁଖା ଲୋକେ ଏହି ଗଛ ତାଙ୍କ ବାପଗୋସାପ ଅମଳରୁ ରହିଆସିଥିବା କହିଛନ୍ତି। ଗଛଟି ମୂଳରୁ ଅଧା ଉପୁଡ଼ି ଯାଇ ଦୁର୍ଯ୍ୟୋଧନଙ୍କ ଘର ଉପରେ ପଡ଼ିଥିଲେ ମଧ୍ୟ ସେଭଳି କୌଣସି କ୍ଷୟକ୍ଷତି ହୋଇନାହିଁ। ଏ ନେଇ ଦୁର୍ଯ୍ୟୋଧନ ତିହିଡ଼ି ଅଗ୍ନିଶମ ବିଭାଗ, ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ମନ୍ତେଇ ଉପରେ ହୋଇଥିବା ପୋଲର ଆପ୍ରୋଚ ରାସ୍ତା କାମ ସରି ନ ଥିବାରୁ ଗାଡ଼ି ଆସିପାରି ନ ଥିଲା। ସୋମବାର ବାସୁଦେବପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛକୁ କାଟିଛନ୍ତି। ଅଗ୍ନିଶମ ବିଭାଗ ଅଧିକାରୀ ରମଣୀ ରଞ୍ଜନ ଦାସଙ୍କ ନେତୃତ୍ୱରେ ୬ କର୍ମଚାରୀ ୪ଘଣ୍ଟା ପରେ ଗଛକୁ କାଟି ଘର ଉପରୁ ବାହାର କରିଛନ୍ତି। ଗ୍ରାମର ରଥ ବେହେରାଙ୍କ ଆଜ୍‌ବେଷ୍ଟସ ଘର ଉପରେ ପଡ଼ିଥିବା ଗଛକୁ ମଧ୍ୟ ଅଗ୍ନିଶମ ବିଭାଗୀୟ ଅଧିକାରୀ କାଟି ବାହାର କରିଛନ୍ତି। ସରପଞ୍ଚ ବିପିନ ବିହାରୀ ବାରିକ ଓ ଗ୍ରାମବାସୀ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି।


## ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଧ୍ରୁବଚରଣ ଶତପଥୀ**
ପ୍ଲଟ ନଂ. ୨୪୧୮, ଏକାମ୍ରଭିଲ୍ଲା ଛକ,
ଭୁବନେଶ୍ୱର-୧୫
ଆବିର୍ଭାବ: ୦୫।୦୧।୧୯୩୭
ତିରୋଧାନ: ୧୩।୦୫।୨୦୧୩
(ଅକ୍ଷୟତୃତୀୟା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
କାହ୍ନା, ମୁନା, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୨୪୪୩

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ଲୋନ! ଲୋନ! ଲୋନ**
**BFC FINANCE**
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY ASTROLOGY

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
**ବାବା ଆମିଲ ସୁଫି**
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
**ବାବା ଆଲାମ ଖାନ**
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS BUSINESS

**GOLD CASH**
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**SMS JOBS DHAMAKA** (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

DHARITRI Career appointment Every Wednesday and Saturday

FINANCE FINANCE

**B.C. FINANCE**
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

**FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

**GLOBAL FINANCE PVT. LTD.**
୧୯୮୨ଠାରୁ ଆପଣଙ୍କ ସେବାରେ
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

**FINANCE**
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

**INDUS FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

**FINANCE**
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Color Display Classified on every Tuesday & Friday





# ଛାରଖାର ପର୍ଯ୍ୟଟନ ଶିଳ୍ପ

- ଭୁଶୁଡ଼ିଲା ପର୍ଯ୍ୟଟନ ଭିତ୍ତିଭୂମି
- ୪ ଦିନରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ କ୍ଷତି



ଭୁବନେଶ୍ୱର ରେଳ ଷ୍ଟେସନ

**ଭୁବନେଶ୍ୱର,୬।୫(ସସ୍ମିତା ପାଇକରାୟ):** ରାଜ୍ୟର ଆର୍ଥିକ ଭିତ୍ତିଭୂମିକୁ ବହୁବର୍ଷ ପଛକୁ ଫେରାଇନେଇଛି ମହାପ୍ରଳୟଙ୍କରୀ ବାତ୍ୟା 'ଫନୀ'। ବାତ୍ୟା ପ୍ରଭାବରେ ରାଜ୍ୟର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାବେ ଦୋହଲି ଯାଇଛି, ଯଦ୍ୱାରା ବିଶେଷ ପ୍ରଭାବିତ ହୋଇଛି ପର୍ଯ୍ୟଟନ ଶିଳ୍ପ। ପୂର୍ବରୁ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ମୁଣ୍ଡ ଟେକିବାକୁ ସଂଘର୍ଷ କରୁଥିବା ବେଳେ ତାହା ଏବେ ପୁଣିଥରେ ଭୁଶୁଡ଼ି ପଡ଼ିଛି। ଓଡ଼ିଶା ପର୍ଯ୍ୟଟନର ମେରୁଦଣ୍ଡ କୁହାଯାଉଥିବା ଗୋଲ୍ଡେନ୍ ଟ୍ରାଏଙ୍ଗେଲ ବା ପୁରୀ-ଭୁବନେଶ୍ୱର-କୋଣାର୍କ ସର୍କିଟ୍ ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଦେଶ ଓ ଦେଶ ବାହାରୁ ସର୍ବାଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଏହି ୩ ପ୍ରମୁଖ ସ୍ଥାନ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। କେବଳ ପୁରୀରେ ୬ଦିନ ମଧ୍ୟରେ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ବେଳେ ଭୁବନେଶ୍ୱର ଓ ଅନ୍ୟ ସ୍ଥାନକୁ ମିଶାଇଲେ ପର୍ଯ୍ୟଟନ ଶିଳ୍ପକୁ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏହାବ୍ୟତୀତ ବାତ୍ୟା ପ୍ରଭାବରେ ପର୍ଯ୍ୟଟନ ଭିତ୍ତିଭୂମି ଓ ହୋଟେଲ ଶିଳ୍ପ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଗୋଟିଏ ପଟେ ଓଡ଼ିଶା ସରକାର ଦୀର୍ଘକାଳୀନ ପର୍ଯ୍ୟଟନ ବା ସଷ୍ଟେନେବୁଲ ଟୁରିଜମ୍‌କୁ ପ୍ରାଥମିକତା ଦେଉଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ତାହାକୁ କ୍ଷଣକ ମଧ୍ୟରେ ଧୂଳିସାତ୍ କରିଦେଇଛି। ୧୯୯୯ ମହାବାତ୍ୟା ପରେ ଓଡ଼ିଶା ପାଇଁ ଦ୍ୱିତୀୟ ଶକ୍ତିଶାଳୀ ବାତ୍ୟା କୁହାଯାଉଥିବା 'ଫନୀ' ପୁରୀରେ ସ୍ଥଳଭାଗ ଛୁଇଁବା ପରେ ଓଡ଼ିଶାକୁ ଥରାଇଦେଇଛି। ପୁଣିଥରେ ମୁଣ୍ଡ ଟେକିବାକୁ କେତେଦିନ ଲାଗିବ, ତାହା କହିବା ବି ଅସମ୍ଭବ। ବର୍ଷକୁ ବର୍ଷ ୧ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଓଡ଼ିଶାର ପର୍ଯ୍ୟଟନ ଛାରଖାର ହୋଇଯାଇଛି। ପ୍ରତିବର୍ଷ ଓଡ଼ିଶାର ଉପକୂଳ ଏଭଳି ପ୍ରାକୃତିକ ଦୁର୍ବିପାକର ଶିକାର ହେଉଥିବା ବେଳେ ଏହା ରାଜ୍ୟର ଅର୍ଥନୀତି ବୃଦ୍ଧିରେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳିସ୍ଥଳେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ନିଶ୍ଚିତ ଭାବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କେବଳ ପୁରୀ କି ଭୁବନେଶ୍ୱର ନୁହେଁ, ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାର ପ୍ରମୁଖ ଆକର୍ଷଣ ସାଜୁଥିବା ଚିଲିକା ହ୍ରଦ ସହ କୋଣାର୍କ ଓ ଗୋପାଳପୁର ମଧ୍ୟ 'ଫନୀ' ଦ୍ୱାରା ଗୁରୁତର କ୍ଷତିଗ୍ରସ୍ତ ହୋଇଛି।



କୋଣାର୍କ

## ସମଗ୍ର ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ

'ଫନୀ'ର ପ୍ରଭାବରେ କେବଳ ଉପକୂଳ ଓଡ଼ିଶା ପ୍ରଭାବିତ ହୋଇଥିଲେ ମଧ୍ୟ ଏହା ସମଗ୍ର ଓଡ଼ିଶାର ପର୍ଯ୍ୟଟନ ଉପରେ ପ୍ରଭାବ ପକାଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳର ଫଟୋ ଓ ଭିଡିଓ ଏବେ ଇଣ୍ଟରନେଟ୍‌ରେ ଘୂରୁଥିବା ବେଳେ ପର୍ଯ୍ୟଟକ ଏହାକୁ ଦେଖି ସମଗ୍ର ଓଡ଼ିଶାର ଚିତ୍ର ଅନୁମାନ କରୁଛନ୍ତି। ଫଳରେ ରାଜ୍ୟର ଆଦିବାସୀ ପର୍ଯ୍ୟଟନ, ପ୍ରାକୃତିକ ଓ ପରିବେଶ ପର୍ଯ୍ୟଟନ ମଧ୍ୟ ଏହାଦ୍ୱାରା ବାଧାପ୍ରାପ୍ତ ହୋଇଛି। ଆଦିବାସୀ ପର୍ଯ୍ୟଟନ ପାଇଁ ଆକର୍ଷଣ ସାଜିଥିବା ପଶ୍ଚିମ ଓଡ଼ିଶା ତଥା କୋରାପୁଟ, କନ୍ଧମାଳ, ମାଲକାନଗିରି, ଫୁଲବାଣୀ ଓ ଗଜପତି ଭଳି ଜିଲାର ପର୍ଯ୍ୟଟନ ଶିଳ୍ପ ମଧ୍ୟ ପରୋକ୍ଷ ଭାବେ 'ଫନୀ' ଦ୍ୱାରା ପ୍ରଭାବିତ ହୋଇଥିବା ଟୁର୍ ଅପରେଟର ରମେଶ ପଟ୍ଟନାୟକ କହିଛନ୍ତି। ସେହିଭଳି ବାତ୍ୟାର ପ୍ରଭାବରେ ଓଡ଼ିଶାର ଇକୋ-ଟୁରିଜମ୍ ମଧ୍ୟ ପ୍ରଭାବିତ ହୋଇଛି। ଚିଲିକା ହ୍ରଦରେ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଥିବା ଚିଲିକାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ନୌକା ଚାଳକ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି।

## ହୋଟେଲ ବ୍ୟବସାୟ ଠପ୍

'ଫନୀ'ର ତାଣ୍ଡବରେ କେବଳ ପୁରୀରେ ୬୦୦ରୁ ଅଧିକ ହୋଟେଲ ଏବେ ବନ୍ଦ ହୋଇପଡ଼ିଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। ସହରର ପ୍ରମୁଖ ତାରକା ହୋଟେଲଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଛି। ବାହ୍ୟ ସୌନ୍ଦର୍ଯ୍ୟ ସହ ଆଭ୍ୟନ୍ତରୀଣ ଅଂଶଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଯାଇଛି। ପୁରୀରେ ସମୁଦ୍ରକୂଳ ଖାଁ ଖାଁ ଲାଗୁଥିବା ବେଳେ ହୋଟେଲ, ରେଷ୍ଟୁରାଣ୍ଟ, ଦୋକାନ ବଜାର ସବୁକିଛି ବନ୍ଦ ରହିଛି। କିଛିଦିନ ପୂର୍ବରୁ ପର୍ଯ୍ୟଟକରେ ଭର୍ତ୍ତିଥିବା ହୋଟେଲ ରୁମ୍ ଏବେ ଫାଙ୍କା ପଡ଼ିଛି। କେବଳ ପୁରୀ ନୁହେଁ, ଭୁବନେଶ୍ୱର, ଗୋପାଳପୁରରେ ଥିବା ହୋଟେଲଗୁଡ଼ିକ ମଧ୍ୟ ନିଜର ଅଧିକାଂଶ ବୁକିଂ ହରାଇଛନ୍ତି। ଆଗକୁ କ'ଣ ହେବ, ତାହା ଏବେଠାରୁ ଜଣାପଡୁ ନ ଥିବାବେଳେ ଫନୀ ସ୍ଥାନୀୟ ହୋଟେଲିୟର, ରେଷ୍ଟୁରାଣ୍ଟ ମାଲିକ ଓ ଛୋଟବଡ଼ ଦୋକାନୀମାନଙ୍କୁ ଏକପ୍ରକାର ହତାଶ କରିଛି। ଏହି ବିପତ୍ତି ଦୀର୍ଘକାଳୀନ ନ ହେଲେ ବି କିଛିଦିନ ପାଇଁ ନିଶ୍ଚିତ ଭାବେ ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ବିପୁଳ କ୍ଷତିରେ ପକାଇଛି। ପୁରୀ ହୋଟେଲ ଆସୋସିଏଶନ ସମ୍ପାଦକ ରାଜକିଶୋର ପାତ୍ର କହିଛନ୍ତି, ସ୍ଥିତି ବହୁତ ଖରାପ ଥିବାରୁ ୧୫ଦିନ ଯାଏ ସବୁକିଛି ବନ୍ଦ ରହିବ। ପର୍ଯ୍ୟଟକଙ୍କୁ ଆମେ ଆଗୁଆ ଛାଡ଼ିଦେଇଛୁ। ଯେଉଁମାନେ କାଁ ଭାଁ ରହିଯାଇଛନ୍ତି, ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେମାନଙ୍କୁ ଆର୍ଥିକ ସହାୟତା ଦିଆଯାଇ ନିଜ ନିଜ ରାଜ୍ୟକୁ ଛଡ଼ାଯିବ।

## ଧ୍ୱସ୍ତବିଧ୍ୱସ୍ତ ଐତିହ୍ୟ ଗ୍ରାମ, ପିପିଲି

'ଫନୀ' ପ୍ରଭାବରେ ରାଜ୍ୟର ଧାର୍ମିକ, ବନ୍ୟଜନ୍ତୁ ଓ ପରିବେଶ ପର୍ଯ୍ୟଟନ ସହ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପର୍ଯ୍ୟଟନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ମନ୍ଦିରମାଳିନୀ ସହର ଭୁବନେଶ୍ୱରର ମନ୍ଦିରଗୁଡ଼ିକ ଭିତରେ ପାଣି ପଶିଯାଇଥିବା ବେଳେ ପବନରେ ଏକାଧିକ ଐତିହ୍ୟ ମନ୍ଦିର କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ଐତିହ୍ୟ ଗ୍ରାମ କୁହାଯାଉଥିବା ପୁରୀ ଜିଲାର ରଘୁରାଜପୁର ଗାଁ ଏକପ୍ରକାର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ନାଟ୍ୟମଣ୍ଡପରୁ ଆରମ୍ଭକରି ପଟଚିତ୍ର ଉପରେ ନିର୍ଭର କରି ଚଳୁଥିବା ଗ୍ରାମର ଶିଳ୍ପୀ ଓ କାରିଗରମାନେ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅଧିକାଂଶ ଚଳଛପର ଘରର ଆଉ ଅସ୍ତିତ୍ୱ ନାହିଁ। ବିଶ୍ୱପ୍ରସିଦ୍ଧ ଚାନ୍ଦୁଆ ପାଇଁ ନିକଟରେ ଏକ ହିନ୍ଦୀ ଚଳଚ୍ଚିତ୍ରରେ ସ୍ଥାନ ପାଇଥିବା ପିପିଲି ମଧ୍ୟ ନିଜର ସୌନ୍ଦର୍ଯ୍ୟ ହରାଇଛି। ରାସ୍ତା ଦୁଇକଡ଼ରେ ଥିବା ଚାନ୍ଦୁଆ ଦୋକାନଗୁଡ଼ିକ ଏକପ୍ରକାର ନିଶ୍ଚିହ୍ନ ହୋଇଯାଇଛି। ଏପଟେ ଖୁବ୍‌ଶୀଘ୍ର ପର୍ଯ୍ୟଟନ ଭିତ୍ତିଭୂମି ସଜଡ଼ାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି।

## ବୁକିଂ ବାତିଲ କରୁଛନ୍ତି ବିଦେଶୀ ପର୍ଯ୍ୟଟକ

ମିଳିଥିବା ସୂଚନା ମୁତାବକ, ଓଡ଼ିଶା ଆସିବାକୁ ଥିବା ବହୁ ବିଦେଶୀ ପର୍ଯ୍ୟଟକ ଏବେ ନିଜର ବୁକିଂ ବାତିଲ କରିଛନ୍ତି। ବାତ୍ୟା ଆସିବା ପୂର୍ବରୁ ବହୁସଂଖ୍ୟାରେ ପର୍ଯ୍ୟଟକ ପୁରୀରୁ ଫେରିଯାଇଛନ୍ତି। ଯେଉଁମାନେ ଆଗୁଆ ବୁକିଂ କରିଥିଲେ, ଏବେ ସେମାନେ ବାତିଲ କରୁଛନ୍ତି। କେବଳ ପୁରୀରେ ୭୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ବାତ୍ୟା ପୂର୍ବରୁ ସହର ଛାଡ଼ି ଯିବାକୁ କୁହାଯାଇଛି। ସେହିଭଳି 'ଫନୀ' ଓଡ଼ିଶା ମୁହାଁ ହେବା ପରେ କେବଳ ବିଦେଶୀ ନୁହନ୍ତି, ବହୁସଂଖ୍ୟାରେ ଦେଶୀୟ ପର୍ଯ୍ୟଟକ ମଧ୍ୟ ଓଡ଼ିଶା ଭ୍ରମଣ ବାତିଲ କରିଛନ୍ତି। ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ) ଏବଂ ଟୁର୍ ଅପରେଟର୍ସ ସଂଘ ପକ୍ଷରୁ ମଧ୍ୟ ଏ ନେଇ ପର୍ଯ୍ୟଟକଙ୍କୁ ଅବଗତ କରାଯାଉଛି।

### ଜୟଦେବ ପୀଠ ଧ୍ୱଂସ

ଫନୀ ପ୍ରଭାବରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜୟଦେବ ପୀଠ ଧ୍ୱଂସବିଧ୍ୱଂସ ହୋଇଯାଇଛି। ପୀଠ ପରିସରରେ ଥିବା ଏକାଧିକ ମୂଲ୍ୟବାନ ଗଛ ଭାଙ୍ଗିଯିବା ସହ ପାର୍କରେ ନିର୍ମାଣ ହୋଇଥିବା ଛୋଟ ଛୋଟ ଗୃହ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏପରିକି ପାର୍କ ଭିତରେ ଥିବା ଏକ ଅତ୍ୟାଧୁନିକ ପାଣି ଟାଙ୍କି ଭୁଶୁଡି ପଡିଥିବାବେଳେ ବିଦ୍ୟୁତ୍‌ଖୁଣ୍ଟଗୁଡିକ ଧରାଶାୟୀ ହୋଇଛି। ପୀଠ ଚାରିପାର୍ଶ୍ୱରେ ଥିବା ପାଚେରି ଭାଙ୍ଗି ଯାଇଥିବାରୁ ଏବେ ଅସାମାଜିକ ଯୁବକ ପାର୍କରେ ମଦ ଓ ଅନ୍ୟ ନିଶାଦ୍ରବ୍ୟ ସେବନ କରୁଛନ୍ତି। ପାର୍କ ଭିତରେ ଥିବା ବିଭିନ୍ନ କାରୁକାର୍ଯ୍ୟ ଭାଙ୍ଗି ଯାଇଛି। ଫୁଲ ଗଛ ଓ ଅନ୍ୟ ଦାମୀ ଗଛଗୁଡିକ ମଧ୍ୟ ନଷ୍ଟ ହୋଇଯାଇଛି। ପୀଠର ତୁରନ୍ତ ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଜୟଦେବ ପୀଠ





ପୁରୀ ମେରାଇନ ଡ୍ରାଇଭ୍ ରୋଡ୍।



ରଘୁରାଜପୁର ପ୍ରବେଶ ପଥ।

# ପାନ ଚାଷୀଙ୍କ ଉପରେ ଚଡ଼କ

ତ୍ରିନାଥ ମହାନ୍ତି
**ଭୁବନେଶ୍ୱର,୬।୫ (ବ୍ୟୁରୋ)**

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ କଟକ ଜିଲାର ନିଆଳି, ସଳେଇ, ଅଁଳୋ, ମହଙ୍ଗପଡା, ଅଲଣା ଅଞ୍ଚଳରେ ଲକ୍ଷାଧିକ ଟଙ୍କା ପାନବରଜ ନଷ୍ଟ ହୋଇଯାଇଛି। କରଜ ଓ ହାତଉଧାର କରି ପାନଚାଷ କରିଥିବା ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷ କ୍ଷତିଗ୍ରସ୍ତ ହେବା ପରେ ଏବେ ସେମାନେ କିପରି ଋଣ ଶୁଝିବେ ତାହାକୁ ନେଇ ସେମାନେ ଚିନ୍ତାଗ୍ରସ୍ତ ଅଛନ୍ତି। ଏପରି କି ସେମାନେ ରହୁଥିବା ଘର ଭାଙ୍ଗିଯାଇଛି। ଚାଷ ଉଜୁଡି ଯିବା ସହ ଘର ଭାଙ୍ଗି ଯାଇଥିବାରୁ ସେମାନେ ଏବେ ବେସାହାରା ହୋଇପଡିଛନ୍ତି। ବାତ୍ୟା ଚାଲିଯିବା ପରେ ଏବେ ଚାଷୀମାନେ ଭାଙ୍ଗି ଯାଇଥିବା ପାନବରଜକୁ ସଜାଡିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ସଳେଇ ଗ୍ରାମର ଚାଷୀ ଦ୍ୱାରିକାନାଥ ସାହୁ କହିଛନ୍ତି, ମୁଁ ୪୦ ହଜାର ଟଙ୍କା କରଜ କରି ପାନଚାଷ କରିଥିଲି। ଗଛଗୁଡିକରୁ ପାନ ତୋଳିବା ପାଇଁ ହୋଇଯାଇଥିଲା। ହଠାତ୍ ଫନୀ ସବୁ ଉଜାଡି ଦେଇଛି। ପ୍ରଶାସନ ପକ୍ଷରୁ ମୋତେ କିଛି ସହାୟତା ମିଳିଲେ ଧାର କରିଥିବା କରଜ କିଛି ପରିମାଣରେ ଶୁଝିପାରନ୍ତି।





## ପକ୍ଷୀଶାବକ ବେସାହାରା

ଫନୀ କେବଳ ମଣିଷ ନୁହେଁ ପଶୁ,ପକ୍ଷୀଙ୍କ ବାସସ୍ଥାନକୁ ମଧ୍ୟ ଛାରଖାର କରିଦେଇଛି। ବଡ ବଡ ଗଛରେ ଦୀର୍ଘଦିନ ହେବ ପକ୍ଷୀମାନେ କରିଥିବା ବସା ଭାଙ୍ଗି ଯାଇଛି। ଏବେ ପକ୍ଷୀମାନେ ମଧ୍ୟ ସେମାନଙ୍କ ନୀଡ ପାଇଁ ଏଣେତେଣେ ଘୂରି ବୁଲୁଛନ୍ତି। ଫନୀ ପ୍ରଭାବରେ ବସା ସହ ପକ୍ଷୀଛୁଆ ତଳେ ପଡିଥିବା ଦେଖିବାକୁ ମିଳିଥିଲା। କେତେକ ପକ୍ଷୀଛୁଆଙ୍କୁ ବିଲେଇ, କୁକୁର ମାରି ଦେଇଥିବାବେଳେ ଆଉ କେତେକ ସ୍ଥାନରେ ଲୋକମାନେ ପକ୍ଷୀଶାବକକୁ ନିରାପଦ ସ୍ଥାନରେ ରଖିଥିବା ଦେଖିବାକୁ ମିଳିଥିଲା। ଫନୀ ପ୍ରଭାବରେ ଅନେକ ପକ୍ଷୀଛୁଆଙ୍କର ମୃତ୍ୟୁ ଘଟିଛି। ଯାହାକୁ ନେଇ ପରିବେଶବିତ୍ ଦୁଃଖ ପ୍ରକାଶ କରିଛନ୍ତି।



## ବିଦ୍ୟୁତ୍ ସେବା ସ୍ୱାଭାବିକ ପାଇଁ ଏକ ମାସ ଲାଗିପାରେ: ସେସୁ

ଫନୀ ପ୍ରଭାବରେ କଣ୍ଟାପଡା, ନିଆଳି, ଅଡଶପୁର ଆଦି ଅଞ୍ଚଳରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। ଏପରି କି କେତେକ ସ୍ଥାନରେ ବିଦ୍ୟୁତ୍ ତାର ରାସ୍ତା ଉପରେ ପଡି ରହିଛି। ବିଶେଷକରି ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ ବ୍ୟାପକ କ୍ଷତି ହୋଇଛି। ଯାହାଫଳରେ ଏହିସବୁ କାର୍ଯ୍ୟକରିବା ଏକ ପ୍ରକାର କାଠିକର ପାଠ ହୋଇଛି। ପ୍ରଥମେ ୧୩୨ କେଭି ବିଦ୍ୟୁତ ଖୁଣ୍ଟ ସଜଡ଼ାଯିବ। ପରେ ଉପୁଡି ପଡିଥିବା ଅନ୍ୟାନ୍ୟ ଖୁଣ୍ଟ ଓ ଟ୍ରାନ୍ସଫର୍ମର ମରାମତି କରାଯିବ। ମାତ୍ର ଏହିସବୁ କାର୍ଯ୍ୟ ଶେଷ କରିବା ପାଇଁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି ସେସୁ ପକ୍ଷରୁ କୁହାଯାଇଛି। ଫଳରେ ଅଧିକାଂଶ ଲୋକେ ଡିବିରି, ଲଣ୍ଠନ ଆଲୁଅରେ ରାତି କାଟୁଛନ୍ତି। ଅନ୍ଧାରର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି ଚୋରି କରୁଥିବା ଅଭିଯୋଗ ହୋଇଛି। ଏଥିସହ ଯୁବତୀ ଅସଦାଚରଣର ଭୟ ମଧ ରହିଛି। ଅନ୍ୟପକ୍ଷରେ ଗୁଳୁଗୁଳି ହେଉଥିବାରୁ ଲୋକେ ଛାତ ଉପରେ ଶୋଉଥିବାବେଳେ ଆଉ ଘର ଭାଙ୍ଗିଯାଇଥିବା ବ୍ୟକ୍ତି ଖୋଲା ଆକାଶ ତଳେ ରାତି କାଟୁଛନ୍ତି।

## ପାଲ, ଖାଦ୍ୟ ଯୋଗାଇବା ପାଇଁ ଦାବି

ଫନୀ ପ୍ରଭାବରେ କଣ୍ଟାପଡା ପଞ୍ଚାୟତରେ ଅନେକ ଲୋକଙ୍କ ଚାଳ ଓ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ଫଳରେ ବେସାହାରା ଲୋକମାନେ ବାତ୍ୟା ଆଶ୍ରୟ ସ୍ଥଳରେ ଆଶ୍ରୟ ନେଇଛନ୍ତି। ବାତ୍ୟା ବେଳେ ସବୁ ସୁବିଧା ଯୋଗାଇ ଦିଆଯିବା ସହ ରନ୍ଧାଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆଯିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଏହି ବ୍ୟବସ୍ଥା କରା ନ ଯିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଗ୍ରାମବାସୀ କଣ୍ଟାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ତୁରନ୍ତ ଖାଦ୍ୟ, ପାନୀୟ ସହ ଗୋରୁ ରହିବା ପାଇଁ ଜରି ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ସ୍ଥାନୀୟ ସରପଞ୍ଚ ଓ ବିଡିଓ ପହଞ୍ଚି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ହୋଇଥିଲେ।






# ରୋଗୀସେବା ବିପର୍ଯ୍ୟସ୍ତ

## ଇଲେକ୍ଟ୍ରିସିଟି ବିନା ସେବା ଯୋଗାଇବା କଷ୍ଟସାଧ

୪୮ ଘଣ୍ଟା ଧରି ଜେନେରେଟର ଚାଲିବା ପରେ ସେଗୁଡ଼ିକୁ କିଛି ସମୟ ଲାଗି ବନ୍ଦ କରିଦିଆଯାଇଛି। ପର୍ଯ୍ୟାପ୍ତ ଡିଜେଲ ଓ ଜେନେରେଟର ଥିଲେ ମଧ ସେଥିରେ ସେବା ଯୋଗାଇବା ସମ୍ଭବପର ନୁହେଁ। ବିନା ଇଲେକ୍ଟ୍ରିସିଟିରେ ରୋଗୀଙ୍କୁ ସେବା ଯୋଗାଇବା କଷ୍ଟସାଧ। ରୋଗୀଙ୍କୁ ପର୍ଯ୍ୟାପ୍ତ ସେବା ଯୋଗାଇବା ଲାଗି ହସ୍ପିଟାଲ କର୍ତ୍ତୃପକ୍ଷ ଚେଷ୍ଟା କରୁଛନ୍ତି, କିନ୍ତୁ ଆଖପାଖ ବସ୍ତି ଲୋକଙ୍କ ଅବାଧ ପ୍ରବେଶ ଫଳରେ ପାନୀୟ ଜଳ ଯୋଗାଇବା ଏକପ୍ରକାର ବନ୍ଦ ହୋଇପଡ଼ିଛି। ପାଣି ଓ ବିଦ୍ୟୁତ୍ ସେବା ସ୍ୱାଭାବିକ ନ ହେବା ଯାଏ ଏପରି ଅସୁବିଧା ଲାଗି ରହିବା।

**- ଅଶୋକ କୁମାର ପଟ୍ଟନାୟକ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ**


ହସ୍ପିଟାଲରେ ରୋଗୀ ଓ ସମ୍ପର୍କୀୟଙ୍କ ଭିଡ଼।

- ମୋବାଇଲ୍ ଫୋନ୍ ଚାର୍ଜ କରିବାକୁ ବାହାର ଲୋକଙ୍କ ଗହଳି
- ପାନୀୟ ଜଳ ପାଇଁ ଡହଳବିକଳ, ରୋଗୀଙ୍କ ଖାଦ୍ୟର ଅଭାବ
- ସିଟିସ୍କାନ, ଡାୟାଲିସିସ୍, ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି ବିଭାଗ ବନ୍ଦ: ରୋଗୀ ସ୍ଥାନାନ୍ତର

**ସ୍ଥିତପ୍ରଜ୍ଞ ମିଶ୍ର**
**ଭୁବନେଶ୍ୱର,୬।୫**

‘ଫନୀ’ ପ୍ରଭାବରେ ରାଜଧାନୀବାସୀ ବିଶେଷ ପ୍ରଭାବିତ ହୋଇଥିବା ବେଳେ ବାତ୍ୟା ପରେ ଏବେ କ୍ୟାପିଟାଲ ହସ୍ପିଟାଲରେ ରୋଗୀସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ସେବା ବ୍ୟାହତ ହୋଇଥିବାରୁ ଗରମ, ଗୁଳୁଗୁଳିରେ ରୋଗୀମାନେ ସିଝୁଛନ୍ତି। ସେହିପରି ପିଇବା ପାଣି ଟୋପେ ପାଇଁ ସବୁଠି ଡହଳବିକଳ ସ୍ଥିତି। ଶନିବାର ଅପରାହ୍ଣରେ ହସ୍ପିଟାଲ ପମ୍ପ୍ ହାଉସ୍‌ରେ ବସ୍ତି ଲୋକମାନେ ପଶି ଗଣ୍ଡଗୋଳ, ମାରପିଟ ସହ ବ୍ୟାପକ ଭଙ୍ଗାରୁଜା କରିବା ଫଳରେ ଏହା ପରିସରରେ ଥିବା ଅନେକ ଟ୍ୟାପ୍ ଭାଙ୍ଗିଯାଇଛି। ଏଭଳି ଘଟଣା ପରେ ବର୍ତ୍ତମାନ ପମ୍ପ୍ ହାଉସ୍‌ରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି।


ହସ୍ପିଟାଲର ଜେନେରେଟର ବିଦ୍ୟୁତ୍‌ରେ ମୋବାଇଲ ଫୋନ୍ ଚାର୍ଜ କରାଯାଉଛି।

ସବୁଠାରୁ ବଡ଼ କଥା ହେଉଛି, ବାତ୍ୟା ପରେ ଏବେ କ୍ୟାପିଟାଲ ହସ୍ପିଟାଲରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଅପେକ୍ଷା ଅନ୍ୟ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି। କିଏ ଖାଦ୍ୟ ପାଇବା ଆଶାରେ ଆହାର କେନ୍ଦ୍ର ପାଖରୁ ବୁଲି ପଳାଉଛି ତ କିଏ ଏଟିଏମ୍ ଖୋଲାଥିବା ଆଶାରେ ଖୋଜିବାକୁ ଆସୁଛି। କିନ୍ତୁ ଅନେକ ଲୋକ ମୋବାଇଲ ଫୋନ୍ ଚାର୍ଜ କରିବାକୁ ଏଠାକୁ ଧାଇଁଆସୁଥିବା ଦେଖିବାକୁ ମିଳିଛି। ଅଧିକ ସଂଖ୍ୟକ ପ୍ଲଗ୍ ପଏଣ୍ଟ ନ ଥିବାରୁ ଘରୁ ଏକ୍ସଟର୍ନାଲ ଇଲେକ୍ଟ୍ରି ବୋର୍ଡ ଆଣି ଫୋନ୍ ଚାର୍ଜ କରୁଛନ୍ତି। ଏପରି କି, ଘରର ଅନ୍ୟ ସଦସ୍ୟଙ୍କ ମୋବାଇଲ୍ ଫୋନ୍, ପାୱାର ବ୍ୟାଙ୍କ୍, ବ୍ୟାଟେରି ଚାଳିତ ଛୋଟ ପଙ୍ଖା, ବ୍ୟାଟେରି ଚାଳିତ ଚାର୍ଜର ଆଦି ଆଣି ଏଠାରେ ଚାର୍ଜ କରିବାକୁ ଲମ୍ୱା ଲାଇନ୍ ଲଗାଉଛନ୍ତି। ଗୋଟିଏ ପ୍ଲଗ୍‌ରେ ପାଖାପାଖି ୧୦ରୁ ୧୫ଟି ମୋବାଇଲ ଫୋନ୍ ଚାର୍ଜ ହେଉଥିବାର ଦୃଶ୍ୟ ହସ୍ପିଟାଲ ପରିସରରେ ଦେଖିବାକୁ ମିଳୁଛି।

ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହସ୍ପିଟାଲ ପରିସରରେ ଲାଗିଥିବା ଟ୍ୟାପ୍‌ଗୁଡ଼ିକରେ ଦିନକୁ ମାତ୍ର ଦୁଇଥର ପାଣି ଆସୁଛି। ତେଣୁ ପାଣି ନେବାକୁ ରୋଗୀଙ୍କ ସହାୟକ ଓ ବସ୍ତିବାସିନ୍ଦାମାନଙ୍କ ଅସମ୍ଭବ ଭିଡ଼ ଲାଗି ରହୁଛି। ସେପଟେ ହସ୍ପିଟାଲରେ ରୋଗୀଙ୍କୁ ଉପଯୁକ୍ତ ଖାଦ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଶିଶୁ ବିଭାଗରେ ଚିକିତ୍ସାଧୀନ ଥିବା ଜଣେ ଶିଶୁଙ୍କ ବାପା କହିଛନ୍ତି, ୧୨ରୁ ୧୩ଦିନ ହେବ ତାଙ୍କ ପୁଅ ଏଠାରେ ଚିକିତ୍ସିତ ହେଉଛି। ହେଲେ ଗତ ଦୁଇଦିନ ହେବ ଖାଦ୍ୟ ଦେବାରେ ଅବହେଳା କରାଯାଉଛି। ପୂର୍ବରୁ କ୍ଷୀର ସହ ଅନ୍ୟ ଖାଦ୍ୟ ସାମଗ୍ରୀ ଦିଆଯାଉଥିଲା। କିନ୍ତୁ ଏବେ କେବଳ ସୁଜି ଦିଆଯାଉଛି। ରୋଗୀଙ୍କୁ ଖାଦ୍ୟ ଦେବାରେ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି ଓ ଉପଯୁକ୍ତ ଖାଦ୍ୟ ଯୋଗାଉ ନ ଥିବା ସେ ଅଭିଯୋଗ କରିଛନ୍ତି।

### ଜେନେରେଟର ଅଛି, ବିଦ୍ୟୁତ୍ ନାହିଁ

ହସ୍ପିଟାଲ ପରିସରରେ ମୋଟ ୮ଟି ଜେନେରେଟର ଲଗାଯାଇଥିବା ବେଳେ ତାହା କିନ୍ତୁ ବିଦ୍ୟୁତ୍ ଯୋଗାଇବାରେ ଫେଲ୍ ମାରିଛି। ଅଳ୍ପ କିଛି ସମୟ ଚାଲିବା ପରେ ସେଗୁଡ଼ିକ ଆପେ ଆପେ ବନ୍ଦ ହୋଇଯାଉଛି। ବିଦ୍ୟୁତ୍ ସେବା ଯୋଗାଇ ଦେବା ଲାଗି ପର୍ଯ୍ୟାପ୍ତ ଜେନେରେଟର ଓ ଡିଜେଲ ଉପଲବ୍ଧ ରହିଥିଲେ ମଧ କିଛି ଲାଭ ମିଳୁନି। କେବଳ ଆଶୁ ଚିକିତ୍ସା ଓ ନାମ ପଞ୍ଜୀକରଣ କେନ୍ଦ୍ରରେ ସର୍ବଦା ବିଜୁଳି ଉପଲବ୍ଧ ରହୁଛି। ବାକି ଅନ୍ୟାନ୍ୟ ୱାର୍ଡ ଓ କ୍ୟାବିନ୍‌ଗୁଡ଼ିକରେ ରୋଗୀ ଗରମରେ ଛଟପଟ ହେଉଛନ୍ତି। ହସ୍ପିଟାଲର ନିଜସ୍ୱ ୫ଟି ଜେନେରେଟର ରହିଥିବା ସତ୍ତ୍ୱେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ଗୋଟିଏ ଲେଖାଏ ଜେନେରେଟର ଯୋଗାଇ ଦିଆଯାଇଥିଲା। ଏହା ପରେ ବି ବିଦ୍ୟୁତ୍ ସେବା ମିଳିପାରୁନାହିଁ। ଆବଶ୍ୟକ ପରିମାଣର ବିଦ୍ୟୁତ୍ ସେବା ମିଳୁ ନ ଥିବାରୁ ଶୀତତାପ ନିୟନ୍ତ୍ରିତ କ୍ୟାବିନ୍‌ରେ ଥିବା ରୋଗୀ ଏବଂ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାସହିତ ଅଧିକ ବିଜୁଳିର ଆବଶ୍ୟକତା ଥିବା ବିଭାଗ ଯଥା ସିଟିସ୍କାନ, ଡାୟାଲିସିସ୍, ଅଲଟ୍ରାସାଉଣ୍ଡ ଓ ଏଣ୍ଡୋସ୍କୋପିକୁ ବନ୍ଦ କରିଦିଆଯାଇଛି।





### ଭରୁଜି ଆବର୍ଜନା

ହସ୍ପିଟାଲର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନାଗୁଡ଼ିକ ପଡ଼ିରହି ପରିବେଶକୁ ଦୂଷିତ କରୁଛି। ଏଠାରେ ନିୟୋଜିତ ସଫେଇ କର୍ମଚାରୀମାନଙ୍କ ମନମାନି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବାତ୍ୟା ପରଠୁ ଏହି ସମସ୍ୟା ଲାଗି ରହିଥିବା ବେଳେ ରବିବାର ସନ୍ଧ୍ୟା ସୁଦ୍ଧା କୌଣସି ବି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ରୋଗୀଙ୍କ ସମ୍ପର୍କୀୟମାନେ ଏ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ହସ୍ପିଟାଲ ପରିସରକୁ ଏକ ସୁସ୍ଥ ବାତାବରଣରେ ରଖିବା ଲାଗି ଦାବି କରିଛନ୍ତି।





ଭୁବନେଶ୍ୱର ସୈନିକ ସ୍କୁଲ ନିକଟ ନ୍ୟୁ ଗଭର୍ନମେଣ୍ଟ କଲୋନୀ ଓ ନୟାପଲ୍ଲୀ ବେହେରାସାହିରେ ଟ୍ୟାଙ୍କର ପାଣି ପାଇଁ ଲୋକଙ୍କ ଧାଡ଼ି।


ଘରେ ପାଣି ଅଭାବ ଥିବାରୁ ଲୋକେ ନନ୍ଦନକାନନ କାଞ୍ଜିଆ ହ୍ରଦରେ ଗାଧୋଉଛନ୍ତି।


ଭୁବନେଶ୍ୱର ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପରେ ଲୋକଙ୍କ ଭିଡ଼।

## ପାଣି ପାଇଁ ମାରପିଟ

ଭୁବନେଶ୍ୱର,୬।୫(ବ୍ୟୁରୋ): ବାତ୍ୟା ଫନୀ ପ୍ରଭାବରେ ରାଜଧାନୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଖାଦ୍ୟଠାରୁ ଆରମ୍ଭ କରି ପାନୀୟ ଜଳଯୋଗାଣରେ ଅନେକ ସମସ୍ୟା ଦେଖିବାକୁ ମିଳିଛି। ବିଶେଷକରି ପିଏଚ୍‌ଡି ପକ୍ଷରୁ ରାଜଧାନୀର ବିଭିନ୍ନ ବସ୍ତି ଓ ଗଳିକନ୍ଦିରେ ପାନୀୟଜଳ ଯୋଗାଇ ଦିଆଯାଉଛି। ପାଣି ନେବା ଲାଗି ବସ୍ତି ଅଞ୍ଚଳରେ ଲମ୍ୱା ଲାଇନ ଲାଗୁଛି। ଯାହାଫଳରେ ପ୍ରଥମେ ପାଣି ନେବା ଲାଗି ପରସ୍ପର ମଧରେ ମାରପିଟ ହେଉଛନ୍ତି। ଏ ଘଟଣା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବିଶେଷକରି ମାଳିସାହି ବସ୍ତି, ସାଲିଆସାହି ବସ୍ତି, ବେହେରାସାହି ବସ୍ତି ଓ ବାପୁଜୀନଗର ଅଞ୍ଚଳରେ ଥିବା ବସ୍ତିଗୁଡ଼ିକରେ ଲୋକଙ୍କ ନିଜ ନିଜ ମଧରେ ଏପରି ଝଗଡ଼ା ପାଟିତୁଣ୍ଡ ଦେଖିବାକୁ ମିଳିଛି। ବିଏମ୍‌ସି ପକ୍ଷରୁ ମଧ କେତେକ ସ୍ଥାନରେ ପାଣି ଯୋଗାଇ ଦିଆଯାଉଛି କିନ୍ତୁ ପାଣି ପର୍ଯ୍ୟାପ୍ତ ହେଉ ନ ଥିବା ବେଳେ ଏପରି ସ୍ଥିତି ଉପୁଜୁଛି ବୋଲି ଦେଖିବାକୁ ମିଳୁଛି।

## ନଦୀମୁହାଁ ରାଜଧାନୀବାସୀ

ଦିନେ ନଦୀପଠା ମାଡ଼ି ନ ଥିବା ସ୍ମାର୍ଟ ସିଟିବାସୀଙ୍କ ପାଇଁ ନଦୀ ଏବେ ବିପଦ ବେଳେ ସାହାହୋଇଛି। ପାଣିର ଘୋର୍ ଅଭାବ ଲୋକଙ୍କୁ ନଦୀରେ ଗାଧୋଇବାକୁ ବାଧ କରୁଛି। ଭୁବନେଶ୍ୱରରେ ଥିବା ପ୍ରମୁଖ ଜଳାଶୟଗୁଡ଼ିକରେ ବାତ୍ୟା ପରଠାରୁ ଭିଡ଼ ଦେଖିବାକୁ ମିଳୁଛି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଅଧାରୁ ଅଧିକ ଅଞ୍ଚଳରେ ଏବେ ଜଳସଙ୍କଟ ଦେଖାଦେଇଛି। ତେଣୁ ଶୌଚ ସହ ଗାଧୋଇବା ପାଇଁ ଲୋକେ ନଦୀ ଓ କେନାଲ ଉପରେ ନିର୍ଭର କରୁଛନ୍ତି। କୁଆଖାଇ, ଦୟାନଦୀ, କାଞ୍ଜିଆ ହ୍ରଦ, ବିନ୍ଦୁସାଗର, ଲକ୍ଷ୍ମୀସାଗର ବଡ଼ ପୋଖରୀ ସହ କେନାଲଗୁଡ଼ିକରେ ଗାଧୋଇବା ପାଇଁ ଭିଡ଼ ଜମୁଛି।

## ଟଙ୍କା ପାଇଁ ହନ୍ତସନ୍ତ

ଗୋଟିଏପଟେ ବାତ୍ୟା ସାଧାରଣ ଜନଜୀବନକୁ ପ୍ରଭାବିତ କରିଥିବା ବେଳେ ବାତ୍ୟାର ପରବର୍ତ୍ତୀ ସମୟରେ ତିଷ୍ଠିରହିବା ସାଧାରଣ ଲୋକଙ୍କ ପାଇଁ ବେଶ୍ କଷ୍ଟସାଧ ହୋଇପଡ଼ିଛି। ଖାଦ୍ୟ ଓ ପିଇବା ପାଣି ପାଇଁ ଲୋକେ ଡହଳବିକଳ ହେଉଥିବା ବେଳେ ସେପଟେ ପେଟ୍ରୋଲ ଓ ଟଙ୍କାର ଅଭାବ ଆହୁରି ମୁଣ୍ଡବ୍ୟଥା ସୃଷ୍ଟିକରିଛି। ବିଶେଷକରି ଭୁବନେଶ୍ୱରରେ ଏବେ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ବିଜୁଳି ନ ଥିବାରୁ ଅଧିକାଂଶ ଏଟିଏମ୍ ବନ୍ଦ ହୋଇପଡ଼ିଛି। କାଁ ଭାଁ ଅଞ୍ଚଳରେ ଗୋଟିଏ ଗୋଟିଏ ବ୍ୟାଙ୍କ୍‌ର ଏଟିଏମ୍ ଖୋଲିରହିଛି। ଫଳରେ ଲୋକେ ଟଙ୍କା ଉଠାଇବାକୁ ଲମ୍ୱାଧାଡ଼ିରେ ଛିଡ଼ାହେଉଛନ୍ତି। ଏପଟେ ବିଦ୍ୟୁତ୍ ନ ଥିବାରୁ ଛୋଟବଡ଼ ଦୋକାନରୁ ଆରମ୍ଭ କରି ବଡ଼ ରିଟେଲର୍ ଷ୍ଟୋର୍ ପର୍ଯ୍ୟନ୍ତ, କେଉଁଠାରେ ବି ପିଓଏସ୍ ମେଶିନ କାମ କରୁନି। ଫଳରେ ସମସ୍ତେ କ୍ୟାଶ୍ ଡିମାଣ୍ଡ କରୁଛନ୍ତି। ଏପଟେ ଟଙ୍କା ନ ଦେଲେ ପେଟ୍ରୋଲ୍ ପମ୍ପ୍‌ରେ ବି ପେଟ୍ରୋଲ୍ ମିଳୁନି। ଯେଉଁ କାଁ ଭାଁ ଏଟିଏମ୍ ଖୋଲାରହିଛି, ତାହା ବି ବିଜୁଳି ସଂଯୋଗ ନ ହେଲେ ଆଉ କେତେଦିନ ଖୋଲାରହିବ କାହାକୁ ଜଣାନାହିଁ। ତେଣୁ ଭୁବନେଶ୍ୱର ସହ ପୁରୀ, ଖୋର୍ଦ୍ଧା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଏକପ୍ରକାର ଟଙ୍କା ସଙ୍କଟ ସୃଷ୍ଟିହୋଇଛି।

## ବିଏମ୍‌ସି ମଲ୍ଟି କଣ୍ଟ୍ରୋଲ ରୁମ୍‌ରେ ୬୧୦ ଅଭିଯୋଗ

### ବିଦ୍ୟୁତ୍ ବିଭାଗର ଯୁଦ୍ଧକାଳୀନ କାର୍ଯ୍ୟ ଜାରି

ଭୁବନେଶ୍ୱର,୬।୫(ବ୍ୟୁରୋ)- ବାତ୍ୟା ଫନୀ ଲାଗି ମେ ୧ରୁ ବିଏମ୍‌ସି ମୁଖ୍ୟାଳୟରେ ଖୋଲାଯାଇଥିବା ବହୁମୁଖୀ ନିୟନ୍ତ୍ରଣ କକ୍ଷ(ମଲ୍ଟି କଣ୍ଟ୍ରୋଲରୁମ୍)ରେ ରବିବାର ସନ୍ଧ୍ୟା ସୁଦ୍ଧା ମୋଟ ୬୧୦ଟି ଅଭିଯୋଗ ହୋଇଛି। ଗତ ଦୁଇଦିନ ହେବ ମୁଖ୍ୟତଃ ଘର ଭାଙ୍ଗିବା, ରାସ୍ତା ଜାମ୍ ହେବା ଓ ପାଣି ସମସ୍ୟା ନେଇ ଅଧିକ ଅଭିଯୋଗ ହୋଇଥିବା ବେଳେ ରବିବାର ୩୬ଟି ସେସୁ ସମ୍ପର୍କୀୟ ଅଭିଯୋଗ ଆସିଛି। ରାସ୍ତା ସଫା କରିବା ଲାଗି ଏନ୍‌ଡିଆର୍‌ଏଫ୍‌ର ମୋଟ ୪୨୦ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଅଗ୍ନିଶମ ବିଭାଗର ୧୫୦ ଜଣ କର୍ମଚାରୀ ମଧ କାର୍ଯ୍ୟ ଜାରି ରଖିଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ସହର ପ୍ରମୁଖ ଅଞ୍ଚଳଗୁଡ଼ିକ ସହ ଆଖପାଖ ଅଞ୍ଚଳରେ ଗଛ କଟାଯିବା ପରେ ବିଦ୍ୟୁତ ତାର ଟାଣିବା ଓ ଖୁଣ୍ଟ ଉଠାଇବାରେ ସମସ୍ତ କର୍ମଚାରୀ ଲାଗିପଡ଼ିଛନ୍ତି। ସେହିପରି ଓପିଟିସିଏଲ ଓ ସେସୁର କର୍ମଚାରୀମାନେସହରର ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟ ତଦାରଖ କରୁଛନ୍ତି।






## ଆଶ୍ରୟସ୍ଥଳରେ ପହଞ୍ଚିପାରିଲାନି ରନ୍ଧାଖାଦ୍ୟ

**ବାଲିପାଟଣା,୬।୫(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକରେ ଯୋଗାଯୋଗ ଅଭାବରୁ ୧୭ଟି ପଞ୍ଚାୟତର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ପହଞ୍ଚିପାରିନାହିଁ। ଏହିସବୁ ଆଶ୍ରୟସ୍ଥଳରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଆଶ୍ରୟ ନେଇଛନ୍ତି। ଅଳ୍ପ କେତୋଟି ଆଶ୍ରୟସ୍ଥଳୀରେ ଗୋଟିଏ ଓଳି ଖାଦ୍ୟ ମିଳୁଥିବା ଜଣାପଡ଼ିଛି। ଭାକର ସାହି ପଞ୍ଚାୟତର କୁଶଭଦ୍ରା ଉଚ୍ଚ ବିଦ୍ୟାଳୟସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଜେନେରେଟର ଓ ରନ୍ଧାଖାଦ୍ୟ ରଖାଯାଇଥିବା ବେଳେ ତାହା ଦିଆଯାଉନାହିଁ ବୋଲି ସେକ୍ ସଲିମଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ବାତ୍ୟା ବିପନ୍ନ ଲୋକେ ଉପଜିଲାପାଳଙ୍କ ନିକଟରେ ରବିବାର ଅଭିଯୋଗ କରିଛନ୍ତି। ଏ ନେଇ ଉପଜିଲାପାଳ ଶୁଭେନ୍ଦୁ ସାହୁ ଆମେ ଖବର ପାଇ ନଥିବା କହିଥିଲେ। ସେହିପରି ନରିଶୋ ପଞ୍ଚାୟତର କଣ୍ଟାପଡ଼ା ଆଶ୍ରୟସ୍ଥଳରେ ଗୋଟିଏ ଦିନ ଦେଇ ଆଉ ରନ୍ଧାଖାଦ୍ୟ ନ ଦେବାରୁ ବାତ୍ୟାବିପନ୍ନ ଶାନ୍ତିଲତା ମଲିକ ଓ ମମତା ପାତ୍ର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବାତ୍ୟା ଯୋଗୁ ବାଲିପାଟଣା ବ୍ଲକର ବହୁ ଘରର ଚାଳ, ଛପର, ଟିଣ, ଆଜବେଷ୍ଟସ, କ୍ୟାବିନ ଓ ଗଛ ସବୁ ଭାଙ୍ଗିରୁଜି ମାଟିରେ ମିଶି ଯାଇଛି। ବାଲିପାଟଣା ବିଡିଓ ମିଳାଞ୍ଜଳି ଦାଶ କୁହନ୍ତି, ପ୍ରତି ବାତ୍ୟା ଆଶ୍ରୟସ୍ଥଳ ପାଇଁ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସରମାନେ ରହିଛନ୍ତି। କିନ୍ତୁ ଯୋଗାଯୋଗ ଅଭାବରୁ ସମସ୍ୟା ସମାଧାନ ହୋଇପାରିନାହିଁ। ଏନ୍‌ଡିଆର୍‌ଏଫ ଏବଂ ଓଡ୍ରାଫ୍ ଟିମ ରାସ୍ତା ସଫା କରିବାରେ ଲାଗିଛନ୍ତି। ଖୁବଶୀଘ୍ର ସମସ୍ୟା ଦୂର ହେବ।




ବାତ୍ୟାରେ ଭାଙ୍ଗିଯାଇଥିବା ଘରକୁ ଜଣେ ମହିଳା ସଜାଡୁଛନ୍ତି।


ବଳଗଣ୍ଡି ସାହିରେ ଟାୱାର ଭାଙ୍ଗି ତାର ଓହଳି ପଡ଼ିଛି।


ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ନିକଟରେ ବିପନ୍ନମାନେ ସମସ୍ୟା ଜଣାଉଛନ୍ତି।

## ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶାର ଚିତ୍ର

# ପୁରୀ ଜିଲାରେ ହାହାକାର

- ୧୧ ବ୍ଲକ୍‌ରେ ଫନୀ ରଚିଛି ତାଣ୍ଡବ ଲୀଳା
- ବେସରକାରୀ ଭାବେ ୮ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ
- ୫୦ହଜାରରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି
- ରବିବାର ପୁରୀରେ ପହଞ୍ଚିଲା ରିଲିଫ ଗାଡ଼ି

ହେମନ୍ତ ନାୟକ
ପୁରୀ ଅଫିସ,୬।୫

ବାତ୍ୟା 'ଫନୀ' ଚାଲିଯାଇଛି, ହେଲେ ପୁରୀ ଜିଲାରେ ଛାଡ଼ି ଯାଇଛି ପ୍ରଳୟର ପଦଚିହ୍ନ। ସମଗ୍ର ଜିଲାରେ ବାତ୍ୟା ବିଭୀଷିକାର କରୁଣ ଚିତ୍ର ଦେଖିବାକୁ ମିଳୁଛି। ପୁରୀ ସମେତ ବିଭିନ୍ନ ସହର ବଜାର, ବସ୍ତି ଓ ଗାଁଗଣ୍ଡା ଛାରଖାର ହୋଇଯାଇଛି। ଖାଇବା ପାଇଁ ଖାଦ୍ୟ ନାହିଁ କି ପିଇବା ପାଇଁ ପାଣି ନାହିଁ। ଅନେକଙ୍କ ଘର ନିଶ୍ଚିହ୍ନ ହୋଇଯାଇଥିବାବେଳେ ଭୋକ ଉପାସରେ ଆଉଟୁପାଉଟୁ ହେଉଛନ୍ତି ବିପନ୍ନ। ତିନିଦିନ ପରେ ବି ଅନେକ ଲୋକଙ୍କ ପାଖରେ ରିଲିଫ ପହଞ୍ଚି ପାରିନି। ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିବାବେଳେ ସବୁଠି ହାହାକାର ସ୍ଥିତି ଲାଗି ରହିଛି।

ଜିଲାର ୧୧ଟି ବ୍ଲକରେ ଫନୀ ରଚିଛି ତାଣ୍ଡବଲୀଳା। ବେସରକାରୀ ଭାବେ ପ୍ରାୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଯଦିଓ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ନାହିଁ ତଥାପି ୫୦ ହଜାରରୁ ଅଧିକ ଘର ଭାଙ୍ଗିଥିବା କୁହାଯାଉଛି। ଜିଲାର ବିଭିନ୍ନ ଅଞ୍ଚଳରେ ଘରକାନ୍ଥ ଏବଂ ଗଛଡାଳ ପଡ଼ି ୨୫ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ବେସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ବୋଲି ସୂଚନା ମିଳିଛି। ବିଭିନ୍ନ ବ୍ଲକରୁ ଜିଲା ସଦର ମହକୁମାକୁ ଯାତାୟାତ ସୁବିଧା ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇପାରି ନ ଥିବାରୁ ମୃତକଙ୍କ ସଂଖ୍ୟା ଓ ବର୍ତ୍ତମାନର ବାସ୍ତବ ଚିତ୍ର ପଦାକୁ ଆସିପାରିନି।ବିଦ୍ୟୁତ୍, ପାଣି, ଟେଲିଫୋନ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। କେହି କାହା ସହ ଯୋଗାଯୋଗ କରିପାରୁନାହାନ୍ତି। ଜିଲାରେ ଯେଉଁ ପରିମାଣରେ କ୍ଷୟକ୍ଷତି ହୋଇଛି ସେହି ପରିମାଣରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ କର୍ମଚାରୀ ନ ଥିବାରୁ ରାସ୍ତାଘାଟ ସଫାହେବାରେ ବିଳମ୍ବ ଘଟୁଛି। ତଥାପି ପ୍ରମୁଖ ରାସ୍ତାକୁ ପ୍ରାଥମିକତା ଦିଆଯାଇ ସଫା କରାଯାଇଥିବାରୁ ରବିବାର ରିଲିଫ ଗାଡ଼ି ପୁରୀରେ ପହଞ୍ଚିପାରିଛି।

### ଜୋରଦାର ହେଲା ପୁନରୁଦ୍ଧାର କାର୍ଯ୍ୟ

ପୁରୀ ଜିଲାରେ ପୁନରୁଦ୍ଧାର କାମକୁ ତ୍ୱରାନ୍ୱିତ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ବ୍ୟବସ୍ଥାକୁ ସଜାଡିବା ଲାଗି ଓପିଜିସି ଏବଂ ସେସୁର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଓପିଜିସିର ଏମ୍‌ଡି ଏବଂ ସେସୁର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରାଯିବ। ପ୍ରଥମେ ଭୁବନେଶ୍ୱର-ପୁରୀ ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ କରାଯିବ। ଗ୍ରୀଡ୍‌କୁ ବିଦ୍ୟୁତ୍ ସଂଯୋଗ ପରେ ବଡ଼ଦାଣ୍ଡକୁ ପ୍ରଥମେ ପ୍ରାଥମିକତା ଭିତ୍ତିରେ ବିଦ୍ୟୁତ୍ ଯୋଗାଣ ହେବ। ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେବ ବୋଲି ନିଷ୍ପତ୍ତି ହୋଇଛି। ତେବେ ବର୍ତ୍ତମାନର ସ୍ଥିତି ଯାହା ରହିଛି ଏସବୁ କାର୍ଯ୍ୟ ପାଇଁ ପ୍ରାୟ ୧୦ ଦିନରୁ ଊର୍ଦ୍ଧ୍ୱ ଲାଗିଯିବ ବୋଲି ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ସେହିପରି ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବ୍ରହ୍ମପୁର ମହାନଗର ନିଗମର ୮୦ କର୍ମଚାରୀ ପୁରୀ ଆସିଥିବା ଜଣାପଡ଼ିଛି।

### ୧୫ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧା ଖାଦ୍ୟ

ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବିପନ୍ନଙ୍କ ପାଖରେ ଖାଦ୍ୟ ଏବଂ ପାଣି ପହଞ୍ଚାଇବା ପ୍ରଥମ ଲକ୍ଷ୍ୟ ରହିଛି। ରବିବାର ବିଭିନ୍ନ ଅଞ୍ଚଳକୁ ରିଲିଫ ପଠାଯାଇଛି। ପର୍ଯ୍ୟାପ୍ତ ପଲିଥିନ ଆସିଛି। ଅନେକ କ୍ଷତିଗ୍ରସ୍ତଙ୍କୁ ଏହା ଯୋଗାଇ ଦିଆଯାଇଛି। ପର୍ଯ୍ୟାୟକ୍ରମେ ଏହା ଲୋକଙ୍କୁ ବଣ୍ଟନ କରାଯିବ। ୧୫ ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧା ଖାଦ୍ୟ ଦିଆଯିବ। ଏତଦ୍‌ବ୍ୟତୀତ ରିଲିଫ ପୁଡ଼ିଆ ମଧ୍ୟ ମିଳିବ। କାର୍ଡ ଥିବା ପରିବାରକୁ ୫୦ କିଗ୍ରା ଚାଉଳ, ୨.୫ ଲିଟର କିରୋସିନ ମଧ୍ୟ ଯୋଗାଇ ଦିଆଯିବ। ଏହି ସମୟରେ ଲୋକେ ଧୈର୍ଯ୍ୟ ଧରି ପ୍ରଶାସନକୁ ସହଯୋଗ କଲେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି, ପ୍ରତ୍ୟେକ ଲୋକ କିପରି ପାଣି ପାଇବେ ସେଥିଲାଗି ବ୍ୟବସ୍ଥା ହୋଇଛି। ଜେନେରେଟର ସାହାଯ୍ୟରେ ଅନେକ ଅଞ୍ଚଳକୁ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରାଯାଇଛି। ବିଭିନ୍ନ ଅଞ୍ଚଳକୁ ସିନ୍‌ଟେକ୍ସ ଟ୍ୟାଙ୍କର ଯୋଗେ ପାଣି ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ରବିବାରଠାରୁ ଏହାର ଆରମ୍ଭ ହୋଇଛି। ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଲାଗି କାମ ଆରମ୍ଭ ହୋଇଯାଇଛି ବୋଲି ସେ କହିଛନ୍ତି।

## ପାଣି ପାଇଁ ରାସ୍ତାକୁ ଓହ୍ଲାଇଲେ ବିପନ୍ନ

ପୁରୀ ସହର ଓ ଜିଲାରେ ଗତ ୨ ତାରିଖ ରାତିରୁ ବିଦ୍ୟୁତ୍ ନାହିଁ। ଫଳରେ ଜଳଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଲୋକେ ପାଣି ପାଇଁ ତହଲ ବିକଳ ହେଉଛନ୍ତି। ସହରର ଅଳ୍ପ କେତେକ ଅଞ୍ଚଳକୁ ପାଇପ ଜଳ ଯୋଗାଣ ସ୍ୱାଭାବିକ ହୋଇଛି। କିନ୍ତୁ ବହୁ ୱାର୍ଡ ଏବଂ ବିଭିନ୍ନ ବସ୍ତିକୁ ଜଳଯୋଗାଣ ହୋଇପାରି ନାହିଁ। ଖାଦ୍ୟ ଅପେକ୍ଷା ଲୋକେ ପାଣିକୁ ଅଧିକ ଚାହିଁ ରହିଛନ୍ତି। ପାଣି ପାଇଁ ଲୋକେ ରାସ୍ତାକୁ ଆସି ଆନ୍ଦୋଳନ କରିଛନ୍ତି। ରବିବାର ପ୍ରଶାସନ ପକ୍ଷରୁ ସିଣ୍ଟେକ୍ସ ଯୋଗେ କେତେକ ଅଞ୍ଚଳକୁ ଜଳ ଯୋଗାଇ ଦିଆଯାଇଛି। କିନ୍ତୁ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପାଣି ଆଣି ଆସିଥିବା ଗାଡି ପଛରେ ହାଣ୍ଡି, ବାଲ୍‌ଟି ଧରି ଧାଉଁଛନ୍ତି। ଯେଉଁଠି ଗାଡି ରହୁଛି ସେଠାରେ ଧାଡି ଲମ୍ବାଇ ପାଣି ନେଉଛନ୍ତି। ପାଣି ନେବା ପାଇଁ ବି କେତେକ ସ୍ଥାନରେ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଛି। ରବିବାର ସକାଳେ ଦଣ୍ଡତୋଟା ଅଞ୍ଚଳକୁ ଗୋଟିଏ ସିଣ୍ଟେକ୍ସରେ ପାଣି ଆସିଥିଲା। ବିଜୟ ମହାନ୍ତି ଲନ୍ ମୁଣ୍ଡରେ ଏହା ଛିଡା ହୋଇଥିବାବେଳେ ଲୋକେ ଧାଡି ଲଗାଇଥିଲେ। ମାତ୍ର ୧୦ରୁ ୧୫ ମିନିଟ୍ ମଧ୍ୟରେ ସରିଯିବାରୁ ଅନେକ ଲୋକେ ପାଣି ନ ପାଇ ଫେରିଥିଲେ। ପରିସ୍ଥିତି ଏପରି ହୋଇଛି ରବିବାର ରିଲିଫ, ପାଣି ପାଇଁ ସହରର ବିଭିନ୍ନ ସ୍ଥାନରେ ଲୋକେ ରାସ୍ତାରୋକୋ କରିଛନ୍ତି। ଅଠରନଳାଠାରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବାବେଳେ ସୁବାସ ବୋଷ ଛକ, ପେଣ୍ଟକଟା, ୱାଇଲ୍ଡ ଗ୍ରାସ୍ ନିକଟ ଆଦି ସ୍ଥାନରେ ଗଛଡାଳ ପକାଇ ଲୋକେ ରିଲିଫ ଏବଂ ପାଣି ପାଇଁ ଦାବି କରିଥିଲେ। ପ୍ରଶାସନିକ ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ବିଭିନ୍ନ ବସ୍ତିକୁ ଅଗ୍ରାଧିକାର ଭିତ୍ତିରେ ଖାଦ୍ୟ ଏବଂ ପାଣି ବ୍ୟବସ୍ଥା କରାଯାଉଛି ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିଲା। ଅନ୍ୟପକ୍ଷରେ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ଏବଂ ପାଣି ଯୋଗାଣ ପାଇଁ ଦାବି କରିଥିଲେ। ଶାସନ ଦାମୋଦରପୁର, ମୁକୁନ୍ଦ ମିଶ୍ର ନଗର, ଚାରିନଳା, ପେଣ୍ଟକଟା ଆଦି ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜ ନିଜ ଅଞ୍ଚଳର ଅଭାବ ଅସୁବିଧା କହିଥିଲେ। ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେଶ ମହାପାତ୍ର, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ଲୋକମାନଙ୍କଠାରୁ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ଅଞ୍ଚଳକୁ କିପରି ପ୍ରାଥମିକତା ଭିତ୍ତିରେ ରିଲିଫ, ପାଣି ବ୍ୟବସ୍ଥା ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ।


ଅଠରନଳାଠାରେ ରାସ୍ତା ଅବରୋଧ କରାଯାଇଛି। (**ଫଟୋ:** ଅନୀଲ ସାହୁ, ଯଜ୍ଞେଶ୍ୱର ମହାନ୍ତି)

## ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ଶ୍ରୀହୀନ

ବାତ୍ୟା ପ୍ରଭାବରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ୨୦୧୫ ନବକଳେବର ସମୟରେ ୨୦କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ୭ମହଲା ବିଶିଷ୍ଟ ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମ୍‌ସିଏଚ) କ୍ଷତିଗ୍ରସ୍ତ ହୋଇଛି। ଚାରିପଟ ଝରକା, ଶିଲିଂ ପଙ୍ଖା ଭାଙ୍ଗିପଡ଼ିଛି। ବିଦ୍ୟୁତ ତାର ଛିଣ୍ଡି ଓହଳିଛି। ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ଲିଫ୍ଟ ଅଚଳ ରହିଛି। ଫଳରେ ଗର୍ଭବତୀ ମହିଳା ଶିଡ଼ି ଚଢି ଯାତାୟତ କରୁଛନ୍ତି। ମେଡିକାଲ ପରିସରରେ ଥିବା ବଡ଼ବଡ଼ ଗଛ ଭାଙ୍ଗିପଡ଼ିଛି। ଓପିଡି ଟିକେଟ କାଉଣ୍ଟର ଆଜବେଷ୍ଟସର ଶେଡ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ବିଦ୍ୟୁତ ନ ଥିବାରୁ ରୋଗୀ ଗରମରେ ସିଝୁଛନ୍ତି। ସେହିପରି ପାଣି ପାଇଁ ତହଳବିକଳ ହେଉଛନ୍ତି। ପୁରୁଣା ଶଯ୍ୟା ନଷ୍ଟ ହୋଇଯାଇଛି। ବିଭିନ୍ନ ୱାର୍ଡରେ ବର୍ଷାଜଳ ଜମିରହିଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏମ୍‌ଆର୍‌ଆଇ ନିକଟରେ ଏକ ବଡ ଗଛ ପଡ଼ିରହିଛି। ବର୍ତ୍ତମାନ ସୁଦ୍ଧା ଏହାକୁ କଟାଯାଇ ନ ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି।



## ଅଧିକ ଓଡ୍ରାଫ, ଏନ୍‌ଡିଆରଏଫ୍ ମଗାଗଲା

ପୁରୀ ଅଫିସ,୬।୫: ବାତ୍ୟା ଫନୀ ପୁରୀ ଜିଲାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଜିଲାର ୧୧ଟି ବ୍ଲକ କ୍ଷତିଗ୍ରସ୍ତ ହୋଇଛି। ପୁନରୁଦ୍ଧାର କାର୍ଯ୍ୟରେ ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଅଧିକ ସଂଖ୍ୟକ ଓଡ୍ରାଫ୍ ଏବଂ ଏନ୍‌ଡିଆରଏଫ୍ ଟିମ୍ ମଗାଇଛି। ୪ଟି ଏନ୍‌ଡିଆରଏଫ୍ ଟିମ୍ ଏବଂ ୫ ଓଡ୍ରାଫ୍ ଟିମ୍ ପୁଣି ମଗାଯାଇଥିବାବେଳେ ଏମାନେ ସୋମବାରଠାରୁ କାର୍ଯ୍ୟ ଆରମ୍ଭ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟୁତ୍ ମରାମତି କରୁଛନ୍ତି ଆନ୍ଧ୍ର କର୍ମଚାରୀ

ବାତ୍ୟାରେ ପୁରୀ ସହରରେ ଶତାଧିକ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି। ଅନେକ ସ୍ଥାନରେ ଖୁଣ୍ଟଗୁଡ଼ିକ ବଙ୍କିଯାଇ ପଡ଼ିରହିଛି। ବିଦ୍ୟୁତ ଲାଇନ ମରାମତି କାର୍ଯ୍ୟରେ ଆନ୍ଧ୍ରପ୍ରଦେଶ ବିଦ୍ୟୁତ ବିଭାଗର କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ବିଦ୍ୟୁତ ତାର ଓ ବଙ୍କା ଖୁଣ୍ଟ ମରାମତି କରୁଥିବା ଦେଖିବାକୁ ମିଳିଛି।

## ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ଅଗ୍ନିଶମ ବାହିନୀ

ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଛନ୍ତି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ଅଗ୍ନିଶମ ବାହିନୀ। ବାତ୍ୟାରେ ପୁରୀ ସମେତ ପୁରୀ-ଭୁବନେଶ୍ୱର, ପୁରୀ-ସାତପଡ଼ା ଓ ପୁରୀ-କୋଣାର୍କ ଜାତୀୟ ରାଜପଥରେ ଶତାଧିକ ଗଛ ଉପୁଡ଼ି ପଡିଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ଅଗ୍ନିଶମ ବାହିନୀର କର୍ମଚାରୀମାନେ ଗଛଗୁଡ଼ିକୁ କାଟି ସଫା କରିଛନ୍ତି। ଫଳରେ ରବିବାରଠାରୁ ଯାତାୟାତ ସ୍ୱାଭାବିକ ହୋଇଛି। ସେହିପରି ମେଡିକାଲ ପରିସରରେ ପଡ଼ି ରହିଥିବା ଗଛ କଟାଯାଇ ପରିସ୍ଥିତି ସ୍ୱାଭାବିକ କରାଯିବାକୁ ଉଦ୍ୟମ ଜାରି ରହିଛି।


ପାଣି ପାଇଁ ଲୋକେ ଟ୍ୟାଙ୍କର ନିକଟରେ ଭିଡ଼ ଜମାଇଛନ୍ତି।


ମାଉସୀ ମା' ମନ୍ଦିର ସମ୍ମୁଖରେ ଖୁଣ୍ଟ ଓ ଗଛ ଭାଙ୍ଗିପଡ଼ିଛି।


ବ୍ରହ୍ମଗିରି ରେବଣା ନୂଆଗାଁ ଆଶ୍ରୟସ୍ଥଳୀରେ ବିପନ୍ନମାନଙ୍କୁ ଖାଦ୍ୟ ପରଷା ଯାଉଛି।

# କୋଣାର୍କ, ଚନ୍ଦ୍ରଭାଗା ଉପକୂଳ ନିଶ୍ଚିହ୍ନ



ଭୁବନେଶ୍ୱର,୬।୫(ବ୍ୟୁରୋ)

■ମେରାଇନ୍‌ରେ ବାଲିଚର
■ନୋଳିଆ ସାହି ଅବସ୍ଥା ବିପନ୍ନ
■ଓଲଟି ପଡ଼ିଛି ଡଙ୍ଗା, ଶଙ୍ଖମାଳି ବ୍ୟବସାୟୀ ହତାଶ

ଓଡ଼ିଶା ପର୍ଯ୍ୟଟନର କୋଣାର୍କ ଏକ ଅଭିନ୍ନ ଅଙ୍ଗ। କୋଣାର୍କର ସୂର୍ଯ୍ୟମନ୍ଦିର ହିଁ ସ୍ଥାନୀୟ ଓ ଏହାର ଆଖପାଖ ଅଞ୍ଚଳ ଲୋକଙ୍କ ଆୟପନ୍ଥୀ। ନିକଟସ୍ଥ ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଶୁକ୍ରବାର ହୋଇଥିବା ସାମୁଦ୍ରିକ ଝଡ଼ ଫନୀ ଚନ୍ଦ୍ରଭାଗା ବେଳାଭୂମି, ରାମଚଣ୍ଡୀ ମନ୍ଦିର ନିକଟସ୍ଥ ଅଞ୍ଚଳର ପ୍ରଭୂତ କ୍ଷତିସାଧନ କରିଛି। ଚନ୍ଦ୍ରଭାଗାକୁ ଲାଗି କରି ରହିଥିବା ବାଲୁଖଣ୍ଡ ବନାଞ୍ଚଳ ନିକଟରେ ଫନୀ ଲ୍ୟାଣ୍ଡଫଲ୍ ହୋଇଥିବାରୁ ଏହା ସର୍ବାଧିକ ପ୍ରଭାବିତ ହୋଇଛି।

ଚନ୍ଦ୍ରଭାଗାକୁ ଲାଗି ରହିଥିବା ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରାସ୍ତାରେ ୧ରୁ ୧.୫ ମିଟର ପର୍ଯ୍ୟନ୍ତ ଉଚ୍ଚରେ ବାଲି ମାଡ଼ିଯାଇଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅସ୍ଥାୟୀ ଦୋକାନ ହୋଇଥିବା ସ୍ଥାନଗୁଡ଼ିକ ନାହିଁ କହିଲେ ଚଳେ। ସମୁଦ୍ର ନିକଟସ୍ଥ ନୋଳିଆ ସାହି ମଧ୍ୟ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ବାଉଁଶ, ଛଣଛପର ଘର କ୍ଷତିଗ୍ରସ୍ତ ହୋଇଛି। ଚନ୍ଦ୍ରଭାଗା କୂଳରେ ରଖାଯାଇଥିବା ଅନେକ ଡଙ୍ଗା ଓଲଟି ପଡିବା ସହ ବାଲିରେ ଭର୍ତ୍ତି ହୋଇଯାଇଛି। କୋଣାର୍କ ବଜାରର କୌଣସି କ୍ୟାବିନ, ଚାଳଘର ଏବଂ ଅସ୍ଥାୟୀ ଦୋକାନ ସୁରକ୍ଷିତ ନାହିଁ। ବଜାରର ପ୍ରାୟ ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ୪ ଦିନ ହେବ ବନ୍ଦ ରହିଛି। ପାନୀୟ ଜଳ ସୁବିଧା ନଳକୂପ ଏବଂ କୂଅ ଦ୍ୱାରା ସମ୍ଭବ ହୋଇପାରିଛି। ସବୁ ହୋଟେଲ ବନ୍ଦ ରହିଥିବାବେଳେ ପର୍ଯ୍ୟଟକଙ୍କୁ ଆଗୁଆ ଖାଲି କରାଯାଇଥିଲା। ପର୍ଯ୍ୟଟନ ଉପରେ ସିଧା ନିର୍ଭରଶୀଳ ଥିବା ଦୋକାନୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସୂର୍ଯ୍ୟମନ୍ଦିର ପ୍ରବେଶ ପଥର ଦୁଇପଟେ ଶଙ୍ଖ, ମାଳି, ଶାମୁକା ଦୋକାନ ସମ୍ପୂର୍ଣ୍ଣରୂପେ କ୍ଷତିଗ୍ରସ୍ତ ହୋଇଛି। ଧୂଳି ଉଡ଼ିବା ଦ୍ୱାରା ସୂର୍ଯ୍ୟମନ୍ଦିର ୨୦ରୁ ୨୫ ମିଟର ବ୍ୟବଧାନରୁ ଭଲ ଦେଖାଯାଉନାହିଁ। ସବୁ କିଛି ନିଶ୍ଚିହ୍ନ ହୋଇଯାଇଥିବାରୁ ସେଠାରେ ସିକ୍ୟୁରିଟି ଗାର୍ଡଙ୍କ ବ୍ୟତୀତ କାହାରିକୁ ଦେଖିବାକୁ ମିଳିନାହିଁ। ସ୍ଥାନୀୟ ଯୁବକ ସ୍ମୃତି ରଞ୍ଜନଙ୍କ କହିବାନୁଯାୟୀ ଘର ଭାଙ୍ଗିଗଲେ କିମ୍ବା ଫସଲ ଉଜୁଡ଼ିଗଲେ ସରକାର କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିପାରିବେ। ହେଲେ ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଜୀବିକା ଉପାର୍ଜନରୁ ବଞ୍ଚିତ ହୋଇଥାଆନ୍ତି। ସେମାନଙ୍କର ମଧ୍ୟ ପରିବାର ରହିଛି, ତେଣୁ ସେହି କ୍ଷତିର ଭରଣା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଓଡ଼ିଶା ଉପକୂଳ ବାତ୍ୟାପ୍ରବଣ ହୋଇଥିବାରୁ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିବିଶେଷଙ୍କୁ ସହାୟତା ମିଳିବାର ଆବଶ୍ୟକତା ରହିଛି। ପୁରୀ-କୋଣାର୍କ ରାସ୍ତାରେ ବିଦ୍ୟୁତ ଟାୱାର ଏବଂ ଗଛ ଭାଙ୍ଗି ପଡି ରହିଥିବାରୁ ବଡ଼ଗାଡି ଯିବା ଆସିବା କରୁନାହିଁ। କୌଣସିମତେ ଦୁଇ ଚକିଆ ଗାଡି ଯିବାଆସିବା କରୁଛି। ଏଯାବତ ପ୍ରଶାସନ ପକ୍ଷରୁ ରାସ୍ତାରୁ ସମ୍ପୂର୍ଣ୍ଣ ଭାବେ ବାଲି କଢାଯାଇନାହିଁ, କିଛି ବଡ଼ ଗଛ କଟାଯାଇଛି, ହେଲେ ଏବେବି ଅନେକ ଗଛ ଏବଂ ବିଦ୍ୟୁତ ଖୁଣ୍ଟ ପଡିରହିଛି।

ରିପୋର୍ଟ- ଚିଦାନନ୍ଦ ଜେନା

## ବିଦ୍ୟୁତ ସେବା ସର୍ବାଧିକ କ୍ଷତିଗ୍ରସ୍ତ

କୋଣାର୍କ, ନିମାପଡ଼ା, ଗୋପ, କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ସେବା ନାହିଁ। ପିପିଲିରୁ ନିମାପଡ଼ା, କାକଟପୁରରୁ ଗୋପ, ଗୋପରୁ କୋଣାର୍କ ଏବଂ ଅଧିକାଂଶ ଆଭ୍ୟନ୍ତରରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। କେବଳ ଅସ୍ତରଙ୍ଗ ପଟେ ପବନର ପ୍ରଭାବ ସାମାନ୍ୟ କମ୍ ଥିବାରୁ ବିଦ୍ୟୁତ୍ ଖୁଣ୍ଟ ଅନ୍ୟ ଅଞ୍ଚଳ ଭଳି ଭାଙ୍ଗିନାହିଁ। ହେଲେ କୋଣାର୍କ ଏନ୍ଏସି ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ବହୁଳ ବିପର୍ଯ୍ୟସ୍ତ ହୋଇଛି। ଦୀଘାଳ ନିକଟସ୍ଥ ଗ୍ରୀଡ୍‌ରେ କାମଚଳା ବିଦ୍ୟୁତ ସଂଯୋଗ ରହିଛି। ଗ୍ରୀଡ୍‌ଷ୍ଟେଶନର ଭିତ୍ତିଭୂମି ଏତେଟା କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ପାଚେରି ଭାଙ୍ଗିଯାଇଛି। ଗୋପ, ନିମାପଡ଼ା ବଜାରର ଛାଳ ଛପର, ସମସ୍ତ କ୍ୟାବିନ, ଜଳଖିଆ ଦୋକାନ ଏବଂ ଫଳ ଦୋକାନ ଧ୍ୱଂସ ପାଇଛି। ବିଦ୍ୟୁତ୍ ଖୁଣ୍ଟ ବଙ୍କା ହୋଇ ଯାଇଥିବାବେଳେ ଅନେକ ଛୋଟ ଛୋଟ ଟ୍ରାନ୍ସଫର୍ମର ଭାଙ୍ଗି ପଡ଼ିଛି। ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଏବେ ବି ତଳେ ପଡିରହିଛି। ଜାତୀୟ ରାଜପଥଗୁଡ଼ିକରୁ କୌଣସିମତେ ତାର ହଟାଯିବାକୁ ଚେଷ୍ଟା କରାଯାଉଛି। ହେଲେ ରାଜ୍ୟ ରାଜପଥ, ପୁରୀ ଗ୍ରାମାଞ୍ଚଳ ଏବଂ ଧାନକ୍ଷେତ ଦେଇଯାଇଥିବା ଖୁଣ୍ଟ ସେମିତି ପଡିରହିଛି। ଖୋଦ୍ ରାଜଧାନୀ ଭୁବନେଶ୍ୱରର ବିଦ୍ୟୁତ୍ ବ୍ୟବସ୍ଥା ସଙ୍ଗିନ ହୋଇଥିବା ବେଳେ ଏହିସବୁ ଅଞ୍ଚଳରେ ସେବା ସ୍ୱାଭାବିକ ହେବା ପାଇଁ ୩ରୁ ୪ ସପ୍ତାହ ଲାଗିଯାଇପାରେ ବୋଲି ଅନେକେ ମତ ଦେଇଛନ୍ତି।



# ‘ଫନୀ’ ନେଇଛି ୩୦ରୁ ଊର୍ଦ୍ଧ୍ୱ ଜୀବନ

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ, ୬।୫

ଫନୀ ବେଳେ ଘର କାନ୍ଥ ଓ ଗଛ ପଡ଼ି ପୁରୀ ଜିଲାରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନ ୩ଟା ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୫ଟି ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ସୂଚନା ମିଳିଛି। କୁମ୍ଭାରପଡା ଥାନା ଅନ୍ତର୍ଗତ ଜସ୍ମିତା ସ୍ୱାଇଁ(୨୨), ସଦର ଥାନା ଅଧୀନ ଛଇତନା ଅଞ୍ଚଳର ଲକ୍ଷ୍ମୀଧର ସେଠୀ(୩୨), ବାସୁଦେବପୁରର ଭାସ୍କର ବାରିକ(୫) କପିଳେଶ୍ୱରପୁରର ଜଗନ୍ନାଥ ସ୍ୱାଇଁ(୬୯), କେଶକେରାର ସୁଶୀଳା ଦେଈ(୫୨), ଶାସନ ଦାମୋଦରପୁରର ବଇଠା ସାହୁ(୫୯), ବଡପାଇକ ସାହିର ବନିତା ସାହୁ(୭୪), ବାଲିକେରାର ବ୍ରଜ ସେଠୀ(୬୫) ପିପିଲି ଥାନା ବେତାଳସିଂର ରମେଶ ଦାସ(୪୯), ଟିଗିରିଆର କେଶବ ବେହେରା(୩୭) ବଡସାହିର ବୈକୁଣ୍ଠନାଥ ବେହେରା(୪୫)ଙ୍କ ମୃତ୍ୟୁ ହୋଇଛି। ସେହିପରି ସତ୍ୟବାଦୀ ଥାନା ଅଧୀନ ଭୂତପଡାର ପ୍ରମିଳା ଭୋଇ(୪୫), ବସନ୍ତମାଳର ପୂର୍ଣ୍ଣଚନ୍ଦ୍ର ରଥ, ହିରଣ୍ୟପଡ଼ାର ମନୋରଞ୍ଜନ ବର୍ଣ୍ଣାଳୀ(୩୦), ନେହରାର ସୁକାନ୍ତ ବେହେରା (୩୯), ଶାନ୍ତିଲତା ପ୍ରଧାନ (୫୫), ଡେଲାଙ୍ଗ ଥାନା ଅନ୍ତର୍ଗତ ରେଞ୍ଚର ଦୁଃଶାସନ ସାହୁ(୫୮), ଟାଉନ ଥାନା ଅଧୀନ ଦୋଳମଣ୍ଡପ ସାହିର ରମେଶ ବେହେରା(୧୪), ଚନ୍ଦନପୁର ଥାନା ଅନ୍ତର୍ଗତ ନହଦିଆର ଗୌରାଙ୍ଗ ମହାରଣା (୭୩), ତଳଜଙ୍ଗର ଅନ୍ନପୂର୍ଣ୍ଣା ଜେନା(୬୫), ବେଦରପଡାର ବୈରାଗୀ ପରିଡା(୫୧)ଙ୍କ ଜୀବନ ଯାଇଛି। ସମୁଦ୍ରକୂଳ ଥାନା ଅଧୀନ ପେଣ୍ଠକଟାର ଆଦଗାଥା ବେହେରା(୫୨), କେ.ମାଲା(୭୦), ଗଡିଶାଗୋଦା ଥାନା ଅନ୍ତର୍ଗତ ନଈକୂଳପାଟଣାର ଆକାଶ ବେହେରା(୧୩),ବଳଙ୍ଗା ଥାନା ଅଞ୍ଚଳର ହରମୋହନ ଜେନା(୩୫), ବ୍ରହ୍ମଗିରି ଗୋବିନ୍ଦପୁରର ଟିଙ୍କିନା ପରିଡା (୪୫), କଣାସ ଥାନା ଅଧୀନ ଗାଉପଡ଼ାର ଅନ୍ତର୍ଯ୍ୟାମୀ ନାୟକ(୫୦)ଙ୍କ ମୃତ୍ୟୁ ଘଟିଛି।

### ଆହତଙ୍କ ଚିକିତ୍ସା କରୁଛନ୍ତି ୬୦ ଡାକ୍ତର

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବାତ୍ୟାରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ, ଗଛ ଓ କାନ୍ଥ ପଡି ଶତାଧିକ ଆହତ ହୋଇଛନ୍ତି। ସେମାନଙ୍କ ସେବା ଲାଗି ଚିକିତ୍ସାଳୟରେ ୬୦ଜଣ ଡାକ୍ତର ନିୟୋଜିତ ଅଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୪୭ ଓ ବାହାରୁ ୧୩ଜଣ ଡାକ୍ତର ନିୟୋଜିତ ରହିଥିବା ସିଡିଏମ୍‌ଓ ପର୍ଶୁରାମ ଚମ୍ପତିରାୟ କହିଛନ୍ତି।

### ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି

ବାତ୍ୟାରେ ପୁରୀ କ୍ରୀଡ଼ା ଛାତ୍ରାବାସ ଓ ଇନଡୋର ହଲ୍‌ର ବ୍ୟାପକ କ୍ଷତି ଘଟିଛି। ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ରୀଡ଼ା ସାମଗ୍ରୀ, ଇନ୍‌ଡୋର ହଲ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କୁ ବାତ୍ୟା ପୂର୍ବରୁ ସ୍ଥାନାନ୍ତରିତ କରାଯାଇଥିଲା ବୋଲି କ୍ରୀଡା ସଙ୍ଗଠକ ସବ୍ୟସାଚୀ ରଥ କହିଛନ୍ତି।

# ଚିଲିକାରେ ଭାସୁଛି ମୃତଦେହ

ବାତ୍ୟା ଯୋଗୁ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ମୃତାହତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଅପରାହ୍ନ ୩ଟା ସୁଦ୍ଧା ୨୫ଟି ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଏଡିଏମ୍‌ଓ(ମେଡିକାଲ) ବ୍ରଜବନ୍ଧୁ ଦାଶ ସୂଚନା ଦେଇଛନ୍ତି। ରାତି ସୁଦ୍ଧା ଆଉ ୫ଟି ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଓ ବଡ ଗଛ ପଡ଼ିଥିବାରୁ ମେଡିକାଲକୁ ମୃତଦେହ ଆସିପାରି ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଚିଲିକାରେ କୋଡେଟି ମୃତଦେହ ଭାସୁଥିବା ଖବର ମିଳିଛି। ତେବେ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳି ପାରିନାହିଁ।


ବାତ୍ୟାରେ କୋରୁଅ ଗ୍ରାମରେ ଭାଙ୍ଗିପଡ଼ିଥିବା ଘରଦ୍ୱାର ଓ ଗଛ।


ବର୍ଷାରେ ଭିଜିଯାଇଥିବା ବହିପତ୍ରକୁ ବ୍ରହ୍ମଗିରି ଅଞ୍ଚଳର ଜଣେ ଛାତ୍ରୀ ଖରାରେ ଶୁଖାଉଛନ୍ତି।



ପୁରୀ ସହରରେ ଆସି ପହଞ୍ଚିଥିବା ରିଲିଫ୍ ସାମଗ୍ରୀ ବୋଝେଇ ଟ୍ରକ୍।

ପୁରୀ ଜିଲା


ଏନଡିଆରଏଫ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଗଛ କାଟି ରାସ୍ତା ସଫା କରୁଛନ୍ତି।


ବୀରହରେକୃଷ୍ଣପୁରଠାରେ ରାସ୍ତା ଅବରୋଧ ଯୋଗୁ ଲୋକେ ନିକଟସ୍ଥ ରେଳଲାଇନ ଦେଇ ଯାଉଛନ୍ତି।


ଏକ ପେଟ୍ରୋଲ ପମ୍ପରେ ତେଲ ପାଇଁ ଲୋକଙ୍କ ଲମ୍ବା ଲାଇନ୍।


ରିଲିଫ୍ ସାମଗ୍ରୀ ନେବା ପାଇଁ ପୁରୀ ପୌର ସଦରଠାରେ ଲୋକଙ୍କ ଭିଡ଼।



ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ମାଳତୀପାଟପୁର ଓଭରବ୍ରିଜ।



ରାସ୍ତାରୋକୋ ସମୟରେ ଏକ ଆମ୍ବୁଲାନ୍ସ ଅଟକି ରହିଛି।

# ଖୋଲୁନି ଧାନମଣ୍ଡି, ଚିନ୍ତାରେ ଚାଷୀ

ରାୟଗଡା ଅଫିସ୍, ୬।୫

ଜିଲ୍ଲା ପ୍ରଶାସନର ବୈଠକ ଓ ଘୋଷଣା ପ୍ରକାରେ ଗତ ୧ତାରିଖରୁ ଆରମ୍ଭ ହୋଇଛି ରବିଧାନ ମଣ୍ଡି । ହେଲେ ଧାନମଣ୍ଡି ନାମକୁ ମାତ୍ର ଖୋଲାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । କୌଣସି ମଣ୍ଡିରେ ଅଦ୍ୟାବଧି ଧାନକ୍ରୟ କରାଯାଉନାହିଁ । ଫଳରେ ଚାଷୀମାନେ ଚିନ୍ତାରେ ରହିଛନ୍ତି । ଏନେଇ ସୋମବାର ରାୟଗଡାର କେତେଜଣ ଚାଷୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି।

ଗତ ୧ରୁ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ୨ମାସ ଧରି ରବିଧାନ କ୍ରୟ କରାଯାଇଥାଏ । ଏଥିପାଇଁ ରାୟଗଡା ଜିଲାରେ ୧୪ଟି ମଣ୍ଡିର ବ୍ୟବସ୍ଥା ହୋଇଛି। ଆର୍‌ଏମ୍‌ସି ଜରିଆରେ ଲ୍ୟାମ୍ପଗୁଡ଼ିକ ଧାନ କ୍ରୟ କରିବାକୁ ନିଷ୍ପତ୍ତି କରାଯାଇଛି । ହେଲେ ବିଡମ୍ବନାର ବିଷୟ ଜିଲା ଯୋଗାଣ ବିଭାଗ ପକ୍ଷରୁ ଲ୍ୟାମ୍ପଗୁଡ଼ିକୁ ଅଦ୍ୟାବଧି ଟାର୍ଗେଟ ପ୍ରଦାନ କରାଯାଇନାହିଁ , ଯଦ୍ୱାରା ଲ୍ୟାମ୍ପଗୁଡ଼ିକ ଧାନ କ୍ରୟ କରୁନାହାନ୍ତି । ୧ ତାରିଖରେ ମଣ୍ଡିଗୁଡିକରେ ପୂଜାର୍ଚ୍ଚନା କରାଯାଇ ଖୋଲାଯିବା ପରେ ଚାଷୀମାନେ ଧାନ ଧରି ବିକ୍ରି ପାଇଁ ମଣ୍ଡିରେ ଅପେକ୍ଷା କରିଛନ୍ତି । ୫ ଦିନ ହେଲାଣି ଚାଷୀମାନେ ମଣ୍ଡିରେ ଧାନକୁ ଜଗି ରହିଥିଲେ ମଧ୍ୟ କେହି କିଣିବାକୁ ଆସୁନାହାନ୍ତି । ଜିଲା ଯୋଗାଣ କାର୍ଯ୍ୟାଳୟରୁ ଲ୍ୟାମ୍ପମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ଜଣାପଡିଛି। ୩ ଦିନ ପୂର୍ବେ ସାମୁଦ୍ରିକ ଝଡ ଫନୀକୁ ନେଇ ଚାଷୀମାନେ ଆତଙ୍କିତ ହୋଇପଡିଥିଲେ । ହେଲେ ସେହି ସମୟରେ ମଧ ଧାନ କିଣିବା ନେଇ କୌଣସି ବ୍ୟବସ୍ଥା କରିବା ବଦଳରେ ୨ଦିନ ମଣ୍ଡିକୁ ବନ୍ଦ କରି ଦିଆଗଲା । ରାୟଗଡା ଫନୀ ନିମନ୍ତେ ରେଡ୍‌ଜୋନରେ ଥିବା ସତ୍ତ୍ୱେ କିଭଳି ବନ୍ଦ କରାଗଲା ତାହା ବଡ ପ୍ରଶ୍ନ । ଯୋଗାଣ ବିଭାଗ ଓ ସମବାୟ ବିଭାଗ ମଧ୍ୟରେ ତାଳମେଳ ନ ଥିବା ଯୋଗୁ ଏହିଭଳି ଘଟିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେବେ ଚାଷୀଙ୍କ ଧାନ କେବେ ମଣ୍ଡିରେ ବିକ୍ରି ହେବ ଓ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇବେ ତାହାର ଉତ୍ତର କେହି ସ୍ପଷ୍ଟଭାବେ ଦେଇପାରୁନାହାନ୍ତି । ସୋମବାର ଚାଷୀ ଜଗନ୍ନାଥ ମାଣ୍ଡାଙ୍ଗୀ, ବି.ସୁବାରାଓ, ଚିତ୍ରସେନ ପୋଲେଇ, ରାଜେନ୍ଦ୍ର ନାୟକ, ମହେଶ କୁମାର ଚୌଧୁରୀ ପ୍ରମୁଖ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ । ଅଭିଯୋଗ ପାଇବାପରେ ଜିଲାପାଳ ବେହେରା ତୁରନ୍ତ ଏହାର ସମାଧାନ କରି ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**ଜିଲାପାଳଙ୍କୁ ଭେଟି ଜଣାଇଲେ ସମସ୍ୟା**


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ ।

## ସଂକ୍ଷେପରେ

### ବୟସ ହୋଇ ନ ଥିବାରୁ ରୋକାଗଲା ବିବାହ

ପାରଳାଖେମୁଣ୍ଡି, ୬।୫ (ସ୍ୱ.ପ୍ର.): ଗଜପତି ଜିଲା ଗୋଷାଣୀ ବ୍ଲକରେ ଗୁରାଣ୍ଡି ପୋଲିସ ଅପ୍ରାପ୍ତ ବୟସରେ ବିବାହ କରୁଥିବା ଏକ ପ୍ରେମୀ ଯୁଗଳଙ୍କୁ ଅଟକାଇଥିବା ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୁରାଣ୍ଡିସ୍ଥିତ ଏକ କଲେଜରେ ଗୋଟିଏ ଶ୍ରେଣୀରେ ପାଠ ପଢୁଥିବା ଦୁଇଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାପରେ ସେମାନେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଉଭୟ ଯୁବତୀ ଓ ଯୁବକଙ୍କ ବୟସ ୧୯ ବର୍ଷ ହୋଇଥିବା ନେଇ ଗୁରାଣ୍ଡି ପୋଲିସ, ଗୋଷାଣୀ ସିଡିପିଓ ଗୌରୀ ନାୟକ ପ୍ରମୁଖ ଖବର ପାଇଥିଲେ। ଆଇନତଃ ଝିଅର ବିବାହ ବୟସ ହୋଇ ସାରିଥିଲେ ସୁଦ୍ଧା ପୁଅର ବୟସ ହୋଇ ନ ଥିବାରୁ ଏହି ବିବାହକୁ ଅଟକା ଯାଇଥିଲା। ପୁଅକୁ ୨୧ ବର୍ଷ ହେଲାପରେ ସେମାନଙ୍କ ବିବାହ କରାଯିବ ବୋଲି ପୁଅ ଘର ପକ୍ଷ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

### ସ୍ପିଲ୍‌ୱେ ନଦୀଘାଟକୁ ଅଧିକ ଲଞ୍ଚ ଯୋଗାଇ ଦେବାକୁ ଦାବି

ଚିତ୍ରକୋଣ୍ଡା,୬।୫(ଡି.ଏନ.ଏ.): ଆନ୍ଧ୍ର ଓଡିଶା ସୀମାନ୍ତ ମାଓବାଦୀ ପ୍ରବଣ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ସ୍ପିଲୱେ ଲଞ୍ଚ ଘାଟଠାରୁ ଯନ୍ତ୍ରୀ ଏବଂ ଚିତ୍ରକୋଣ୍ଡା ସ୍ପିଲୱେ ଲଞ୍ଚ ଘାଟଠାରୁ ସିନ୍ଧିପୁଟକୁ ଦିନେ ଛଡା ଦିନେ ବ୍ୟବଧାନରେ ଲଞ୍ଚ ଚାଲୁଛି। ଗୋଟିଏ ଲଞ୍ଚ ଏପଟ ଘାଟରୁ ଛାଡିଲେ ତା'ପରଦିନ ଆରପଟ ଘାଟରୁ ଛାଡିଥାଏ। ତେବେ ସୋମବାରଠାରୁ ୪ଟି ଲଞ୍ଚ ଯାତାୟାତ କରୁଛି। ଗୋଟିଏ ଲଞ୍ଚରେ ୬୦ ଜଣ ଯାତ୍ରୀ ଯିବା କଥା। ମାତ୍ର ଗୋଟେ ଥରରେ ୧୫୦ ଜଣରୁ ଲୋକ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏଥିସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମଧ ଲୋକେ ନେଇଥାନ୍ତି। ଏପରିସ୍ଥଳେ ଘାଟକୁ ଅଧିକ ଲଞ୍ଚ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ନଦୀରୁ ପାଣି କମିଗଲେ ପାଣି ଭିତରେ ଥିବା ଶୁଖିଲା ଖୁଣ୍ଟି ଓ କାଠ ଗଣ୍ଡିମାନ ଲଞ୍ଚ ଯାତାୟାତ ସମୟରେ ଲଞ୍ଚରେ ବାଜି ପ୍ରତିବନ୍ଧକ ସୃଷ୍ଟି କରିଥାଏ।

### ଏନ୍‌ଆର୍‌ଏଲ୍‌ଏମ୍ କମିଟି ଗଠନ

ଚିତ୍ରକୋଣ୍ଡା,୬।୫(ଡି.ଏନ.ଏ.) : ଚିତ୍ରକୋଣ୍ଡା ବ୍ଲକ ସଭାଗୃହଠାରେ ଓଡିଶା ଜୀବିକା ମିଶନ ଉଦ୍ୟମରେ ଏନଆରଏଲଏମ କମିଟି ଗଠିତ ହୋଇଛି। ଏବିଡ଼ିଓ ବେନୁ କିଷାନଙ୍କ ତତ୍ୱାବଧାନରେ ହୋଇଥିବା ଏହି କମିଟିରେ–କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ଷ୍ଟେଟ ବ୍ୟାଙ୍କ ଓ ଏଚଡ଼ିଏଫସି ବ୍ୟାଙ୍କ ଅଧିକାରୀ ମାନେ କମିଟିରେ ଅଛନ୍ତି। ପ୍ରତି ମାସରେ କମିଟିର ବୈଠକ ହେବ। ଏହି ଅବସରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ହଳଦୀ ଚାଷ ଓ କୁକୁଡା ଚାଷ, ମାଛ ଚାଷ, ପରିବା ଚାଷ ,ଶ୍ରୀ ପ୍ରଣାଳୀରେ ଧାଡି ରୁଆ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକକୁ ବିପିଏମ ପର୍ଶୁରାମ ବେହେରା ଓ ବିଏଲସି ସୋମନାଥ କୁମ୍ଭାର ପରିଚାଳନା କରିଥିଲେ।

### ଏଡିଜେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଗୁଣପୁର,୬।୫(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଏଡିଜେ ନିଶିଥ ନିଶଙ୍କଙ୍କ ବଦଳି ହୋଇଛି । ଏଥିଲାଗି ଗୁଣପୁର ଓକିଲ ସଂଘ ପକ୍ଷରୁ ସୋମବାର ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓକିଲ ସଂଘ ସଭାପତି ଫଣିଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ପାଢୀ, ଏସ୍.ଗଣପତି ରାଓ, ଓକିଲ ସଂଘ ସମ୍ପାଦକ ବିଶ୍ୱନାଥ ସାହୁଙ୍କ ସମେତ ଅନ୍ୟାନ୍ୟ ଓକିଲମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ବିଭୁଦତ୍ତ ନାୟକ, ଏସ୍‌ଡିଜେଏମ୍ ଅରୁନ୍ଧତୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମପୁର ଏମଏସିଟି-୨ ଟ୍ରିବ୍ୟୁନାଲ କୋର୍ଟକୁ ଗୁଣପୁର ଏଡିଜେଙ୍କୁ ବଦଳି ହୋଇଛି । ତାଙ୍କ ସ୍ଥାନରେ ଫୁଲବାଣୀର ସିଜେଏମ୍ ଅଜୟ ପ୍ରଧାନ ଯୋଗ ଦେବେ ।

# ବୃଦ୍ଧାଙ୍କ ଉପରେ ଚଢ଼ିଗଲା ଟିପ୍ପର

ପଟ୍ଟାଙ୍ଗି,୬।୫(ଡି.ଏନ୍.ଏ.)

- ମୃତ୍ୟୁ ପରେ କ୍ଷତିପୂରଣ ଦାବି
- ଘଟଣାସ୍ଥଳରେ ଟାପା ଉତ୍ତେଜନା

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ପୁକାଲି ପଞ୍ଚାୟତ ଚର୍ଚ୍ଚ ନିକଟସ୍ଥ ରାସ୍ତାରେ ଯାଉଥିବା ଜଣେ ବୃଦ୍ଧାଙ୍କ ଉପରେ ସୋମବାର ଏକ ଟିପ୍ପର ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଦୁର୍ଘଟଣାସ୍ଥଳରେ ଟାପା ଉତ୍ତେଜନା ଦେଖାଦେଇଛି। ଦୁର୍ଘଟଣା ଘଟାଇ ଟିପ୍ପର ଡ୍ରାଇଭର ଓ ହେଲପର ସେଠାରୁ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ପୁକାଲି ପଞ୍ଚାୟତ ବଡ୍ଡୁଗୁଡ଼ା ଗ୍ରାମର ରାମ ପାଙ୍ଗିଙ୍କ ସ୍ତ୍ରୀ ଲିମ୍ବେ (୫୮) ସୋମବାର ଆଡାରିଗୁଡ଼ା ଗ୍ରାମରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ନିକଟସ୍ଥ ଚିନ୍ତାଲଗୁଡ଼ାରେ ଚାଲିଥିବା ରାସ୍ତାକାମ ପାଇଁ ଚିପ୍ସ ବୋଝେଇ କରି ଯାଉଥିବା ଅମରଦୀପ କମ୍ପାନିର ଟିପ୍ପର (ଓଆର୍‌୧୦ ଜି ୨୩୭୯) ଏହି ସମୟରେ ଲିମ୍ବେଙ୍କ ଉପରକୁ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିକରି ପରିବାର ଲୋକେ ଓ ଗ୍ରାମବାସୀଙ୍କ ମଧ୍ୟରେ ଟାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲା। ଶେଷରେ ମୃତ ବୃଦ୍ଧାଙ୍କ ପରିବାରବର୍ଗଙ୍କୁ ଅମରଦୀପ କମ୍ପାନି କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଦେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପଟ୍ଟାଙ୍ଗି ପୋଲିସ କେସ୍ ନଂ ୪୧/୧୯ରେ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟିପ୍ପର ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ୧୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ନବରଙ୍ଗପୁର,୬।୫(ବି.ପ୍ର)

ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ନବରଙ୍ଗପୁର ପୋଲିସ ଚଢାଉ କରି ୧୦ କିଲୋ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। କୋରାପୁଟ ଜିଲା ଅମ୍ବାଗୁଡା ଗାଁର ବିଶ୍ୱନାଥ ମଣ୍ଡଳ ଏକ କଳା ବ୍ୟାଗରେ ଦୁଇଟି ପଲିଥିନ ଭିତରେ ଗଞ୍ଜେଇ ପ୍ୟାକେଟ ଧରି ବାଇକ (ନଂ .ଓଡି୧୦ଡି–୧୦୫୬)ଯୋଗେ ନବରଙ୍ଗପୁର ଆସୁଥିଲେ। ଏହି ସମୟରେ ନନ୍ଦାହାଣ୍ଡି ବ୍ଲକ ଡାଇଭଟା ଗାଁ ନିକଟ ୨୬ ନଂ ଜାତୀୟ ରାଜପଥରେ ପୋଲିସ ଗାଡିକୁ ଅଟକାଇ ଯାଞ୍ଚ ବେଳେ ଗଞ୍ଜେଇ ଜବତ କରିଥିଲା। ଏସଆଇ ଦିଲୀପ ପ୍ରଧାନ, ଏଏସଆଇ ଅଶୋକ ଦେଓ ଚଢାଉରେ ସାମିଲ ହୋଇଥିଲେ। ସହାୟକ ଜିଲାପାଳ ଚୟନୁ ଗଣ୍ଡ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ଗଞ୍ଜେଇ ଓଜନ କରାଯାଇଥିଲା। ଥାନାରେ ନଂ ୧୦୯/୧୯ରେ ଏକ ମାମଲା ରୁଜୁ ହୋଇଛି। ଏହି ଗଞ୍ଜେଇ କେଉଁଆଡେ ଚାଲାଣ ହେଉଥିଲା ପୋଲିସ ଏହାର ତଦନ୍ତ କରୁଛି।

# ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ

ନବରଙ୍ଗପୁର,୬।୫(ବି.ପ୍ର)

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ୨୦୧୯–୨୦ବର୍ଷ ପାଇଁ ସମଗ୍ରଶିକ୍ଷାର ବାର୍ଷିକ ଅଟକଳ ଓ କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଥିଲା। ବିଭିନ୍ନ ବିଭାଗର ସହଯୋଗ ଓ ସହଭାଗିତାରେ ଏହି ଆଲୋଚନା ହୋଇଥିଲା। ପୂର୍ବରୁ ସର୍ବଶିକ୍ଷା ଅଭିଯାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଏବଂ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ନବମରୁ ଦ୍ୱାଦଶ ଶ୍ରେଣୀ ପାଇଁ କାର୍ଯ୍ୟ କରୁଥିଲା। ଗତ ଶିକ୍ଷା ବର୍ଷ ୨୦୧୮–୧୯ରୁ ଏକକ ଭାବେ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟ କରୁଛି। ଏହା ପ୍ରାକ୍ ଶ୍ରେଣୀଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସର୍ବକାଳୀନ ପାଇଁ କାର୍ଯ୍ୟ କରୁଛି। ଆବଶ୍ୟକ ନୂତନ ଗୃହ ସ୍ଥାପନ, ବିଦ୍ୟାଳୟମାନଙ୍କରେ ଭିତ୍ତିଭୂମି ସ୍ଥାପନ କରି ଶିକ୍ଷା ବିଭାଗ ଶିକ୍ଷକ ନିଯୁକ୍ତି, ସେମାନଙ୍କ ବେତନ, ଉପଯୁକ୍ତ ତାଲିମ, ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟପୁସ୍ତକ, ପୋଷାକ, ବିଦ୍ୟାଳୟ କମ୍ପ୍ୟୁଟରକରଣ, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ପରିଚାଳନା କମିଟିକୁ ତାଲିମ, ଉପଯୁକ୍ତ ମୂଲ୍ୟାୟନ, ବିଦ୍ୟାଳୟର ଶୈକ୍ଷିକ ସ୍ଥିତିରେ ଉନ୍ନତି କରିବା ଉପରେ ଆଲୋଚନା ଓ ଖସଡା ପ୍ରସ୍ତୁତ ହୋଇଥିଲା। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା ପ୍ରମୁଖ ବିଭାଗର ସହଭାଗିତାରେ ଓ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷାର ବିକାଶରେ ଜିଲାର ବିକାଶ ବୋଲି କହି ଜିଲାପାଳ ଅଭିହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଡିଏମଓ, ଏଡିଏମଓ (ମେଡିକାଲ), ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାହକ,ଡିଆଇଇଟିର ଅଧକ୍ଷ,ଉମରକୋଟ ଆଇଟିଆଇର ଅଧକ୍ଷ ଓ ବିଭିନ୍ନ ବିଭାଗର ଅଧିକାରୀ,ଶିକ୍ଷା ବିଭାଗର ଅଧିକାରୀ ସମତେ ସିଡିପିଓ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପାଣିଗ୍ରାହୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲା ଯୋଜନା ସଂଯୋଜକ ପ୍ରଦୀପ୍ତ ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜମିଜମା ବିବାଦ ନେଇ ହତ୍ୟା ଘଟଣା: ୫ ଗିରଫ

ରାୟଗଡ଼ା ଅଫିସ/କାଶୀପୁର, ୬।୫(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ସୁରିଷବାଡ଼ ନିକଟ କାଲ୍ରିଖାଲ ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ହତ୍ୟା ଘଟଣାରେ କାଶୀପୁର ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ କାଲ୍ରିଖାଲ ଗ୍ରାମର ଧାନସିଂହ ମାଝି, ରାଇସିଂହ ମାଝି, ହନୁ ମାଝି, ପୁଣ୍ଡୁ ମାଝି, ହାକି ମାଝି । ଏନେଇ ରାୟଗଡ଼ା ଥାନା ପରିସରରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସଡିପିଓ ତପନ କୁମାର ରଥ ଓ କାଶୀପୁର ଆଇଆଇସି ଦୁର୍ଗାମାଧବ ପ୍ରଧାନ ଏହି ସୂଚନା ଦେଇଛନ୍ତି।

ଗତ ୩୦ ତାରିଖରେ ସୁନା ସିଂହ ମାଝି ନିଖୋଜ ହୋଇଥିବା ନେଇ ତାଙ୍କ ବାପା ନିଙ୍ଗି ମାଝି କାଶୀପୁର ଥାନାରେ ଏତଲା ଦେଇଥିଲେ । ସୁନାସିଂ ମାଝି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ ଏଣ୍ଡୁସି ଗ୍ରାମର ହୋଇଥିବା ବେଳେ ସେ ପ୍ରାୟ ୨୦ ବର୍ଷ ହେବ କାଲ୍ରିଖାଲ ଗ୍ରାମରେ ପୋଷପୁତ୍ର ଭାବେ ରହି ଆସୁଥିଲେ । ଏହି ଏତଲାକୁ ଆଧାର କରି କାଶୀପୁର ପୋଲିସ ଏକ ମାମଲା(ନଂ ୪୬/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଘଟଣାରେ ଉକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗ୍ରାମର ଏକ ଝୋଲା ମଧ୍ୟରେ ଥିବା ନାଳ ନିକଟରୁ ପୋତାଯାଇଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କାଶୀପୁର ପଠାଇଛି ।


ବାଉଁଶ ଗଛରେ ଫୁଟିଥିବା ଫୁଲ ।

# ବାଉଁଶ ଗଛରେ ଫୁଲ

ଚିତ୍ରକୋଣ୍ଡା,୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଟନେଲ କ୍ୟାମ୍ପ ପଞ୍ଚାୟତର ମନ୍ତ୍ରୀପୁଟ ଘାଟିରେ ବାଉଁଶ ଗଛରେ ଫୁଲ ଫୁଟିଥିବା ଦେଖିବାକୁ ମିଳୁଛି। ପୁରୁଖା ଲୋକଙ୍କ ମତରେ ପ୍ରତି ୧୦ରୁ ୧୫ ବର୍ଷରେ ଥରେ ବାଉଁଶ ଗଛରେ ଫୁଲ ଫୁଟିବା ଦେଖିବାକୁ ମିଳେ। ଯେଉଁ ଅଞ୍ଚଳରେ ବାଉଁଶ ଗଛରେ ଫୁଲ ଫୁଟିଥାଏ ସେ ଗଛଟି ଆଉ ବଢେ ନାହିଁ। ସେ ଗଛଟି ଫୁଲି ଫାଟିଯାଏ। ବାଉଁଶ ଗଛରେ ଫୁଲ ଫୁଟିବା ଦେଖିବା ଲାଗି ସାଧାରଣରେ କୌତୁହଳ ସୃଷ୍ଟି ହୋଇଛି।

# ବଡ଼ପୁଟ–ଭୀମାରାମକୁ ଗମନାଗମନ ବାଟ ଫିଟିଲା

**ସ୍ୱାଭିମାନ ଅଞ୍ଚଳ**

ଚିତ୍ରକୋଣ୍ଡା,୬।୫(ଡି.ଏନ.ଏ.)

ସ୍ୱାଧୀନତାର ଦୀର୍ଘ ବର୍ଷ ଧରି ଯେଉଁ ଗ୍ରାମକୁ ରାସ୍ତା ନ ଥିଲା, ସ୍ୱାସ୍ଥ୍ୟସେବା ପହଞ୍ଚିବା କଷ୍ଟକର ଥିଲା ଲୋକେ ହୁଡା ରାସ୍ତାରେ ଯାତାୟାତ କରୁଥିଲେ। ଏବେ ସେଠାରେ ଗମନାଗମନକୁ ସମସ୍ତ ସୁବିଧା ହୋଇଛି। ଗୁରୁପ୍ରିୟା ସେତୁ ଉଦ୍‌ଘାଟନର କିଛି ମାସ ପରେ ଏବେ ବଡପୁଟ–ଭୀମାରାମକୁ ଗମନାଗମନ ଲାଗି ବାଟ ଫିଟିଛି। ବଡପଡା ପଞ୍ଚାୟତ ଅଧୀନ ବଡପୁଟ ଗ୍ରାମକୁ ପୂର୍ବରୁ ଜାନବାଇଠାରୁ ଲୋକେ ୨ କିଲୋମିଟର ହୁଡା ରାସ୍ତା ଦେଇ ଚାଲିଚାଲି ଯାଉଥିଲେ। ଏବେ ସେଠାରେ ମୋରମ ରାସ୍ତା ହୋଇଛି। ସେହିପରି ପାପରମେଟେଲା ପଞ୍ଚାୟତ ଅଧୀନ ଭୀମାରାମକୁ ପାପରମେଟେଲାଠାରୁ ୬ କିଲୋମିଟର ଚାଲିଚାଲି ଯାଉଥିଲେ। ବର୍ତ୍ତମାନ ସେଠାରେ ମାଟିରାସ୍ତା ହୋଇଛି। ଉଭୟ ଗ୍ରାମକୁ ବର୍ଷା ଦିନେ ଯିବା କଷ୍ଟସାଧ ଥିଲା। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳରେ ସମସ୍ୟା ଧୀରେ ଧୀରେ ପରିବର୍ତ୍ତନ ହେବାରେ ଲାଗିଛି। ରାସ୍ତା ନିର୍ମାଣ ପରେ ସେଠାକାର ଲୋକଙ୍କୁ ଯାତାୟାତ, ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ସୁବିଧା ମିଳିପାରିବ। ଏନେଇ ସାଧାରଣରେ ଖୁସି ପ୍ରକାଶ ପାଇଛି।


ଭୀମାରାମ ଗ୍ରାମକୁ ତିଆରି ହୋଇଥିବା ନୂଆ ରାସ୍ତା ।

- ଗୋପବନ୍ଧୁଙ୍କୁ ଅସମ୍ମାନ ଘଟଣା

# ହଟିଲା ବ୍ୟାନର,ପୋଷ୍ଟର

ଜେକେପୁର,୬।୫(ଡ଼ି.ଏନ.ଏ)

**ଧରିତ୍ରୀ ପ୍ରଭାବ**

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତ ଜେକେପୁରର ଗୋପବନ୍ଧୁ ଛକଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପରିସରରେ ବ୍ୟବସାୟିକ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ରାଜନୈତିକ ବିଜ୍ଞାପନ ଲଗାଯାଇଥିଲା । ବରପୁତ୍ରଙ୍କ ପ୍ରତି ଅସମ୍ମାନ କରାଯାଉ ଥିବା ନେଇ ଗତ ୨୯ ତାରିଖରେ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ପରେ ଚାନ୍ଦିଲି ପଞ୍ଚାୟତ ପ୍ରଶାସନ ତରଫରୁ ସମସ୍ତ ବ୍ୟାନର ଓ ପୋଷ୍ଟରଗୁଡିକୁ ହଟାଯାଇଛି। ଯଦି ପୁଣି କୌଣସି ଅନୁଷ୍ଠାନ ଏଠାରେ ବିଜ୍ଞାପନ ଲଗାନ୍ତି, ତା,ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ତରଫରୁ କୁହାଯାଇଛି ।

ଜେକେପୁରରେ ଥିବା ଚାନ୍ଦିଲି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ୩୨୬ନମ୍ବର ଜାତୀୟ ଓ ୪୫ ନମ୍ବର ରାଜ୍ୟ ରାଜପଥ ମଝିରେ ବରପୁତ୍ର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତି ରହିଛି । ତେବେ ପ୍ରତିମୂର୍ତ୍ତିଙ୍କୁ ସମ୍ମାନ ଦେବାର ତ ଦୂରର କଥା କେବେ ହେଲେ ପ୍ରତିମୂର୍ତ୍ତି ଅଥବା ଏହାର ପରିସରକୁ ପରିଚ୍ଛନ୍ନ ରଖିବାରେ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ଏଠାରେ ବିଭିନ୍ନ ରାଜନେତାଙ୍କ ଫଟୋ ଥିବା ବ୍ୟାନର, ବେସରକାରୀ ସଂସ୍ଥା ତଥା ଅନୁଷ୍ଠାନଗୁଡିକ ଏବଂ ବେସରକାରୀ ସ୍କୁଲଗୁଡିକ ତରଫରୁ ଅନେକ ସମୟରେ ନିଜର ବିଜ୍ଞାପନ ଲଗାଯାଉଥିଲା । ଫଳରେ ବ୍ୟାନର ଓ ପୋଷ୍ଟରରେ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଲୁଚି ଯାଇଥିଲା।

# ଛତୁଆ ଯୋଗାଣରେ ଅନିୟମିତତା, କାର୍ଯ୍ୟାନୁଷ୍ଠାନ ଦାବି

ରାୟଗଡା ଅଫିସ୍, ୬।୫

ରାୟଗଡା ଜିଲା ପଦ୍ମପୁର ବ୍ଲକ୍‌ରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ପ୍ରଦାନ କରାଯାଇଥିବା ପୁଷ୍ଟିକର ଖାଦ୍ୟ ପ୍ରଦାନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ମୁଖ୍ୟତଃ ଛତୁଆ ଯୋଗାଣରେ ଅନିୟମିତତା ସବୁ ସୀମା ଟପିଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏନେଇ ସୋମବାର ହିତାଧିକାରୀମାନେ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ପଦ୍ମପୁର ବ୍ଲକ୍‌ର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପୁଷ୍ଟିକର ଖାଦ୍ୟ ଯୋଗାଣ ହେଉଛି । ମୁଖ୍ୟତଃ ଛତୁଆ ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀଗୁଡିକ ପ୍ରସ୍ତୁତ କରି ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ଯୋଗାଉଛନ୍ତି । ତେବେ ଯେଉଁ ଛତୁଆ ଯୋଗାଣ ହେଉଛି ସେଥିରେ ଓଜନ କମ ରହିବା ସହ ମାନ ମଧ ଠିକ୍ ରହୁନାହିଁ । ଗର୍ଭବତୀ ମହିଳାଙ୍କ ପାଇଁ ଉର୍ଦ୍ଧିଷ୍ଟ ୪.୪୦୦କେଜି ପ୍ୟାକେଟରେ ୩.୫୧୦ ଏବଂ ଶିଶୁଙ୍କ ପାଇଁ ଉର୍ଦ୍ଧିଷ୍ଟ ୨.୫୫୦କେଜି ପ୍ୟାକେଟରେ ୧.୫୦୦ ରହୁଥିବା ଅଭିଯୋଗ ହୋଇଛି । ଏଭଳିକି ଅଭିଯୋଗକାରୀମାନେ ଛତୁଆ ପ୍ୟାକେଟ ଏବଂ ଓଜନ ମେଶିନ ଆଣି ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ସମ୍ମୁଖରେ ଓଜନ କରି ଦେଖାଇଥିଲେ। ଅତ୍ୟନ୍ତ ନିମ୍ନମାନର ଓ ପୋକରା ସାମଗ୍ରୀଗୁଡିକ ଯୋଗାଣ ହେଉଥିବା ଜଣାଇଥିଲେ । ଏନେଇ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ମହିଳାମାନେ କହିଛନ୍ତି । ତୁରନ୍ତ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।


ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

# ରୋକନ୍ତୁ ଅଯଥା ଖର୍ଚ୍ଚ

**ଅଯଥା ଖର୍ଚ୍ଚ ରୋକିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି..**

-ଖର୍ଚ୍ଚ କାଟ୍ କରିବା ଆରମ୍ଭ କରି ଦିଅନ୍ତୁ।

-ଯଦି ଆପଣ ସିଙ୍ଗଲ ତେବେ ରୋଜଗାରର ଅଳ୍ପଅଂଶ ଖର୍ଚ୍ଚ କରନ୍ତୁ।

-ବିବାହିତ ହୋଇଥିଲେ ରୋଜଗାର ୪୦ପ୍ରତିଶତ ଖର୍ଚ୍ଚ କରନ୍ତୁ ଆଉ ବାକି ସଞ୍ଚୟ କରିବା ଶିଖନ୍ତୁ।

-ଯେତେବେଳ ମନ ଅସ୍ଥିର ଅଛି ଆପଣ ସେତେବେଳେ ମନ ପସନ୍ଦ ମ୍ୟୁଜିକ୍ ଶୁଣନ୍ତୁ । ଏପରି କରିବା ଦ୍ୱାରା ମନ ସ୍ଥିର ରହିବ ଓ ସେଭ୍ କରିଥିବା ଟଙ୍କା ବଞ୍ଚିଯିବ।

-ସକାଳୁ ଜଲ୍‌ଦି ଉଠିବାର ଅଭ୍ୟାସ କରନ୍ତୁ। ଦିନରେ ଅଧିକରୁ ଅଧିକ ପାଣି ପିଅନ୍ତୁ। ଏହି କାରଣରୁ ଆପଣ ରୋଗମୁକ୍ତ ରହିବେ ଏବଂ ଆପଣ ଡାକ୍ତରଙ୍କ ପାଖକୁ ଯାଇ ଅଯଥା ଟଙ୍କା ଖର୍ଚ୍ଚ କରିବାକୁ ପଡିବନି।

-ପାର୍ଟି କରିବାକୁ ଇଚ୍ଛା ଥିଲେ ହୋଟେଲ୍‌ରେ ନ କରି ନିଜ ଘରେ କରନ୍ତୁ। ଏପରି କରିବା ଦ୍ୱାରା ଖୁସିକୁ ଆପଣ ଘରର ସବୁ ଲୋକଙ୍କ ସହିତ ଶେୟାର କରିପାରିବେ,ଏହା ଦ୍ୱାରା ଆପଣଙ୍କ ଟଙ୍କା ଅଧିକ ଖର୍ଚ୍ଚ ହେବନି।

ଖା|ଦ୍ୟ|ରୁ|ଚି

# ଗ୍ରେପ୍ସ ଲସି

**ଆବଶ୍ୟକ ସାମଗ୍ରୀ:** ଅଙ୍ଗୁର ୫୦ଗ୍ରାମ, ଫ୍ରେଶ ଦହି – ୨୫୦ଗ୍ରାମ୍
ଚିନି ୪୦ଗ୍ରାମ୍,ଆବଶ୍ୟକ ମୁତାବକ ଲୁଣ, ଜିରା ଗୁଣ୍ଡ,ବରଫ ଖଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଙ୍ଗୁରକୁ ଧୋଇ ଦିଅନ୍ତୁ। ଏହାପରେ ଦହିରେ ଅଙ୍ଗୁର,ବରଫଗୁଣ୍ଡ,ଚିନି ଏବଂ ଲୁଣକୁ ମିଶାଇ ତାକୁ ଭଲଭାବେ ଗ୍ରାଇଣ୍ଡ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଥିବା ଲସି ଉପରେ ଜିରାଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଆପଣଙ୍କ ମନ ପସନ୍ଦର କଳା ଅଙ୍ଗୁର ଲସି ପ୍ରସ୍ତୁତ ହୋଇଗଲା।

ସୌ|ନ୍ଦ|ର୍ଯ୍ୟ

# ତ୍ୱଚାର ଘରୋଇ ଉପଚାର



❖ଏକ ଚାମଚ ମହୁରେ ଲେମ୍ବୁ ରସ ମିଶାଇ ମୁହଁରେ ମସାଜ୍ କରନ୍ତୁ। ଏପରି କରିବା ଦ୍ୱାରା ତ୍ୱଚା ନମନୀୟ ରହିଥାଏ।

❖କମଳା ଚୋପାକୁ ଖରାରେ ଶୁଖାଇ ତା'ର ପାଉଡର ପ୍ରସ୍ତୁତ କରନ୍ତୁ। ଏହି ପାଉଡରରେ ଏକ ଚାମଚ କ୍ଷୀର, ଅଳ୍ପ ପରିମାଣର ହଳଦୀଗୁଣ୍ଡ ଏବଂ ଲେମ୍ବୁ ରସ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇଲେ ତ୍ୱଚା ସଫା ଦେଖାଯାଇଥାଏ।

❖କ୍ଷୀରରେ କଦଳୀ ମିଶାଇ ତାକୁ ଭଲଭାବେ ଚକଟି ମୁହଁରେ ଲଗାନ୍ତୁ। ଏହାର ୨୦ମିନିଟ୍ ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଦେଖିବେ ଏହାପରେ ତ୍ୱଚା ସଫା ଲାଗିଥାଏ।

❖ଲେମ୍ବୁ ତ୍ୱଚା ପାଇଁ ବ୍ଲିଚ୍ ପରି କାମ କରେ। ତ୍ୱଚାରେ ଥିବା ଡାର୍କ ଭାଗକୁ ତାଜା ଲେମ୍ବୁ କାଟି ଧୀରେ ଧୀରେ ରଗଡନ୍ତୁ। ଏପରି କରିବା ଦ୍ୱାରା ତ୍ୱଚାର ରଙ୍ଗ ହାଲ୍‌କା ହେବାକୁ ଲାଗେ।

❖ତରଭୁଜକୁ କାଟି ତା'ର ରସ ବାହାର କରି ମୁହଁରେ ଲଗାନ୍ତୁ। ଏହାକୁ ମୁହଁରେ ୧୫ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପୁଣି ନଖ ଉଷୁମ ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ପୁଣି ଥଣ୍ଡାପାଣି ଅଳ୍ପ ମୁହଁରେ କିଛି ଛିଟା ମାରନ୍ତୁ।

❖ମଲେଇରେ ଅଳ୍ପ ପରିମାଣରେ ହଳଦୀ ପାଉଡର, ଅଲିଭ୍ ଅଏଲର କେଇ ବୁନ୍ଦା ମିଶାଇ ଲଗାଇବା ଦ୍ୱାରା ତ୍ୱଚାର ରଙ୍ଗ ଗୋରା ଦେଖାଯାଇଥାଏ। ଏହାଦ୍ୱାରା ମଧ୍ୟ ଡ୍ରାଏନେସ ଏତେଟା ହୋଇ ନ ଥାଏ।

❖ମହୁ ଏବଂ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ,ଏହାର ଅଧଘଣ୍ଟା ପରେ ନଖ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।

❖ଦୁଇ ଚାମଚ ବାଦାମର ପେଷ୍ଟ, ଅଳ୍ପ ପରିମାଣରେ ହଳଦୀ ପାଉଡର,ଏକ ଚାମଚ ଅମୃତଭଣ୍ଡାର ରସକୁ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ଧୋଇ ଦିଅନ୍ତୁ।

# ମା'ର ସ୍ନେହ

**ଚଳିତ ମାସ ୧୨ ତାରିଖ ହେଉଛି 'ବିଶ୍ୱ ମାତୃ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..**

ଛନ୍ଦା ମିଶ୍ର



ପ୍ରତି ମନୁଷ୍ୟର ଜୀବନରେ ମା'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଶୈଶବ ଓ କୈଶୋରାବସ୍ଥାରେ ମା'ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଢ଼ିଥିବା ପିଲାଟିଏ ସମଗ୍ର ସମାଜ ପାଇଁ ଗୋଟିଏ ଅମୂଲ୍ୟ ସମ୍ପଦ ଭାବେ ହୋଇଥାଏ ବିବେଚିତ। ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠନର ମୂଳଦୁଆ ତା'ର ଶୈଶବାବସ୍ଥାରେ ହିଁ ହୋଇଥାଏ ନିରୂପିତ। ଯେକୌଣସି ସାଫଲ୍ୟମଣ୍ଡିତ ବ୍ୟକ୍ତିତ୍ୱଙ୍କ ଜୀବନକୁ ନିରେଖି ଦେଖିଲେ ବାଲ୍ୟାବସ୍ଥାର ପାରିପାର୍ଶ୍ୱିକ ପରିସ୍ଥିତି ଓ ମା'ଙ୍କ ଭୂମିକାର ମହତପଣିଆ ଆପେ ଆପେ ବୁଝାପଡ଼େ।

ଅଭିମନ୍ୟୁ ଚକ୍ରବ୍ୟୂହ ଭେଦ ରହସ୍ୟ ମାତୃଗର୍ଭରୁ ଶିଖିଥିବା କଥା ମହାଭାରତରେ ବର୍ଣ୍ଣିତ ହୋଇଥିବା ବେଳେ ବର୍ତ୍ତମାନ ବୈଜ୍ଞାନିକମାନେ ବି ଏହି କଥାକୁ ପ୍ରମାଣିତ କଲେଣି ଯେ, ମାତୃଗର୍ଭରୁ ହିଁ ମା'ର ଚାଲିଚଳନ, ଖାଦ୍ୟପେୟ ଓ ମାନସିକ ସ୍ଥିତିର ପ୍ରତ୍ୟକ୍ଷ ପ୍ରଭାବ ଗର୍ଭସ୍ଥ ଶିଶୁର ମସ୍ତିଷ୍କ ଉପରେ ଗଭୀର ରେଖାପାତକରେ। ତେଣୁ ଗର୍ଭାବସ୍ଥାରୁ ହିଁ ଶିଶୁ ପ୍ରତି ଯତ୍ନଶୀଳ ହୋଇ ମା' ସନ୍ତୁଳିତ ଆହାର ଓ ଶୃଙ୍ଖଳିତ ଜୀବନଚର୍ଯ୍ୟା ଉପରେ ଯଥେଷ୍ଟ ଗୁରୁତ୍ୱଦେବା ଏକାନ୍ତ ଆବଶ୍ୟକ।

ଶିଶୁ ଜନ୍ମହେଲା ପରେ ମା'ର ସ୍ପର୍ଶ ଓ କଣ୍ଠସ୍ୱରକୁ ଅତ୍ୟନ୍ତ ଆପଣାର ମଣିବା ସହ ମା'କୋଳରେ ନିଜକୁ ସର୍ବାଧିକ ସୁରକ୍ଷିତ ମନେକରେ। ମା'ର ଆଦର ଓ ଆକଟ ଶିଶୁକୁ ସ୍ୱୟଂସମ୍ପୂର୍ଣ୍ଣ କରି ଗଢ଼ିତୋଳେ। ଠିକ୍ ସେହିପରି ଶିଶୁର ଅଳି ଅଝଟକୁ ବୋଧକରାଇ, କୋମଳ ମନରେ ଉଠୁଥିବା ପ୍ରତିଟି ସଂଶୟକୁ ଠିକ୍ ଢଙ୍ଗରେ ଉତ୍ତରଦେଇ ବୁଝାଇପାରେ ମା'ଟିଏ।

ଆଜି ଝିଅଟିଏ ଦୁଇଅକ୍ଷର ପାଠ ପଢ଼ିଲା ମାତ୍ରେ ଘରକରଣା ଓ ସଂସାର ଗଢ଼ିବାର ଇଚ୍ଛାକୁ ହେୟଜ୍ଞାନକରି ଅର୍ଥ ପଛରେ ଧାଇଁ, ନିଜ ଚାକିରିକୁ ଦେଉଛି ପ୍ରାଥମିକତା। ଅନେକ ଅତ୍ୟାଧୁନିକା ସନ୍ତାନକୁ ଜଞ୍ଜାଳ ମନେକରି, ''ପ୍ରଥମେ ବ୍ୟାଙ୍କ ବାଲାନ୍ସ ବଢ଼ିଲା ପରେ ହିଁ ଶିଶୁଟିଏର କଥା ଚିନ୍ତାକରିବୁ'' ବୋଲି କହୁଥିବା ବେଳେ ବୟସାଧିକ୍ୟ କାରଣରୁ ଶରୀରର ଅକ୍ଷମତା ପ୍ରକାଶକରି ଭଡ଼ାଉଦର ଉପରେ କରୁଛନ୍ତି ଭରସା।

ଅନ୍ୟମାନେ ଯଦିଓ ଶିଶୁଟିଏ ଜନ୍ମ ଦେଉଛନ୍ତି, ମାତ୍ର ନିଜର ବ୍ୟସ୍ତବହୁଳ ଦିନଚର୍ଯ୍ୟାରୁ ଶିଶୁକୁ ପର୍ଯ୍ୟାପ୍ତ ସମୟ ଦେଇ ନ ପାରିବାର ଗ୍ଲାନିରେ କାଳ କାଟୁଥିବା ବେଳେ, ଉପଯୁକ୍ତ ଧ୍ୟାନ ଓ ପରିଚର୍ଯ୍ୟା ନ ପାଇ ଶିଶୁର ଶୈଶବ ହେଉଛି ରୋଗାକ୍ରାନ୍ତ। ରୋଜଗାରିଆ ମା'ଟିଏ ଅଧିକ ଅର୍ଥ ଦେଇ ନିୟୋଜିତ କରିଥିବା ଆୟାଟି କୌଣସି ପରିସ୍ଥିତିରେ ମା'ର ବିକଳ୍ପ ସାଜି ନ ପାରେ। ଆଜି ଅନେକ କ୍ଷେତ୍ରରେ ଆୟାମାନଙ୍କ ଦ୍ୱାରା ପୀଡ଼ିତ ଓ ନିର୍ଯାତିତ ଶିଶୁମାନଙ୍କ କଥା ଶୁଣିବାକୁ ମିଳୁଛି। ପୁଣି ଅପାଠୁଆ ଓ ଅଧାପାଠୁଆ ଆୟାର ଚାଲିଚଳନର କୁପ୍ରଭାବରେ ଶିଶୁଟି ହେଉଛି ଆକ୍ରାନ୍ତ। ମା'ର ସାନ୍ନିଧ୍ୟ ଟିକକ ପାଇଁ ଶିଶୁଟିଏ ଆତୁର ହୋଇଉଠୁଥିଲା ବେଳେ ତାହା ତା'ଠାରୁ ଏକରକମ ଛଡ଼ାଇ ନିଆଯାଉଛି। ଫଳରେ ଶିଶୁଟି ଏକଜିଦିଆ, ହିଂସ୍ର ଓ ଏକ ସ୍ୱାର୍ଥପର ବ୍ୟକ୍ତିତ୍ୱରେ ହେଉଛି ପରିଣତ ଏବଂ ମା' ଘରକୁ ଫେରିଲା ପରେ ଯେତେବେଳେ ଶିଶୁଟି ମା' କୋଳକୁ ଆସି ମା' ଠାରୁ ନିଜର ନ୍ୟାଯ୍ୟଦାବି 'ଶ୍ରଦ୍ଧା' ଟିକକ ଦାବି କରୁଛି, ଶାରୀରିକ ଓ ମାନସିକ ଭାବେ କ୍ଲାନ୍ତ ହୋଇ ଫେରିଥିବା ମା'ଟି ତାହା ଦେବା ପାଇଁ ନିଜର ଅସମର୍ଥତା କରୁଛି ପ୍ରକାଶ।

ସାଧାରଣତଃ ଚାକିରିଆ ମା'ଟିଏ କହିବାର ଶୁଣାଯାଇଥାଏ ଯେ, ଶିଶୁର ଉତ୍ତମ ଭବିଷ୍ୟତ ପାଇଁ ଆର୍ଥିକ ସ୍ୱଚ୍ଛଳତାର ଆବଶ୍ୟକତା ଥିବାରୁ ମୁଁ ଚାକିରି କରିଛି। ଏଠାରେ ମା'ଟିଏ ମନେରଖିବା ଉଚିତ ହେବ ଯେ, ଅର୍ଥ ଦେଇ ପିଲାର ନାମ ଭଲ ବିଦ୍ୟାଳୟରେ ଲେଖା ଯାଇପାରେ, ମାତ୍ର ପିଲା ଜୀବନ ଜିଇଁବାର ପ୍ରକୃତ ଶିକ୍ଷା ଓ ଶୃଙ୍ଖଳାଜ୍ଞାନ ପାଇଥାଏ ତା'ର ଆଦ୍ୟଗୁରୁ ମା'ଠାରୁ। ଅର୍ଥ ଦେଇ ପିଲା ପାଇଁ ଦାମୀ ଔଷଧ କିଣାଯାଇପାରେ, କିନ୍ତୁ ଉତ୍ତମ ସ୍ୱାସ୍ଥ୍ୟ ନୁହେଁ। ଅର୍ଥ ବିନିମୟରେ ପିଲା ପାଇଁ ଦାମୀ ଖେଳନା ଓ ତୂଳୀତଳ୍ପର ଶଯ୍ୟା ଅଣାଯାଇପାରିବ, ହେଲେ ଶୈଶବର ନିର୍ମଳ ଆନନ୍ଦ ବା ବ୍ୟାଘାତହୀନ ସୁନିଦ୍ରା ଟିକକ ନୁହେଁ।

ଆଜି କୌଣସି ଚାକିରି ନ କରି ଘରେ ରହୁଥିବା ମା' ମାନେ ମଧ୍ୟ ନିଜ ଅଜାଣତରେ ଶିଶୁ ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ଦେଖାଯାଉଛି। ଶିଶୁ ହାତରେ ମୋବାଇଲ ଧରାଇଦେଇ ବା ଟିଭି ଲଗାଇଦେଇ, ନିଜେ ଘରକାମ, କିଛି ପାର୍ଟି, ଅବା ଟିଭି ଓ ମୋବାଇଲ ମଧ୍ୟରେ ମୁହଁମାଡ଼ି ରହିବାକୁ ପସନ୍ଦ କରୁଛନ୍ତି। ଏହାଦ୍ୱାରା ନିଜର ମୂଲ୍ୟବାନ୍ ସମୟ ସହ ଶିଶୁର ଶୈଶବ ନଷ୍ଟ ହେଉଛି ଓ ପିଲାଟିର ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହୋଇପଡୁଛି। ଯେଉଁ ସମୟରେ ସେ ମା' ନିକଟରୁ ମା'ର ସ୍ନେହ ଓ ଶ୍ରଦ୍ଧା ଉପରେ ନିଜର ଏକଚାଟିଆ ଅଧିକାର ଜାହିର କରନ୍ତା, ସେହି ସମୟରେ ସେ ଅଶ୍ଳୀଳ, ହିଂସାତ୍ମକ, ଅବାସ୍ତବ ଦୃଶ୍ୟ ଦେଖି ମାନସିକ ଭାବେ ହୋଇପଡୁଛି ବିଚଳିତ। ମୋଟାମୋଟି ଭାବେ କହିବାକୁ ଗଲେ, ମନୁଷ୍ୟ ଜୀବନରେ ମା'ର ସ୍ଥାନ ଅଦ୍ୱିତୀୟ ଓ ଅମୂଲ୍ୟ। ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ମନୁଷ୍ୟର ବ୍ୟକ୍ତିତ୍ୱ ଗଠିତ ହୋଇଥାଏ ତା' ଜୀବନର ପ୍ରଥମ ସାତୋଟି ବର୍ଷରେ। ଏହି ବେଳରେ ଶିଶୁର ପରିବେଶରେ ଘଟୁଥିବା ପ୍ରତ୍ୟେକ ଘଟଣା, ଶିଶୁର ଅବଚେତନ ମସ୍ତିଷ୍କ ଉପରେ ଗଭୀର ରେଖାପାତକରେ। ଏଥିପାଇଁ କେବଳ ମା' ନୁହେଁ, ବରଂ ଶିଶୁ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ସଚେତନ ରହିବା ଉଚିତ।

ଗୋଟିଏ କଥା ଶୁଣିବାକୁ କଷ୍ଟ ଲାଗିଲେ ମଧ୍ୟ ସ୍ପଷ୍ଟ କରିଦେବା ଆବଶ୍ୟକ ଯେ, ଶିଶୁଟିଏ ନିଜେ ଜନ୍ମହେବା ପାଇଁ ଅନୁରୋଧ କରି ନ ଥାଏ। ବରଂ ମାତାପିତାଙ୍କ ସ୍ୱଇଚ୍ଛାରେ ସେମାନେ ଶିଶୁଟିଏ ପାଇଁ ଯୋଜନା କରିଥାଆନ୍ତି। ତେଣୁ ଶିଶୁକୁ ତା' ଅଧିକାରରୁ ବଞ୍ଚିତ କରାଯିବା ଯେପରି ଶିଶୁ ପ୍ରତି ଅନ୍ୟାୟ, ଠିକ୍ ସେମିତି ଏହା ମଧ୍ୟ ମାତାପିତାଙ୍କ ଦାୟିତ୍ୱହୀନତା ଭାବେ ହୁଏ ପରିଗଣିତ। ତେଣୁ ଶିଶୁ ପ୍ରତି ଯଥେଷ୍ଟ ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି। ଏଠାରେ ମା'ଟିଏ ଭୁଲିଯିବା ଅନୁଚିତ ହେବ ଯେ, ଶିଶୁର କୋମଳ ମନ, ମସ୍ତିଷ୍କ ଠିକ୍ କଞ୍ଚାମାଟି ପିଣ୍ଡୁଳା ପରି। ମାଟି କଞ୍ଚା ଥିଲା ବେଳେ ତାକୁ ଆକାର ଦେବା ଓ ତା' ଉପରେ କୁଟିକମ କରିବା ଯେପରି ସହଜ ହୋଇଥାଏ, ଠିକ୍ ସେହିପରି ମା'ଟିଏ ଚାହିଁଲେ କଅଁଳ ଶିଶୁଟିର ବ୍ୟକ୍ତିତ୍ୱକୁ ଅଣଦେଖା, ଅବହେଳା କରି ଅଦରକାରୀ ମାଟି ଟେଳାଟିଏ ଭଳି ଛାଡ଼ି ଦେଇପାରେ ଅବା ନିଜ ମନ ପସନ୍ଦର ରାମ, କୃଷ୍ଣ, ଗାନ୍ଧୀ, ଗୋପବନ୍ଧୁ, ସୁଭାଷ ଅବା ଲକ୍ଷ୍ମୀବାଈଙ୍କ ଆକାର ଦେଇପାରେ।

ଆଉ ଗୋଟିଏ କଥାକୁ ଧ୍ୟାନଦେବା ଉଚିତ ହେବ ଯେ, ଜୀବନରେ ଶୈଶବ ଥରୁଟିଏ ମାତ୍ର ଆସେ ଓ ଏହି ସମୟରେ ହିଁ ଶିଶୁ ସର୍ବାଧିକ ମା'ର ସାନ୍ନିଧ୍ୟକୁ ଲୋଡ଼େ। ପରେ ପରେ ତା ' ଜୀବନରେ ସାଙ୍ଗସାଥୀ ତଥା ଅନ୍ୟାନ୍ୟ ରୁଚିଗୁଡ଼ିକ ସ୍ଥାନ ଅକ୍ତିଆର କରିନିଅନ୍ତି। ଯେଉଁ ଶିଶୁ ତା' ଶୈଶବରେ ମା'ର ଉପସ୍ଥିତିକୁ ଝୁରିହୁଏ, ଏହାଦ୍ୱାରା ତା' ହୃଦୟରେ ଯେଉଁ ଖାଲିପଣ ସୃଷ୍ଟି ହୁଏ, ତାହା କେବେବି ଭରଣା କରିହୁଏ ନାହିଁ।

କେବଳ ଏଥିପାଇଁ ଆଜି ଅନେକ କର୍ମଜୀବୀ ମହିଳା, ନିଜ ଶିଶୁଟିର ଶୈଶବକୁ ଉତ୍ତମ ରୂପେ ଦେଖାଶୁଣା କରିବେ ବୋଲି ନିଜ ଉଚ୍ଚ ବେତନପ୍ରାପ୍ତ ଚାକିରିଟିରୁ ମୁହଁ ମୋଡ଼ି ଦେଉଛନ୍ତି। ମାତ୍ର ଅନେକ କ୍ଷେତ୍ରରେ ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ମା'ଟିଏ ଚାକିରି ଛାଡ଼ିବା ସମ୍ଭବପର ହୋଇ ନ ଥାଏ। ସେ ନିଜ ମନକୁ ମାରି, ଶିଶୁକୁ ଘରେ ଛାଡ଼ି କାର୍ଯ୍ୟାଳୟ ଯିବାକୁ ବାଧ ହୁଏ। ଏ କ୍ଷେତ୍ରରେ କେତୋଟି କଥା ଉପରେ ଧ୍ୟାନଦେବା ଏକାନ୍ତ ଜରୁରୀ ହୋଇପଡ଼େ।

ପ୍ରଥମତଃ, ମା'ର ଅନୁପସ୍ଥିତିରେ ପିଲା କାହା ନିକଟରେ ରହୁଛି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆଈ, ଜେଜେମା', ମାଉସୀ ବା ପିଉସୀମାନଙ୍କ ପରି ଆତ୍ମୀୟମାନଙ୍କ ସହ ରହେ ତେବେ ସାମାନ୍ୟ ଆଶ୍ୱସ୍ତିର ବିଷୟ। ଅନ୍ୟଥା ଯଦି ଆୟା ନିକଟରେ ରହୁଥାଏ, ତେବେ ଆୟାଟିକୁ ଶିଶୁ ପ୍ରତି ଯଥେଷ୍ଟ ଯତ୍ନଶୀଳ ହେବା ପାଇଁ ଅତ୍ୟନ୍ତ ସ୍ନେହଭରେ ବୁଝାଇ କୁହନ୍ତୁ। ମନେରଖିବା ଉଚିତ ହେବ ଯେ, ଆପଣ ଆୟାଟିକୁ ଯେପରି ବ୍ୟବହାର କରିବେ, ସେ ତା'ର ପ୍ରତିକ୍ରିୟା ଶିଶୁଟି ଉପରେ ଦେଖାଇବ ନିଶ୍ଚୟ। ସମ୍ଭବ ହେଲେ ଘରେ ସିସିଟିଭି କ୍ୟାମେରାଟିଏ ଲଗାନ୍ତୁ। ଏଥିସହ ପଡ଼ୋଶୀମାନଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରନ୍ତୁ। ବେଳ ଅବେଳରେ ସେହିମାନେ ହିଁ ସାହାଯ୍ୟର ହାତ ବଢ଼ାଇବେ।

ଦ୍ୱିତୀୟରେ ଆପଣ ଶିଶୁ ନିକଟକୁ ଯିବା ପୂର୍ବରୁ ଯଥେଷ୍ଟ ମାନସିକ ପ୍ରସ୍ତୁତି କରନ୍ତୁ। କାର୍ଯ୍ୟାଳୟର ମାନସିକ ଚାପ, ଆପଣଙ୍କ ବ୍ୟବହାର ଓ ଚାଲିଚଳନକୁ ପ୍ରଭାବିତ କରିପାରେ। ଏହାର ପ୍ରଭାବ ଶିଶୁ ଉପରେ ପଡ଼ିପାରେ। ଏଥିପାଇଁ ଯଥେଷ୍ଟ ସତର୍କ ରହିବାର ଆବଶ୍ୟକତା ରହିଛି।

ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ପିଲାକୁ ଅଧିକ ନୁହେଁ ବରଂ ଅର୍ଥପୂର୍ଣ୍ଣ ସମୟ ଦେବାର ଆବଶ୍ୟକତା ରହିଛି। ପିଲାଙ୍କୁ ନିଜେ ଗପକରି ଖୁଆଇବା, ନାନାବାୟା ଗୀତଗାଇ ଶୁଆଇ ପକାଇବା, ପିଲା ସହ ମିଶି ଖେଳିବା, ପିଲାକୁ ବଡ଼ଲୋକଙ୍କ ଜୀବନୀ ପଢ଼ି ଶୁଣାଇବା, ପିଲାଙ୍କୁ ସାଥିରେ ଧରି ମନ୍ଦିର, ପାର୍କ, ସମ୍ପର୍କୀୟଙ୍କ ଘର ଓ ବଜାର ଆଦି ବୁଲାଇନେବା ସହ ତା'ମନରେ ଯେପରି କୌଣସି ହୀନମନ୍ୟତା ବାସ ନ କରେ ସେଥିପ୍ରତି ଦୃଷ୍ଟିଦେବା ଏକାନ୍ତ ଜରୁରୀ ।

ପ୍ରତ୍ୟେକ ମା' ଭୁଲିଯିବା ଉଚିତ ନୁହେଁ ଯେ, ମା'ର ବିକଳ୍ପ ନାହିଁ ଓ ଶିଶୁର ଶୈଶବ ତା' ଜୀବନରେ ଥରୁଟିଏ ମାତ୍ର ଆସେ। ଏହି କଥାକୁ ହୃଦୟଙ୍ଗମ କରି ଶିଶୁର ସ୍ୱାଭାବିକ ଅଭିବୃଦ୍ଧିରେ ସହାୟକ ହେବା ଓ ପ୍ରେରଣାଦାୟକ ଭୂମିକା ତୁଲାଇବା ପ୍ରତ୍ୟେକ ମାତାପିତାଙ୍କର ପରମ କର୍ତ୍ତବ୍ୟ ଓ ଚରମ ଦାୟିତ୍ୱ।

– ୩ଆର୍/୬, ବିଜେବିନଗର,
ମୋ: ୯୪୩୭୪୫୩୬୧୦



**ବର୍ତ୍ତମାନ ବୈଜ୍ଞାନିକମାନେ ବି ଏହି କଥାକୁ ପ୍ରମାଣିତ କଲେଣି ଯେ, ମାତୃଗର୍ଭରୁ ହିଁ ମା'ର ଚାଲିଚଳନ, ଖାଦ୍ୟପେୟ ଓ ମାନସିକ ସ୍ଥିତିର ପ୍ରତ୍ୟକ୍ଷ ପ୍ରଭାବ ଗର୍ଭସ୍ଥ ଶିଶୁର ମସ୍ତିଷ୍କ ଉପରେ ଗଭୀର ରେଖାପାତ କରେ। ତେଣୁ ଗର୍ଭାବସ୍ଥାରୁ ହିଁ ଶିଶୁ ପ୍ରତି ଯତ୍ନଶୀଳ ହୋଇ ମା' ସନ୍ତୁଳିତ ଆହାର ଓ ଶୃଙ୍ଖଳିତ ଜୀବନଚର୍ଯ୍ୟା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବା ଏକାନ୍ତ ଆବଶ୍ୟକ...**

ଫ୍ୟା|ଶ|ନ୍

# ଖରାଦିନରେ ଆଉଟ୍ ଫିଟ୍

ଖରାଦିନ ପାଇଁ ସ୍ପେଶାଲ ଆଉଟ୍‌ଫିଟ୍ ଆଇଡିଆ ଜାଣିବାକୁ ଚାହୁଁଛନ୍ତି। ତେବେ ନିମ୍ନୋକ୍ତ ଟିପ୍ସ ପ୍ରତି ଧ୍ୟାନ ଦେଇପାରନ୍ତି...

❖ଖରାଦିନେ ଆପଣ ଟାଇଟ୍ ଜିନ୍ସ ବଦଳରେ ଲଙ୍ଗ ସ୍କର୍ଟ ପିନ୍ଧି ପାରିବେ। ଏହି ପରି ଡ୍ରେସ ଆପଣଙ୍କ ଲୁକ୍ ଟ୍ରେଣ୍ଡି ଲାଗିବା ସହ ଷ୍ଟାଇଲିସ୍ ଲୁକ୍ ଦେଇଥାଏ।

❖ସମରରେ କୁଲ୍ ଏବଂ ଷ୍ଟାଇଲିସ୍ ଦେଖାଯିବାକୁ ହେଲେ ଆପଣ ଡ୍ରେସ ଡିଜାଇନ୍‌ର ମ୍ୟାକ୍ସି ମଧ୍ୟ ପିନ୍ଧିପାରିବେ।

❖ଖରାଦିନେ ଝିଅମାନେ ସାଧାରଣତଃ ଶର୍ଟ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏଥିପାଇଁ କାଜୁଆଲ୍ ଲୁକ୍ ପାଇଁ ଶର୍ଟସ ପିନ୍ଧିପାରିବେ।

❖ଆପଣ କମ୍ଫଟେବଲ ପାଇଁ ପ୍ଲାଜୋ ପିନ୍ଧିପାରିବେ।



# ଗୃହିଣୀଙ୍କ ପାଇଁ...

- ବ୍ୟବହୃତ ରୋଷେଇ କାମରେ ଆସୁଥିବା ସବୁ ସାମଗ୍ରୀକୁ ବ୍ୟବସ୍ଥିତ ରଖନ୍ତୁ।
- ଆପଣଙ୍କ କିଚେନ୍‌ରେ ଭଲ ଧାର ଥିବା ଛୁରି ଏବଂ ପନିକି ରଖନ୍ତୁ। ଯେଉଁଥିରେ ଆପଣ ପନିପରିବାକୁ ସହଜରେ କାଟିପାରିବେ। ଫଳରେ ଆପଣଙ୍କ ସମୟ ବି ବଞ୍ଚିଯିବ।
- ଖାଦ୍ୟ ପ୍ରସ୍ତୁତ କରିବା ପୂର୍ବରୁ ଜରୁରୀ ସାମଗ୍ରୀକୁ ପାଖରେ ରଖିପାରିବେ ଯାହା ଆପଣଙ୍କ ରୋଷେଇ କାମରେ ଆସିବ।
- ଯଦି ଆପଣ କିଛି ସିଝାଇବା ପାଇଁ ରଖୁଛନ୍ତି ତେବେ ଧ୍ୟାନ ରଖନ୍ତୁ ପ୍ରେସର କୁକର ଏବଂ ଢାକୁଣି ଭଲ କରିଦିଅନ୍ତୁ। ଏହାଦ୍ୱାରା ସିଝାପାଇଁ ରଖିଥିବା ସାମଗ୍ରୀ ସହଜରେ ସିଝିବ ଏବଂ ଗ୍ୟାସ୍ ବି ବଞ୍ଚିବ।
- ଯଦି ଆପଣ ମଟନ୍ କରିବାକୁ ଚାହୁଁଥାନ୍ତି ତେବେ ଏହାକୁ ମାରିନେଟ୍ କରି କିଛି ସମୟ ପାଇଁ ରଖି ଦିଅନ୍ତୁ। ଏପରି କରିବା ଦ୍ୱାରା ମଟନ୍ ସ୍ୱାଦିଷ୍ଟ ହୋଇଥାଏ।
- ସମୟ ବଞ୍ଚାଇବାକୁ ହେଲେ ଯେଉଁ ଡିସ୍ ଅଧିକ ସମୟ ଲାଗୁଛି ତାକୁ ପ୍ରଥମେ କରି ଦିଅନ୍ତୁ ଆଉ ବାକି ପରେ କରିବେ।
- ସାମଗ୍ରୀ ଏବଂ ପ୍ରସ୍ତୁତ ପ୍ରଣାଳୀ ଠିକ୍ ରଖିଲେ ଖାଦ୍ୟ ହେବ ସ୍ୱାଦିଷ୍ଟ।
- ରୋଷେଇ କରିବା ପରେ ନିଜର ସିଙ୍କ ଏବଂ କିଚେନ୍ ପ୍ଲାଟଫର୍ମକୁ ଭଲଭାବେ ପୋଛି ସଫା କରିଦିଅନ୍ତୁ।



> ଅଷ୍ଟ୍ରେଲିଆ ଟୁର୍ ଆସନ୍ତା ଏଫ୍ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ପାଇଁ ଆମ ଯୁବ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।
>
> –ମନପ୍ରୀତ ସିଂ, ଭାରତୀୟ ହକି ଦଳର ଅଧିନାୟକ

> ଖେଳାଳିମାନଙ୍କ ମଧ୍ୟରେ ଏକତାର ଅଭାବରୁ ଏଥର ଆମ ଦଳକୁ ଆଇପିଏଲର ଲିଗ୍ ପର୍ଯ୍ୟାୟରୁ ବିଦାୟ ନେବାକୁ ପଡ଼ିଛି ।
>
> –ସିମନ କାଟିଚ୍, ନାଇଟ ରାଇଡର୍ସ ଆସିଷ୍ଟାଣ୍ଟ କୋଚ୍

## ଆଇପିଏଲ କ୍ୱାଲିଫାୟର-୧ ଆଜି

# ଚେନ୍ନାଇ ବନାମ ମୁମ୍ବାଇ

ଚେନ୍ନାଇ, ୬।୫

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଲିଗ୍ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ଏହାର ପ୍ରଥମ କ୍ୱାଲିଫାୟର ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ଏଥିରେ ପରସ୍ପରର ସମ୍ମୁଖୀନ ହେବେ ଦୁଇ ପୂର୍ବତନ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ। ଲିଗ୍ ପର୍ଯ୍ୟାୟ ଶେଷସୁଦ୍ଧା ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀ କ୍ୟାପିଟାଲ୍ସ ୧୪ ମ୍ୟାଚରୁ ୧୮ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ରନ ହାରରେ ମୁମ୍ବାଇ ସମସ୍ତଙ୍କୁ ପଛରେ ପକାଇ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଥିବାବେଳେ ଚେନ୍ନାଇ ଦ୍ୱିତୀୟ ଓ ଦିଲ୍ଲୀ ତୃତୀୟ ସ୍ଥାନ ଅଧିକାର କରିଛି। ମୁମ୍ବାଇର ରନ ହାର ୦.୪୨୧ ଥିବାବେଳେ ଚେନ୍ନାଇର ୦.୧୩୧ ଓ ଦିଲ୍ଲୀର ୦.୦୪୪ ରହିଛି। ଅନ୍ୟପକ୍ଷରେ ଅନ୍ତିମ ଲିଗ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ନିକଟରୁ କୋଲକାତା ନାଇଟ ରାଇଡର୍ସ ପରାଜିତ ହେବା ଦ୍ୱାରା ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ତେଣୁ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନ ଦଳ ଦିଲ୍ଲୀ ଏବଂ ୪ର୍ଥ ସ୍ଥାନ ଅଧିକାର କରିଥିବା ସନ୍‌ରାଇଜର୍ସ ମଧ୍ୟରେ ଏଲିମିନେଟର ମ୍ୟାଚ ଅନୁଷ୍ଠିତ ହେବ। ଏହା ୮ ତାରିଖରେ ବିଶାଖାପାଟଣାରେ ଖେଳାଯିବ। କ୍ୱାଲିଫାୟର-୧ର ପରାଜିତ ଦଳ ଏବଂ ଏଲିମିନେଟରର ବିଜେତା ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ୧୦ ତାରିଖରେ ବିଶାଖାପାଟଣାରେ ଖେଳାଯିବ। ଦୁଇ କ୍ୱାଲିଫାୟର ମଧ୍ୟରେ ଫାଇନାଲ ୧୨ ତାରିଖରେ ହାଇଦ୍ରାବାଦରେ ଅନୁଷ୍ଠିତ ହେବ।

ଏଥର ଆଇପିଏଲରେ ୩ଟି ଦଳର ପ୍ଲେ-ଅଫ୍ ପ୍ରବେଶ ପୂର୍ବରୁ ସ୍ୱଷ୍ଟ ହୋଇଯାଇଥିଲେ ହେଁ ଅବଶିଷ୍ଟ ଗୋଟିଏ ସ୍ଥାନ ପାଇଁ ଉତ୍କଣ୍ଠା ଜାରି ରହିଥିଲା। ଶେଷ ଲିଗ୍ ମ୍ୟାଚରେ ଯାଇ ଏହା ଉପରୁ ପରଦା ହଟିଥିଲା। ୧୩ ମ୍ୟାଚରୁ ୧୨ ପଏଣ୍ଟ ପାଇ ସାରିଥିବା ନାଇଟ ରାଇଡର୍ସ ପ୍ଲେ-ଅଫ୍‌ରେ ପ୍ରବେଶ ପାଇଁ ଶେଷ ମ୍ୟାଚରେ ନିହାତି ବିଜୟ ଆବଶ୍ୟକ କରୁଥିଲା। ମାତ୍ର ଠିକ୍ ସମୟରେ ଦଳ ଫେଲ୍ ମାରିଥିଲା। ପ୍ରଥମେ ବ୍ୟାଟିଂ କରି କୋଲକାତା ୨୦ ଓଭରରେ ୭ ଉଇକେଟ ହରାଇ କେବଳ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। କ୍ରିସ୍ ଲିନ୍ (୪୧ ରନ) ଓ ରବିନ ଉଥପ୍ପା(୪୦)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ମୁମ୍ବାଇର ଲସିଥ ମାଲିଙ୍ଗା ୩/୩୫, ହାର୍ଦ୍ଦିକ ପାଣ୍ଡ୍ୟା-୨/୨୦ ଓ ଯଶପ୍ରୀତ ବୁମ୍‌ରା ୨/୩୧ କୋଲକାତାର କ୍ଷତି ଘଟାଇଥିଲେ। ଜବାବରେ ମୁମ୍ବାଇ ୧୬.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ରୋହିତ ଶର୍ମା ମୁମ୍ବାଇ ବିଜୟର ହିରୋ ସାଜି ୫୫ ରନରେ ଅପରାଜିତ ରହିଥିଲେ। କ୍ୱିଣ୍ଟନ ଡି'କକ୍ ୩୦ ରନ କରି ଏକମାତ୍ର ଖେଳାଳିଭାବେ ଆଉଟ ହୋଇଥିବାବେଳେ ସୂର୍ଯ୍ୟକୁମାର ଯାଦବ ୪୬ ରନରେ ଅପରାଜିତ ରହି ମୁମ୍ବାଇର ସହଜ ବିଜୟରେ ଅନ୍ୟତମ ସାରଥି ସାଜିଥିଲେ। ଲିଗ୍ ପର୍ଯ୍ୟାୟ ଶେଷରେ ସନ୍‌ରାଇଜର୍ସ, କୋଲକାତା ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ସମାନ ୧୨ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଉନ୍ନତ ରନ ହାରରେ ସନ୍‌ରାଇଜର୍ସ(୦.୫୭୭) ଆଗକୁ ବଢ଼ିଥିବାବେଳେ କୋଲକାତା (୦.୦୨୮) ଓ ପଞ୍ଜାବ (-୦.୨୫୧) ପଛରେ ପଡ଼ି ଯାଇଥିଲେ।

ଚଳିତ ଆଇପିଏଲ ଆରମ୍ଭରୁ ଚେନ୍ନାଇ ଅଧିକାଂଶ ସମୟ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଥିଲା। ପ୍ରଥମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଶୋଚନୀୟଭାବେ ହରାଇବା ପରଠାରୁ ଦଳ ସ୍ଥିର ପ୍ରଦର୍ଶନ ଜାରି ରଖି ପ୍ରଥମ ଦଳଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଯୁବ ଖେଳାଳିଙ୍କୁ ନେଇ ସମୃଦ୍ଧ ଦିଲ୍ଲୀ କ୍ୟାପିଟାଲ୍ସ ଏଥର ପଛରେ ପଡ଼ି ନ ଥିଲା। ଅନେକ ମ୍ୟାଚରେ ପ୍ରତିପକ୍ଷ ଦଳକୁ ଚକ୍‌ମା ଦେଇ ଏହା ଦ୍ୱିତୀୟ ଦଳଭାବେ ପ୍ଲେ-ଅଫ୍ ସ୍ୱଷ୍ଟ କରିଥିଲା। ମୁମ୍ବାଇ ତୃତୀୟ ଦଳଭାବେ ଏହି ଯୋଗ୍ୟତା ପାଇଥିଲେ ହେଁ ଶେଷରେ ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ଏବଂ ରୋହିତ ଶର୍ମାଙ୍କ ମୁମ୍ବାଇ ଭଲ ଫର୍ମରେ ଥିବାରୁ କ୍ୱାଲିଫାୟର-୧ ରୋମାଞ୍ଚକ ହେବା ଆଶା କରାଯାଉଛି। ଆଇପିଏଲ ଶେଷ ଭାଗରେ ଶେନ ୱାଟସନ ଓ ଫାଫ୍ ଡୁପ୍ଲେସି ଫର୍ମକୁ ଫେରିଥିବା ପରିଚୟ ଦେଇଛନ୍ତି। ସ୍ଥିର ପ୍ରଦର୍ଶନ ଦେଇ ନ ପାରିଥିଲେ ହେଁ ସୁରେଶ ରାଇନା ମଧ୍ୟ ରନ ସ୍କୋରର ତାଲିକାରେ ଅଛନ୍ତି। ନିଜେ ଧୋନୀ ଓ ରବୀନ୍ଦ୍ର ଜାଡେଜା ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇ ଆସିଛନ୍ତି। ଇମ୍ରାନ ତାହିର ଓ ଭେଟେରାନ ହରଭଜନ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଥିବାରୁ ଟକ୍କର ଦେବାକୁ ଚେନ୍ନାଇ ପ୍ରସ୍ତୁତ। ଅନ୍ୟପକ୍ଷରେ ମୁମ୍ବାଇ ପାଇଁ ନିଜେ ରୋହିତ ଶର୍ମା ଟପ୍ ଫର୍ମରେ ଥିବାବେଳେ ଡିକକ୍ ମଧ୍ୟ ନିଜ ଉପସ୍ଥିତି ଜାହିର କରି ପାରିଛନ୍ତି। ମିଡଲ ଅର୍ଡରରେ ଦୁଇ ପାଣ୍ଡ୍ୟା ବ୍ରଦର (ହାର୍ଦ୍ଦିକ ଓ କୃନାଲ) ଭଲ ଫର୍ମରେ ଥିବାବେଳେ କେରନ ପୋଲାର୍ଡଙ୍କ ବ୍ୟାଟ୍ ଚାଲିଲେ ପ୍ରତିପକ୍ଷର କୌଣସି ବି ବୋଲର ମହଙ୍ଗା ସାବ୍ୟସ୍ତ ହେବା ନିଶ୍ଚିତ। ଯଶପ୍ରୀତ ବୁମ୍‌ରା ଓ ଲସିଥ ମାଲିଙ୍ଗା ଇନିଂସ ଆରମ୍ଭରେ ଏବଂ ଡେଥ୍ ଓଭରରେ ପ୍ରଭାବୀ ସାବ୍ୟସ୍ତ ହୋଇ ଆସିଛନ୍ତି। ତେଣୁ ଦୁଇ ହେଭିୱେଟ ଦଳ ମଧ୍ୟରେ କଡ଼ା ଟକ୍କର ହେବା ନିଶ୍ଚିତ।



ମହେନ୍ଦ୍ର ସିଂ ଧୋନୀ




ରୋହିତ ଶର୍ମା

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୯ | ୫ | ୧୮ | ୦.୪୨୧ |
| ସୁପର କିଙ୍ଗ୍ସ | ୧୪ | ୯ | ୫ | ୧୮ | ୦.୧୩୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୯ | ୫ | ୧୮ | ୦.୦୪୪ |
| ସନ୍‌ରାଇଜର୍ସ | ୧୪ | ୬ | ୮ | ୧୨ | ୦.୫୭୭ |
| ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | ୦.୦୨୮ |
| କିଙ୍ଗ୍ସ ଇଲେଭେନ | ୧୪ | ୬ | ୮ | ୧୨ | -୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୧୪ | ୫ | ୮ | ୧୧ | -୦.୪୪୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୪ | ୫ | ୮ | ୧୧ | -୦.୬୦୭ |







# କଳିଙ୍ଗ କ୍ଷତିଗ୍ରସ୍ତ





ସାମୁଦ୍ରିକ ଝଡ଼ ଫନୀର ପ୍ରଭାବରେ ଗୁରୁତର କ୍ଷତିଗ୍ରସ୍ତ ହୋଇଛି ରାଜ୍ୟ କ୍ରୀଡ଼ାର ପ୍ରାଣକେନ୍ଦ୍ର କଳିଙ୍ଗ ଷ୍ଟାଡିୟମ। ବିଶ୍ୱସ୍ତରୀୟ ଭିତ୍ତିଭୂମି ପାଇଁ ଦେଶ ବିଦେଶରେ ପ୍ରଶଂସିତ କଳିଙ୍ଗ ଏବେ ଶ୍ରୀହୀନ। ଗତ ୩ ବର୍ଷ ଧରି କ୍ରୀଡ଼ା ଜଗତର ଆକର୍ଷଣରେ ରହିଥିଲା କଳିଙ୍ଗ। ଏଠାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ଠାରୁ ଆରମ୍ଭ କରି ହକି ବିଶ୍ୱକପ ପର୍ଯ୍ୟନ୍ତ ଅନେକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ସଫଳତାର ସହିତ ଅନୁଷ୍ଠିତ ହୋଇ ଯାଇଛି। ମାତ୍ର ପ୍ରଳୟଙ୍କରୀ ଫନୀ କଳିଙ୍ଗ ଷ୍ଟାଡିୟମର ବ୍ୟାପକ କ୍ଷୟକ୍ଷତି ଘଟାଇଛି। ମୁଖ୍ୟ ଷ୍ଟାଡିୟମ ଚାରି ପାଖରେ ଥିବା ବୃକ୍ଷରାଜି ତଳେ ଲୋଟୁଛି। ଫଳରେ ସବୁଜିମା ଭରା ଷ୍ଟାଡିୟମ ଏବେ ଖାଁ ଖାଁ। ଷ୍ଟାଡିୟମର ଛାତ ଉଡି ଯାଇଥିବାବେଳେ ଭିତର ରାସ୍ତା, ଚାଲିବା ପଥ ଏବଂ ଅଭ୍ୟାସ ପଡ଼ିଆର ବ୍ୟାପକ କ୍ଷତି ଘଟିଛି। ବେହେରା ସାହି ପାଖ ଏବଂ ୮ ନମ୍ବର ଗେଟ୍ ପାଖ ପାଚେରି ଭାଙ୍ଗିଛି। ୨ ନମ୍ବର ଗେଟ୍ ଉପରେ ଗଛ ପଡ଼ିଛି। ଦର୍ଶକ ଗ୍ୟାଲେରୀ ଏବେ ପରିତ୍ୟକ୍ତ ଅବସ୍ଥାରେ। ଅନେକ ସ୍ଥାନରେ ଲାଇଟ୍ ପୋଷ୍ଟ ଧରାଶାୟୀ ହୋଇଛି। ବିଶେଷ କରି ଟେନିସ କୋର୍ଟ ପରିସରରେ ଥିବା ଲାଇଟ୍ ସିଷ୍ଟମକୁ ବଡ଼ କ୍ଷତି ପହଞ୍ଚିଛି। ହକି ବିଶ୍ୱକପ ପରେ ବିଶ୍ୱରେ ବାହାବା ପାଇଥିବା ହକି କମ୍ପ୍ଲେକ୍ସ ଅବସ୍ଥା ମଧ୍ୟ ତଦ୍ରୂପ। ୱେଷ୍ଟ ଷ୍ଟାଣ୍ଡ ମୁଖ୍ୟ ପ୍ରବେଶ ପଥର ମନୋରମ କାଠକାମ ଏବଂ କାଚ୍ ଭାଙ୍ଗିଥିବାବେଳେ ବିଶ୍ୱକପ ପାଇଁ ନବନିର୍ମିତ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର କେତେକ ଚେୟାର ଉଡ଼ି ଯାଇଥିବା ପରିଲକ୍ଷିତ ହୋଇଛି। ଅଭ୍ୟାସ ପଡ଼ିଆର ଗୋଲପୋଷ୍ଟ ନିକଟରେ ଗଛ ପଡ଼ିଛି। ଜୁନ ୬ରୁ ଏଠାରେ ଏଫଆଇଏଚ୍ ହକି ସିରିଜ ଆରମ୍ଭ ହେବାର ଥିଲା। ମାତ୍ର ଫନୀ ପ୍ରଭାବରେ ଏବେ ଏହା ଅନ୍ୟତ୍ର ସ୍ଥାନାନ୍ତର ପରିସ୍ଥିତି ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ ଷ୍ଟାଡିୟମ ପରିସରରେ ଥିବା ସ୍ପୋର୍ଟ୍ସ ହଷ୍ଟେଲଠାରୁ ଆରମ୍ଭ କରି କ୍ରୀଡ଼ା ବିଭାଗ କାର୍ଯ୍ୟାଳୟ ଆଦି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ଆମେ ପ୍ରଥମେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବୁ। ରିପୋର୍ଟ ପ୍ରସ୍ତୁତି ଭିତ୍ତିରେ ନବୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପ୍ରଥମେ ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛଗୁଡ଼ିକୁ ସଫା କରାଯିବ। ଏହାପରେ ନବୀକରଣ କଥା ଚିନ୍ତା କରାଯିବ। ତେବେ ଅଳ୍ପ କିଛିଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏଫଆଇଏଚ୍ ହକି ସିରିଜ କିନ୍ତୁ ଏଠାରେ ଆୟୋଜନ ନେଇ ଆଶା ରଖିଛନ୍ତି ଏହି ଅଫିସିଆଲ। ଆମେ ବର୍ତ୍ତମାନର ସ୍ଥିତିକୁ ନେଇ ରିପୋର୍ଟ ପ୍ରସ୍ତୁତ କରୁଛୁ। ଆଶା କରୁଛୁ ସବୁକିଛି କମ୍ ସମୟ ମଧ୍ୟରେ ହୋଇଯିବ ଏବଂ ଏଠାରେ ହକି ସିରିଜ ଫାଇନାଲ୍ସ ଅନୁଷ୍ଠିତ ହେବ ବୋଲି ସେ ପ୍ରକାଶ କରିଛନ୍ତି।





ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ମେ ୭ /୨୦୧୯ Rayagada, Tuesday, May 7/ 2019

# ଅଷ୍ଟ୍ରେଲିଆ ଟୁର୍‌ରେ ଭାରତୀୟ ହକି ଦଳ

ବେଙ୍ଗାଲୁରୁ, ୬।୫(ପି.ଟି.)

ମନପ୍ରୀତ୍ ସିଂଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ପୁରୁଷ ହକି ଦଳ ରବିବାର ରାତିରେ ଅଷ୍ଟ୍ରେଲିଆ ଟୁର୍‌ରେ ଗସ୍ତ କରିଛି। ନୂତନ ଭାବେ ଭାରତୀୟ ଦଳର ମୁଖ୍ୟକୋଚ୍ ଦାୟିତ୍ୱ ଗ୍ରହଣ କରିଥିବା ଗ୍ରାହମ ରେଡ୍‌ଙ୍କ ଏହା ମଧ୍ୟ ପ୍ରଥମ ଟୁର୍ ହେବ। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ମେ ୮ରୁ ଏହାର ଅଭିଯାନ ଆରମ୍ଭ କରିବ। ଏହା ମଧ୍ୟରେ ଭାରତ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ୨ଟି, ଅଷ୍ଟ୍ରେଲିଆ ଜାତୀୟ ଦଳ ବିପକ୍ଷରେ ୨ଟି, ୱେଷ୍ଟର୍ନ ଅଷ୍ଟ୍ରେଲିଆ ଥଣ୍ଡରଷ୍ଟିକ କ୍ଲବ ବିପକ୍ଷରେ ମଧ୍ୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଟୁର୍‌ରେ ନୂତନ କୋଚ୍ ରେଡ୍‌ଙ୍କ ପ୍ରଶିକ୍ଷଣ ଶୈଳୀକୁ ଜାଣିବା ସହିତ ଭାରତୀୟ ଖେଳାଳିମାନେ ନୂତନ କମ୍ବିନେଶନରେ ମଧ୍ୟ ପରସ୍ପର ସହ ଉତ୍ତମ ବୁଝାମଣା ରଖିବା ଉପରେ ଗୁରୁତ୍ୱ ଦେବେ, ଯାହା ଖେଳାଳିଙ୍କୁ ଜୁନ ୬ରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସରେ ସହାୟତା କରିବ। ଅଷ୍ଟ୍ରେଲିଆ ଟୁର୍ ଲାଗି ଘୋଷିତ ଭାରତୀୟ ଦଳରେ ଅଭିଜ୍ଞ ଓ ନୂତନ ଖେଳାଳିଙ୍କୁ ସ୍ଥାନ ମିଳିଛି। ଏହି ଟୁର୍ ମାଧ୍ୟମରେ ଜସକରନ ସିଂ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବାକୁ ଥିବାବେଳେ ଗୁର୍‌ସାହିବଜିତ୍‌ଙ୍କ ଏହା ୨ୟ ଟୁର୍ନାମେଣ୍ଟ ହେବ। ଏହି ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ସ୍ଥାନ ପାଇଛନ୍ତି।


ଅଷ୍ଟ୍ରେଲିଆ ଗସ୍ତ କରିଥିବା ଭାରତୀୟ ହକି ଦଳର ଖେଳାଳିମାନେ ଓ ସପୋର୍ଟ ଷ୍ଟାଫ୍।

## ଭାରତୀୟ ଦଳ

**ଗୋଲକିପର:** ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବି. ପାଠକ।

**ଡିଫେଣ୍ଡର:** ରୂପିନ୍ଦର ପାଲ୍ ସିଂ, ସୁରିନ୍ଦର କୁମାର(ଉପ-ଅଧିନାୟକ), ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ଗୁରିନ୍ଦର ସିଂ, କୋଥାଜିତ ସିଂ।

**ମିଡ୍‌ଫିଲ୍ଡର:** ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ(ଅଧିନାୟକ), ଜସକରନ ସିଂ, ବିବେକ ସାଗର ପ୍ରସାଦ, ନିଳକାନ୍ତ ଶର୍ମା।

**ଫରୱାର୍ଡ:** ମନଦୀପ ସିଂ, ଗୁରସାହିବଜିତ ସିଂ, ଆକାଶଦୀପ ସିଂ, ସୁମିତ କୁମାର ଜୁନିୟର, ଅର୍ମାନ କୁରେସି।

ଇଣ୍ଡିଆନ୍ସ ଓମେନ୍ସ ଲିଗ୍

# ପ୍ରଥମ ମ୍ୟାଚ୍‌ରେ ହାରିଲା ରାଇଜିଂ ଷ୍ଟୁଡେଣ୍ଟ

ଭୁବନେଶ୍ୱର, ୬।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ସ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ସଂସ୍କରଣ ଆରମ୍ଭ ହୋଇଯାଇଛି। ଏଥିରେ ଓଡ଼ିଶା ଭିତ୍ତିକ ଦଳ ତଥା ଡିଫେଣ୍ଡିଂ ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଏହାର ପ୍ରଥମ ମ୍ୟାଚ୍‌ରେ ପରାଜୟ ସାମ୍ନା କରିଛି। ପଞ୍ଜାବ ଲୁଧିଆନର ଗୁରୁ ନାନକ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୋକୁଲମ୍ କେରଳା ୫-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମନୀଷା କଲ୍ୟାଣ ହ୍ୟାଟ୍ରିକ ଗୋଲସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚ୍‌ର ୧୯ତମ, ୭୨ତମ ଓ ୭୮ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଭାରତୀୟ ଦଳର ସଦସ୍ୟା ରହିଥିବା ଗୋକୁଲମର ସଞ୍ଜୁ ଯାଦବ (୧୨ତମ ମିନିଟ୍) ଓ ଅଞ୍ଜୁ ତମାଙ୍ଗ୍ (୨୮ତମ) ଗୋଟିଏ ଲେଖାଏ ଗୋଲଦେଇ ଦଳକୁ ୫-୦ରେ ବୃହତ ବିଜୟ ଦେଇଥିଲେ। ଏଥିପୂର୍ବରୁ ଖେଳାଯାଇଥିବା ଉଦ୍‌ଘାଟନୀ ମୁକାବିଲାରେ ଏଫ୍‌ସି ଅଳଖପୁର ୧-୦ ଗୋଲରେ ହନ୍ସ ଓମେନ୍ସ ଏଫ୍‌ସିକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ସମୀକ୍ଷା ଏକମାତ୍ର ଗୋଲସ୍କୋର କରି ଏଫ୍‌ସି ଅଳଖପୁରକୁ ବିଜୟୀ କରାଇଥିଲେ। ବିଜୟ ସହ ଉଭୟ ଗୋକୁଲମ କେରଳା ଓ ଏଫ୍‌ସି ଅଳଖପୁର ୩ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ କଟକର ରାଇଜିଂ ଷ୍ଟୁଡେଣ୍ଟ ଦଳ ଗତ ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

# ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ: ଭେଙ୍ଗସରକାର

ମୁମ୍ବାଇ, ୬।୫ (ପି.ଟି.)

ଚଳିତ ମାସ ୩୦ ତାରିଖରୁ ବ୍ରିଟେନରେ ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବ। ଏଥିରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ଟ୍ରଫି ଜିତିବାର 'ସୁବର୍ଣ୍ଣ ସୁଯୋଗ' ରହିଛି ବୋଲି ପ୍ରାକ୍ତନ ଭାରତୀୟ ଅଧିନାୟକ ଦିଲୀପ ଭେଙ୍ଗସରକାର କହିଛନ୍ତି। କ୍ରିକେଟ୍‌ର ଏହି ମହାକୁମ୍ଭରେ ଭାରତୀୟ ଦଳ ଜୁନ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଇଂଲଣ୍ଡର ସାଉଥ୍‌ମ୍ପଟନରେ ଖେଳାଯିବ।

'ଭାରତର ସମସ୍ତ ଖେଳାଳି ଭଲ ଫର୍ମରେ ରହିଛନ୍ତି। ବିଶ୍ୱକପ୍ ଜିତିବା ଲାଗି ଦଳ ନିକଟରେ 'ସୁବର୍ଣ୍ଣ ସୁଯୋଗ' ରହିଛି। ଭାରତୀୟ ଦଳ ଅତିକମ୍‌ରେ ସେମିଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିବା ନିଶ୍ଚିତ। କିନ୍ତୁ ଫାଇନାଲ ମ୍ୟାଚ୍‌ର ଫଳାଫଳ ଆକଳନ କରିହେବ ନାହିଁ ବୋଲି ମୁମ୍ବାଇ ଟି୨୦ ଲିଗ୍‌ର ମେଣ୍ଟର ରହିଥିବା ଭେଙ୍ଗସରକାର ଏକ ସାକ୍ଷାତକାର ଅବସରରେ କହିଛନ୍ତି। ମୁମ୍ବାଇ ଟି୨୦ ଲିଗ୍‌ର ୨ୟ ସଂସ୍କରଣ ଆସନ୍ତା ୧୪ରୁ ଆରମ୍ଭ ହେବ ବୋଲି ଭେଙ୍ଗସରକାର ଏହି ଅବସରରେ ଘୋଷଣା କରିଥିଲେ। ଏହି ଲିଗ୍‌ର ବ୍ରାଣ୍ଡ୍ ଆମ୍ବାସାଡର ରହିଥିବା ସଚିନ ତେନ୍ଦୁଲକର ଓ ଅନ୍ୟତମ ମେଣ୍ଟର ସୁନୀଲ ଗାଭାସ୍କର ଏହି ଅବସରରେ ଉପସ୍ଥିତ ରହିଥିଲେ।









# ଗ୍ରୀଷ୍ମକାଳୀନ ଫୁଟ୍‌ବଲ ଶିବିର ବାଧାପ୍ରାପ୍ତ

**ଭୁବନେଶ୍ୱର, ୬।୫ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତ ଏପ୍ରିଲ ୨୮ରୁ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟ୍‌ବଲ(ବାଳକ) ଶିବିର ମେ ୧୯ ତାରିଖ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସାମୁଦ୍ରିକ ଝଡ଼ 'ଫନୀ'ର ପ୍ରଭାବରେ ପଡ଼ିଆର ଚତୁଃପାର୍ଶ୍ୱରେ ବହୁଗଛ ଉପୁଡ଼ି ଯିବା ସହ ସେଗୁଡ଼ିକର ଡାଳ ବିକ୍ଷିପ୍ତ ଅବସ୍ଥାରେ ଏଣେତେଣେ ପଡ଼ି ରହିଛି। ଏହାଛଡ଼ା ବର୍ତ୍ତମାନର ପରିସ୍ଥିତିକୁ ନେଇ ଅଭିଭାବକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ମେ ୧୧ ତାରିଖ ପର୍ଯ୍ୟନ୍ତ ଶିବିରକୁ ସାମୟିକ ସ୍ଥଗିତ ରଖାଯିବା ଲାଗି ନିଷ୍ପତ୍ତି ନିଆଯାଇଥିବା ଆସୋସିଏଶନର ସଭାପତି ତପନ ମହାନ୍ତି ସୂଚନା ଦେଇଛନ୍ତି। ଏହି ଶିବିର ପୂର୍ବବତ୍ ୩ଟି ବୟସ ବର୍ଗ (୧୩ ବର୍ଷରୁ କମ୍ ଏବଂ ୨୨ ବର୍ଷରୁ କମ୍) ବାଳକଙ୍କ ନିମନ୍ତେ ଚଳିତ ମାସ ୧୨ରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆସୋସିଏଶନର ସମ୍ପାଦକ ଦିଲୀପ କୁମାର ଦାସ ସୂଚନା ଦେଇଛନ୍ତି।

No. 02-AA

GOVERNMENT OF ODISHA
ELECTRICAL LICENSING BOARD
OFFICE OF THE ENGINEER-IN-CHIEF
ELECTRICITY-CUM-PRINCIPAL
CHIEF ELECTRICAL INSPECTOR, ODISHA
3RD FLOOR HEADS OF DEPARTMENT BUILDING
BHUBANESWAR- 751001
Email: secyelbo@nic.in, Fax/Ph. 0674-2394572

**NOTICE**

No. ELBO/Fani/125/2019/449/Dated Bhubaneswar, the 04.05.2019

ଓଡ଼ିଶାର ସମସ୍ତ ଲାଇସେନ୍ସପ୍ରାପ୍ତ HT ବିଦ୍ୟୁତ୍ କଣ୍ଟ୍ରାକ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବାତ୍ୟା ''ଫନି''ର ପରବର୍ତ୍ତୀ ବିଦ୍ୟୁତ୍ ଭିତ୍ତିଭୂମିର ପୁନଃଉଦ୍ଧାର କାର୍ଯ୍ୟ ନିମନ୍ତେ ଆସନ୍ତା ୧୦ତାରିଖ ସକାଳ ୧୦ଟା ସୁଦ୍ଧା ପ୍ରମୁଖ ବିଦ୍ୟୁତ୍ ଯନ୍ତ୍ରୀ, ଭୁବନେଶ୍ୱରଙ୍କଠାରେ ରିପୋର୍ଟ କରିବେ। ସେମାନେ ତାଙ୍କ ଅଧୀନସ୍ଥ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଶ୍ରମିକ/କର୍ମଚାରୀ ତଥା ସୁପରଭାଇଜର ଏବଂ ଯନ୍ତ୍ରପାତି ସହିତ ପୁନଃଉଦ୍ଧାର କାର୍ଯ୍ୟରେ ଯୋଗଦେବେ। ରିପୋର୍ଟ କରିବାରେ ବିଫଳ ହେଲେ ସେମାନଙ୍କ କଣ୍ଟ୍ରାକ୍ଟର ଲାଇସେନ୍ସ ELBO ନିୟମର ସମ୍ପୃକ୍ତ ଧାରା ଅନୁଯାୟୀ ରଦ୍ଦ ହୋଇଗଲା ବୋଲି ବିବେଚନା କରାଯିବ।

ସ୍ୱା./-
ପ୍ରମୁଖ ବିଦ୍ୟୁତ୍ ଯନ୍ତ୍ରୀ

ଓଡ଼ିଶା ସରକାର



## ନିବେଦନ

ଗତ ମଇ ୩ ତାରିଖ ଦିନ ବାତ୍ୟା 'ଫନୀ' ପୁରୀଠାରେ ସ୍ଥଳଭାଗ ଛୁଇଁଥିଲା । ଏହି ଭୟଙ୍କର ବାତ୍ୟାର ପ୍ରଭାବରେ ଜଗନ୍ନାଥଧାମ ପୁରୀ ଓ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିପୁଳ କ୍ଷୟକ୍ଷତି ଘଟିଛି । ବାତ୍ୟା ପୁରୀରେ ସ୍ଥଳଭାଗ ଛୁଇଁବାର ସୂଚନା ଆମେ ମାତ୍ର ୨୪ ଘଣ୍ଟା ପୂର୍ବରୁ ପାଇଲୁ ଯେଉଁଥିପାଇଁ ଏହାର ଉଚିତ ମୁକାବିଲା କରିବା ଆମ ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ଥିଲା ।

ବାତ୍ୟା ସୂଚନା ମିଳିବା ମାତ୍ରେ ଲୋକପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ନିଜ ଘରଦ୍ୱାର ଓ ପିଲାପରିବାର ଛାଡ଼ି ସମ୍ଭାବ୍ୟ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବାରେ ଲାଗି ପଡ଼ିଥିଲେ ଏବଂ ୧୨ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇଥିଲେ । ମୁଁ ଖବର ପାଇଥିଲି ସକାଳ ୮ଟା ୧୦ ମିନିଟ୍‌ରେ ବାତ୍ୟା 'ଫନୀ' ପୁରୀଠାରେ ସ୍ଥଳଭାଗ ଛୁଇଁଥିଲା, ମାତ୍ର ପୂର୍ବଦିନ ରାତି ୩ଟା ସୁଦ୍ଧା ଉଦ୍ଧାରକାରୀମାନେ ଲୋକଙ୍କୁ ନେଇ ନିରାପଦ ସ୍ଥାନରେ ପହଞ୍ଚାଇ ଦେଇଥିଲେ । ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ । ତେଣୁ ସବୁ ଲୋକ ଯେପରି ନିରାପଦ ସ୍ଥାନରେ ପହଞ୍ଚିପାରିବେ, ତାକୁ ଆଖି ଆଗରେ ରଖି ସେମାନେ କାମରେ ଲାଗି ପଡ଼ିଥିଲେ ।

ବାତ୍ୟାର ୪୮ ଘଣ୍ଟା ଭିତରେ ଆମ ଓଡ୍ରାଫ୍ ଟିମ୍, ଏନ୍‌ଡିଆର୍‌ଏଫ୍, ବିଦ୍ୟୁତ, ଜଳଯୋଗାଣ, ପୋଲିସ, ଦମକଳ, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ପୂର୍ତ୍ତ ବିଭାଗର କର୍ମଚାରୀମାନେ ଦିନରାତି ଲାଗିପଡ଼ି ପରିସ୍ଥିତିରେ ଉନ୍ନତି ଆଣିଛନ୍ତି । ରାସ୍ତା ସଫା କରାଯିବା ସହିତ ଅନେକ ଅଞ୍ଚଳରେ ଜଳଯୋଗାଣ ଆରମ୍ଭ ହେଲାଣି । ବିଜୁଳି ଯୋଗାଣ ପାଇଁ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି । ଆମ ପାଇଁ ଦିନରାତି ଏକ କରି କାମରେ ଲାଗି ପଡ଼ିଥିବା ଏହି କର୍ମଚାରୀମାନଙ୍କର ମନୋବଳକୁ ଆମେ ଏ ସମୟରେ ଦୃଢ଼ କରିବା ଆବଶ୍ୟକ । ପରିସ୍ଥିତିରେ ସୁଧାର ଆଣିବାରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ ।

ଯଥାଶୀଘ୍ର ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ବର୍ତ୍ତମାନ ସମୟରେ ଆମର ପ୍ରାଥମିକତା । ମୋର ବିନମ୍ର ଅନୁରୋଧ, ଏଥିରେ ସମସ୍ତେ ମିଳିମିଶି ସହଯୋଗ କରନ୍ତୁ । ଆପଣମାନଙ୍କ ସହଯୋଗରେ ଜନଜୀବନରେ ସ୍ୱାଭାବିକତା ଖୁବ୍ ଶୀଘ୍ର ଫେରିଆସିବ ବୋଲି ମୋର ବିଶ୍ୱାସ ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ

DADLS - 5

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ - ତଥାଗତ ସତପଥୀ